# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୩/୨୦୨୫ (୧୨ ପୃଷ୍ଠା) Bhubaneswar, Tuesday, June 3/2025 Page 12 ₹ 7.00 | BERHAMPUR

୫୧ଶ ଭାଗ ୧୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 188 ମୂଲ୍ୟ ₹୭/-




ମହାବଳ ବାଘ କ୍ରିଷ୍ଣା ଓ ଧଳା ବାଘୁଣୀ ରୂପାର ମିଳନରୁ ଜାତ ୭ ମାସର ଧଳା ବାଘ ଛୁଆର ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। **(ରିପୋର୍ଟ: ପୃଷ୍ଠା-୩)**

# ଖୋଲିବନି ନୂଆ ମଦ ଦୋକାନ

## ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି: ମନ୍ତ୍ରୀ ହରିଚନ୍ଦନ

ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଓଡ଼ିଶାରେ ନୂଆ ଅବକାରୀ ନୀତି ପ୍ରଚଳନ କରାଯିବ। ତେବେ ରାଜ୍ୟରେ ଆଉ ନୂଆ ମଦ ଦୋକାନ (ଅଫ୍ ଶପ୍) ଖୋଲିବାକୁ ଦିଆଯିବ ନାହିଁ। ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବୁଧବାର ଏନେଇ ସ୍ପଷ୍ଟ କରିଛନ୍ତି। ରାଜ୍ୟରେ ଏକ ଦୃଢ଼ ଅବକାରୀ ନୀତି ପ୍ରଚଳନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)

ରାଜ୍ୟରେ ଆଉ ନୂଆ ମଦ (ଅଫ୍ ଶପ୍) ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ। ଏବେ ସରକାରଙ୍କ ପାଖରେ ଯେଉଁ ଅବକାରୀ ନୀତି ରହିଛି, ତାହାକୁ ବିଭିନ୍ନ ପର୍ଯ୍ୟାୟରେ ତର୍ଜମା କରାଯାଉଛି। ଏହାବାଦ୍ ତିନୋଟି ଦଳ ୪ଟି ରାଜ୍ୟ ଗସ୍ତ କରିଛନ୍ତି। ସେମାନେ ସେଠାକାର ନୀତି ସମ୍ପର୍କରେ ଅବଗତ ହେବେ। କିଛି ନୂତନ ତଥ୍ୟ ମିଳିଲେ, ତାହାକୁ ନୂଆ ଅବକାରୀ ନୀତିରେ ସଂଯୋଗ କରାଯିବ। ଓଡ଼ିଶାରେ ନୂତନ ଅବକାରୀ ନୀତି ଆସନ୍ତା ଚଳିତ ମାସ ତୃତୀୟ ସପ୍ତାହ ସୁଦ୍ଧା ଆସିବ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ ହରିଚନ୍ଦନ ସୋମବାର ଗଣମାଧ୍ୟମକୁ କହିଛନ୍ତି, ଓଡ଼ିଶାରେ ମଦ ☞ **ପୃଷ୍ଠା-୪**

**ଆଜିର ସମ୍ପାଦକୀୟ**

**ପର ପ୍ରୀତି**

# ହଂସ ଦାରୁକା ଓଡ଼ିଶା ଟପ୍ପର



ହଂସ ଦାରୁକା

**ପ୍ରକାଶ ପାଇଲା ଜେଇଇ ଆଡଭାନ୍ସଡ ରେଜଲ୍ଟ**



ରଜତ ଗୁପ୍ତା

## ସର୍ବଭାରତୀୟ ସ୍ତରରେ ରଜତ ଗୁପ୍ତା ଟପ୍ପର


ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)

ଆଇଆଇଟି କାନପୁର ଦ୍ୱାରା ପରିଚାଳିତ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ ଆଡ୍‌ଭାନ୍ସଡ୍) ୨୦୨୫ ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ଆଇଆଇଟି ଦିଲ୍ଲୀ ଜୋନ୍‌ର ରଜତ ଗୁପ୍ତା ସର୍ବଭାରତୀୟ ଟପ୍ପର ହୋଇଛନ୍ତି। ସେ ୩୬୦ରୁ ୩୩୨ ମାର୍କ ରଖିଛନ୍ତି। ସେହିପରି ଛାତ୍ରୀଙ୍କ ମଧ୍ୟରେ ଆଇଆଇଟି ଖଡଗପୁର ଜୋନ୍‌ର ଦେବଦତ୍ତା ମାଝୀ ୩୬୦ ମାର୍କରୁ ୩୧୨ ମାର୍କ ରଖି ଶ୍ରେଷ୍ଠ ତାଲିକାରେ ରହିଛନ୍ତି। ଅନ୍ୟପକ୍ଷରେ ଓଡିଶାର ହଂସ ଦାରୁକା ଓ ନବନିତ ପ୍ରିୟଦର୍ଶୀ ୧୦୦ ର୍‌ୟାଙ୍କ୍‌ରେ ସ୍ଥାନ ପାଇଛନ୍ତି। ତେବେ ହଂସ ୩୬୦ ମାର୍କରୁ ୩୦୦ ନମ୍ବର ରଖି ସର୍ବଭାରତୀୟସ୍ତରରେ ୩୯ତମ ସ୍ଥାନରେ ରହିବା ସହ ଓଡ଼ିଶା ଜୋନ୍‌ରେ ଟପ୍ପର ହୋଇଛନ୍ତି। ସେ ଆଇଆଇଟି ବମ୍ବେରେ କମ୍ପ୍ୟୁଟର ସାଇନ୍ସରେ ପଢ଼ିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ନବନିତ ସର୍ବଭାରତୀୟସ୍ତରରେ ୯୭ତମ ତାଲିକାରେ ରହିଛନ୍ତି। ସର୍ବଭାରତୀୟ ତାଲିକାରେ ସକ୍ଷମ ☞ **ପୃଷ୍ଠା-୪**

# ଏନ୍‌ଇଇଟି-ପିଜି ସ୍ଥଗିତ

ନୂଆଦିଲ୍ଲୀ,୨।୬

ଚଳିତ ବର୍ଷର ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା-ସ୍ନାତକୋତ୍ତର (ଏନ୍‌ଇଇଟି-ପିଜି)କୁ ସ୍ଥଗିତ ରଖାଯାଇଥିବା ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ବୋର୍ଡ ଅଫ୍ ଏକ୍ଜାମିନେଶନ୍ସ ଇନ୍ ମେଡିକାଲ ସାଇନ୍ସ (ଏନ୍‌ବିଇଏମ୍‌ଏସ୍) ସୋମବାର ଘୋଷଣା କରିଛି। ୨ଟି ଶିଫ୍ଟ ବଦଳରେ ଗୋଟିଏ ଶିଫ୍ଟରେ ଏନ୍‌ଇଇଟି-ପିଜି ପରୀକ୍ଷା କରାଇବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଏନ୍‌ବିଇଏମ୍‌ଏସ୍ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ପରୀକ୍ଷା ଗୋଟିଏ ଶିଫ୍ଟରେ ହେବ। ଏଥିପାଇଁ ଅଧିକ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା କରିବାକୁ ଥିବାରୁ ଏନ୍‌ଇଇଟି-ପିଜି ପାଇଁ ସାନି ତାରିଖ ଖୁବ୍ ଶୀଘ୍ର ☞ **ପୃଷ୍ଠା-୪**





# ପିଓକେରେ ବଢୁଛି ଉତ୍ତେଜନା

## ଚାଇନା-ପାକ୍ ଜାତୀୟ ରାଜପଥ ୩ ଦିନ ହେଲା ଅବରୋଧ

ନୂଆଦିଲ୍ଲୀ,୨।୬

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କ ନେତୃତ୍ୱାଧୀନ ସରକାରଙ୍କ ବାଣିଜ୍ୟ ନୀତିକୁ ବିରୋଧ କରି ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ଗିଲ୍‌ଗିଟ୍-ବାଲ୍ଟିସ୍ତାନର ଅନେକ ହଜାର ଉତ୍ତେଜିତ ବାସିନ୍ଦା ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ଚାଇନା ଓ ପାକିସ୍ତାନକୁ ସଂଯୋଗ କରୁଥିବା ସିପିଇସି (ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର)ର ମୁଖ୍ୟ ଭାଗ କୋରାକୋରମ ରାଜପଥକୁ ୩ ଦିନ ହେଲା ଅବରୋଧ କରିଛନ୍ତି। ଫଳରେ ଏହି ପ୍ରମୁଖ ରାସ୍ତା ଦେଇ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଶାସକ ଦଳ ପିଏମ୍‌ଏଲ୍(ଏନ୍) ସମେତ ଅନ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନରେ ଗିଲ୍‌ଗିଟ୍-ବାଲ୍ଟିସ୍ତାନର ଆମଦାନୀ ଓ ରପ୍ତାନିକାରୀମାନେ ସରକାରଙ୍କ ବାଣିଜ୍ୟ




ନୀତିକୁ ବିରୋଧ କରିଆସୁଛନ୍ତି। ଏଭଳି ନୀତି ଶୋଷଣକାରୀ ଏବଂ ଅର୍ଥନୀତିର ହତ୍ୟାକାରୀ ବୋଲି ସେମାନେ ଅଭିହିତ କରିଛନ୍ତି। ସରକାର ଆତଙ୍କବାଦୀଙ୍କୁ କ୍ଷତିପୂରଣ ଦେଉଥିବାବେଳେ ବ୍ୟବସାୟୀମାନଙ୍କୁ ସହାୟତା କରିବାରେ ବିଫଳ ହୋଇଥିବା ଶେହବାଜଙ୍କ ଦଳର ଜଣେ ନେତା କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ବିକ୍ଷୋଭକାରୀମାନେ ରାସ୍ତାରୁ ହଟିବେ ନାହିଁ ବୋଲି କହିଛନ୍ତି।

ବିକ୍ଷୋଭକାରୀଙ୍କ ସହ ହୁଞ୍ଜା, ଗିଲ୍‌ଗିଟ୍ ଓ ଅନ୍ୟ ସହରରୁ ବ୍ୟବସାୟୀ, ବୁଦ୍ଧିଜୀବୀ, ସିଭିଲ ସୋସାଇଟି ସଦସ୍ୟମାନେ ସାମିଲ ହୋଇଛନ୍ତି। ଇସ୍‌ଲାମାବାଦ ପାକ୍ ଅଧିକୃତ କଶ୍ମୀରକୁ ଅବହେଳା କରୁଥିବାରୁ ଏହାର ଫଳ ସ୍ୱରୂପ ସେଠାରେ ନିୟମିତ ବ୍ୟବଧାନରେ ଆନ୍ଦୋଳନ ମୁଣ୍ଡ ଟେକୁଛି। ମାସେ ପୂର୍ବରୁ ଏକ ପ୍ରସ୍ତାବିତ ବିଲ୍‌କୁ ନେଇ ଗିଲ୍‌ଗିଟ୍-ବାଲ୍ଟିସ୍ତାନରେ ଜୋର୍‌ଦାର ବିକ୍ଷୋଭ ହୋଇଥିଲା। ଉକ୍ତ ବିଲ୍ କାର୍ଯ୍ୟକାରୀ ହେଲେ ସେମାନଙ୍କ ଜମି ଓ ଉକ୍ତ ଅଞ୍ଚଳରୁ ଖଣିଜକୁ ସରକାର ନେଇଯିବା ସହ ଦୀର୍ଘଦିନ ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ସେମାନେ ଅଭିଯୋଗ କରିଥିଲେ। ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଏବଂ ଦରଦାମ୍ ବୃଦ୍ଧି ଲାଗିରହିଥିବାବେଳେ ୨୦୨୩ ଅକ୍ଟୋବରରେ ଭାରତର କାର୍‌ଗିଲକୁ ସଡ଼କ ପଥ ଖୋଲାଯିବା ଦାବିରେ ସ୍ଥାନୀୟ ଲୋକେ ବିକ୍ଷୋଭ କରିଥିଲେ।

## ସଂକ୍ଷେପରେ

### ଆଜିଠୁ ରାମମନ୍ଦିର ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ରୀତିନୀତି

ଲକ୍ଷ୍ନୌ,୨।୬

ଅଯୋଧ୍ୟା ରାମମନ୍ଦିରର ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ଆସନ୍ତା ୫ ତାରିଖରେ ହେବାକୁ ଥିବାବେଳେ ମଙ୍ଗଳବାରଠାରୁ ରୀତିନୀତି ଆରମ୍ଭ ହେବ। ଏହା ପୂର୍ବରୁ ମନ୍ଦିର ଶିଖରକୁ ସ୍ୱର୍ଣ୍ଣଖଚିତ କରାଯାଇଛି। ସୁନାର ଉଜ୍ଜ୍ୱଳ ରଙ୍ଗରେ ଏହା ବହୁ ଦୂରରୁ ଝଟକୁଥିବା ଦେଖିବାକୁ ମିଳିଛି। ଗତବର୍ଷ ମନ୍ଦିର ନିର୍ମାଣର ପ୍ରଥମ ପର୍ଯ୍ୟାୟ ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ଜାନୁଆରୀ ୨୨ରେ ଏହାର ପ୍ରାଣପ୍ରତିଷ୍ଠା କରିଥିଲେ। ତେବେ ମନ୍ଦିରର ଅନ୍ୟାନ୍ୟ ଭାଗର କାର୍ଯ୍ୟ ଜାରି ରହିଥିଲା। ନବନିର୍ମିତ ରାମଦରବାରରେ ୫ ତାରିଖରେ ଦ୍ୱିତୀୟ ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି।

### କାରୋଲ ନଓରୋକି ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ

ୱାର୍ସା,୨।୬

କଞ୍ଜରଭେଟିଭ୍ ନେତା କାରୋଲ ନଓରୋକି ପୋଲାଣ୍ଡ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ସୋମବାର ଚୂଡ଼ାନ୍ତ ଗଣତି ଅନୁଯାୟୀ ନଓରୋକି ୫୦.୮୯ ପ୍ରତିଶତ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ୱାର୍ସା ମେୟର ରାଫାଲ ଟ୍ରଜାସ୍କୋଓସ୍କି



୪୯.୧୧ ପ୍ରତିଶତ ଭୋଟ ପାଇଛନ୍ତି। ତେବେ ରବିବାର ସନ୍ଧ୍ୟାରେ ପ୍ରକାଶ ପାଇଥିବା ଏକ୍‌ଜିଟ୍ ପୋଲ୍ ଅନୁଯାୟୀ, ଟ୍ରଜାସ୍କୋଓସ୍କି ବିଜୟୀ ହେବେ ବୋଲି ପୂର୍ବାନୁମାନ କରାଯାଇଥିଲା। ଚୂଡ଼ାନ୍ତ ଫଳାଫଳ ପୂର୍ବାନୁମାନକୁ ବଦଳାଇ ଦେଇଛି। ନୂଆ ନେତାଙ୍କ ନେତୃତ୍ୱରେ ପୋଲାଣ୍ଡ ଅଧିକ ଜାତୀୟତାବାଦୀ ମାର୍ଗ ଅନୁସରଣ କରିବା ଆଶା କରାଯାଉଛି। କାରୋଲଙ୍କ ପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ରହିଛି।

# ତୁର୍କୀରେ ରୁଷିଆ-ୟୁକ୍ରେନ୍ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା

ଇସ୍ତାନବୁଲ,୨।୬

ରୁଷିଆ-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ପାଇଁ ସୋମବାର ତୁର୍କୀର ଇସ୍ତାନବୁଲରେ ୨ ଦେଶର ପ୍ରତିନିଧିଙ୍କ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଚସ୍ତରୀୟ ଆଲୋଚନା ଅନୁଷ୍ଠିତ ହୋଇଛି। ୨ ସପ୍ତାହ ପୂର୍ବରୁ ୨ ଦେଶ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ଅଗ୍ରଗତି ଘଟି ନ ଥିଲା। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଲାଗି ରହିଥିବାବେଳେ ଏହି ଆଲୋଚନା ଯୁଦ୍ଧବିରତିରେ କେତେଦୂର ସହାୟକ ହେବ, ତାହା ଜଣାପଡ଼ି ନାହିଁ। କାରଣ ଆଲୋଚନାର ଦିନକ ପୂର୍ବରୁ ଉଭୟ ପକ୍ଷ ରବିବାର ପରସ୍ପରକୁ ଆକ୍ରମଣ କରିଥିଲେ। ୟୁକ୍ରେନୀୟ ସେନା ସାଇବେରିଆର ପୂର୍ବାଞ୍ଚଳରେ ଥିବା ରୁଷିଆର ଏକ ଏୟାରବେସ୍‌କୁ ଟାର୍ଗେଟ କରି ଡ୍ରୋନ୍ ମାଡ଼ କରିବାରୁ ରୁଷିଆର ୪୦ରୁ ଊର୍ଦ୍ଧ୍ୱ ଏୟାରକ୍ରାଫ୍ଟ ଧ୍ୱଂସ ହୋଇଯାଇଛି। ସେହିପରି ରୁଷିଆର ୨ଟି ବ୍ରିଜ୍‌କୁ ମଧ୍ୟ ୟୁକ୍ରେନ୍ ଉଡ଼ାଇଦେବାରୁ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ୬୯ ଜଣ ଆହତ ହୋଇଥିଲେ। ଅନ୍ୟପକ୍ଷେ ରୁଷୀୟ ସୈନ୍ୟଙ୍କ ଆକ୍ରମଣରେ ୟୁକ୍ରେନୀୟ ସେନାର ଏକ ତାଲିମ ଶିବିରରେ ୧୨ ସୈନ୍ୟ ନିହତ ହୋଇଥିଲେ।

ପ୍ରତିରକ୍ଷା ମନ୍ତ୍ରୀ ରୁସ୍ତେମ୍ ଉମେରୋଭ ୟୁକ୍ରେନ୍ ପ୍ରତିନିଧି ଦଳର ନେତୃତ୍ୱ ନେଉଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହଯୋଗୀ ଭ୍ଲାଡିମିର ମେଡିନ୍‌ସ୍କି କ୍ରେମ୍‌ଲିନ୍ ଟିମ୍‌ର ନେତୃତ୍ୱ ନେଉଛନ୍ତି। ତୁର୍କୀ ବହିର୍ବ୍ୟାପାର ମନ୍ତ୍ରୀ ହକାନ ଫିଦାନଙ୍କ ଅଧ୍ୟକ୍ଷତାରେ ଇସ୍ତାନବୁଲ୍‌ର ସିରାଗାନ୍ ପ୍ୟାଲେସ୍‌ରେ ବୈଠକ ଚାଲିଛି। ଯୁଦ୍ଧ ବନ୍ଦ ପାଇଁ ଉଭୟ ପକ୍ଷ ମୁଖ୍ୟ ସର୍ତ୍ତଠାରୁ ଦୂରେଇ ରହିଥିବା ସୂଚନା ଦେଇଛନ୍ତି।

# କଶ୍ମୀରୀ ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ, ଥଇଥାନ ପାଇଁ ମେହବୁବାଙ୍କ ଦାବି

ଶ୍ରୀନଗର,୨।୬


ମେହବୁବା ମୁଫ୍ତି

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍ତି ସୋମବାର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଭେଟି ବିସ୍ଥାପିତ କଶ୍ମୀରୀ ପଣ୍ଡିତମାନଙ୍କୁ ମର୍ଯ୍ୟାଦାର ସହ ଫେରାଇଆଣିବା ଏବଂ ଥଇଥାନ ପାଇଁ ଦାବି କରିଛନ୍ତି। ସିହ୍ନା ୨୦୨୦ରେ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ଉପରାଜ୍ୟପାଳ ନିଯୁକ୍ତ ହେବା ପରେ ମେହବୁବା ତାଙ୍କୁ ପ୍ରଥମ ଥର ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ସୀମାପାର ମୋର୍ଟାର ଶେଲ୍ ମାଡ଼ରେ ୧୮ ସାଧାରଣ ନାଗରିକଙ୍କ ମୃତ୍ୟୁ ସମେତ ଜମ୍ମୁ-କଶ୍ମୀରର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କଶ୍ମୀରୀ ପଣ୍ଡିତଙ୍କ ପ୍ରତ୍ୟାବର୍ତ୍ତନ ଓ ପୁନର୍ବାସ ପାଇଁ ଏକ ଲିଖିତ ପ୍ରସ୍ତାବ ସେ ଉପରାଜ୍ୟପାଳଙ୍କୁ ଦେବା ସହ ଏହାର ନକଲ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ପାଖକୁ ପଠାଇଛନ୍ତି।

୧୯୯୦ରେ ଉଗ୍ରବାଦ ବଢ଼ିବାରୁ ଉପତ୍ୟକା ଛାଡ଼ି ପଳାଇଥିବା କଶ୍ମୀରୀ ପଣ୍ଡିତମାନେ ଏବେ ଜମ୍ମୁ, ଦିଲ୍ଲୀ ଓ ଦେଶର ଅନ୍ୟାନ୍ୟ ସ୍ଥାନରେ ରହୁଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୨୦୨୦ ରିପୋର୍ଟ ଅନୁଯାୟୀ ବିସ୍ଥାପିତ କଶ୍ମୀରୀ ପଣ୍ଡିତ ପରିବାର ସଂଖ୍ୟା ୬୪,୯୫୧କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୪୩,୬୧୮ ପରିବାର ଜମ୍ମୁରେ, ୧୯,୩୩୮ ପରିବାର ଦିଲ୍ଲୀରେ ଏବଂ ୧,୯୯୫ ପରିବାର ଅନ୍ୟ ରାଜ୍ୟରେ ବସବାସ କରୁଛନ୍ତି।

# ଭାରତର ୫ ବିଲିୟନ ଡଲାର ରପ୍ତାନି ପ୍ରଭାବିତ ହୋଇପାରେ

## ଇସ୍ପାତ, ଆଲୁମିନିୟମ୍ ଉପରେ ଆମେରିକାର ଟାରିଫ୍ ବୃଦ୍ଧି ପ୍ରସ୍ତାବ

କୋଲକାତା,୨।୬

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇସ୍ପାତ ଓ ଆଲୁମିନିୟମ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ପାଇଁ ପ୍ରସ୍ତାବ ରଖିଥିବାରୁ ଏହାର ଭାରତର ଇଞ୍ଜିନିୟରିଂ ସାମଗ୍ରୀ ରପ୍ତାନିକୁ ଗୁରୁତର ପ୍ରଭାବିତ କରିପାରେ। ଇଞ୍ଜିନିୟରିଂ ଏକ୍ସପୋର୍ଟ ପ୍ରମୋଶନ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ (ଇଇପିସି) ପକ୍ଷରୁ ଏଭଳି ଆକଳନ କରାଯାଇଛି। ଆମେରିକାକୁ ଭାରତ ରପ୍ତାନି କରୁଥିବା ମୋଟ ଇଞ୍ଜିନିୟରିଂ ସାମଗ୍ରୀ ମଧ୍ୟରୁ ଇସ୍ପାତ ଓ ଆଲୁମିନିୟମ ପ୍ରସ୍ତୁତ ସାମଗ୍ରୀ ପରିମାଣ ପ୍ରାୟ ଏକ-ଚତୁର୍ଥାଂଶ। ବର୍ତ୍ତମାନ ଭାରତ ଆମେରିକାକୁ ବାର୍ଷିକ ପ୍ରାୟ ୫ ବିଲିୟନ ଡଲାର ମୂଲ୍ୟର ଇସ୍ପାତ ଓ ଆଲୁମିନିୟମ ରପ୍ତାନି କରୁଛି। ଗତ ମାର୍ଚ୍ଚ ୧୮ରେ ଆମେରିକା ଇସ୍ପାତ ଆମଦାନୀ ଉପରେ ୨୫ ପ୍ରତିଶତ ଟାରିଫ୍ ଲଗାଇଥିଲା, ଯାହା ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଆମେରିକାକୁ ସିଧାସଳଖ ଭାରତର ଇସ୍ପାତ ରପ୍ତାନି ସୀମିତ ହୋଇଥିଲେ ମଧ୍ୟ ଟାରିଫ୍ ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତାକୁ ଜୋର୍‌ଦାର କରିବା ସହ ବାଣିଜ୍ୟ ପ୍ରବାହ ବାଧାପ୍ରାପ୍ତ ହୋଇଛି। ୫୦% ଟାରିଫ୍ ଲାଗୁ ହେଲେ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀଗୁଡ଼ିକ ଅଧିକ ମହଙ୍ଗା ହେବ ଏବଂ ରପ୍ତାନି ହ୍ରାସ ପାଇବ ବୋଲି ଇଇପିସି ଇଣ୍ଡିଆର ଅଧ୍ୟକ୍ଷ ପଙ୍କଜ ଚଢ଼ା କହିଛନ୍ତି। ବ୍ରିଟେନ୍ ଆମେରିକା ସହ ବାଣିଜ୍ୟ ଚୁକ୍ତିନାମା ବଳରେ ଇସ୍ପାତ ଓ ଆଲୁମିନିୟମ୍ ଉପରୁ ୨୫ ପ୍ରତିଶତ ଟାରିଫ୍ ଛାଡ଼ ପାଇଥିବାବେଳେ ଭାରତ ମଧ୍ୟ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା (ବିଟିଏ) ବୁଝାମଣାବେଳେ ଅନୁରୂପ ଛାଡ଼ ପାଇଁ ପ୍ରସ୍ତାବ ଦେବାକୁ ଚଢ଼ା କହିଛନ୍ତି।

# ଶାଗୁଣା ଧକ୍କାରୁ ବିମାନର ଜରୁରୀ ଅବତରଣ

ରାଞ୍ଚି, ୨।୬

ସୋମବାର ପାଟନାରୁ ରାଞ୍ଚି ଆସୁଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ଶାଗୁଣା ଧକ୍କା ହୋଇଯିବାରୁ ବିମାନଟିକୁ ରାଞ୍ଚିର ବିର୍ସାମୁଣ୍ଡା ଏୟାରପୋର୍ଟରେ ଏମର୍ଜେନ୍ସି ଲାଣ୍ଡିଂ କରିବାକୁ ପଡ଼ିଛି। ଉକ୍ତ ବିମାନରେ ୧୭୫ ଜଣ ଯାତ୍ରୀ ରହିଥିଲେ। ତେବେ ବିମାନର ସମସ୍ତ ଯାତ୍ରୀ ଏବଂ କ୍ରିଉ ସଦସ୍ୟ ସୁରକ୍ଷିତ ରହିଛନ୍ତି ବୋଲି ଇଣ୍ଡିଗୋ ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି। ବିମାନଟି ୩ ହଜାରରୁ ୪ ହଜାର ଫୁଟ ଉଚ୍ଚତାରେ ଥିବା ବେଳେ ଏକ ଶାଗୁଣା ବିମାନ ସହ ଧକ୍କା ହୋଇଯାଇଥିଲା।

# ଗେମିଂ ଆପ୍‌ରେ ୫ ଲକ୍ଷ ହରାଇ ଦମ୍ପତିଙ୍କ ଆତ୍ମହତ୍ୟା

କୋଟା, ୨।୬ (ପି.ଟି.)

ଏକ ଅନ୍‌ଲାଇନ ଗେମିଂ ଆପ୍‌ରେ ୫ ଲକ୍ଷ ଟଙ୍କା ହରାଇବା ପରେ ରାଜସ୍ଥାନର କୋଟା ଜିଲାରେ ଏକ ଦମ୍ପତି ହତାଶ ହୋଇ ରବିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଛନ୍ତି। କୋଟାର ଖେଡ଼ା ରାମପୁର ଗ୍ରାମସ୍ଥିତ ନିଜ ଘରେ ଦୀପକ ରାଠୋଡ଼ ଓରଫ୍ ଭିକି (୩୦) ଏବଂ ତାଙ୍କ ସ୍ତ୍ରୀ ରାଜେଶ ରାଠୋଡ଼ ଓରଫ କ୍ରୀଷ୍ଣା (୨୭) ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପୋଲିସର ସୂଚନା ଅନୁଯାୟୀ, ଏହି ଦମ୍ପତି ରବିବାର ରାତିରେ ସ୍ଥାନୀୟ ବଜାରରୁ ନାଇଲନ ଦଉଡ଼ି କିଣିଥିଲେ। ରାତ୍ରି ଭୋଜନ ପରେ ସେମାନେ ରଶିରେ ଝୁଲି ଆତ୍ମହତ୍ୟା କରିଥିଲେ। ସୋମବାର ସକାଳେ ଦୀପକଙ୍କ ପରିବାର ଲୋକେ ତାଙ୍କ ରୁମ୍‌ର କବାଟ ବାଡ଼େଇବାରୁ ତାଙ୍କ ୫ ବର୍ଷର ଝିଅ


ଦୀପକଙ୍କ ସହ ସ୍ତ୍ରୀ କ୍ରୀଷ୍ଣା।

କବାଟ ଖୋଲିଥିଲେ। ଏହାପରେ ପରିବାର ଲୋକେ ଉଭୟ ଦୀପକ ଓ ତାଙ୍କ ସ୍ତ୍ରୀଙ୍କୁ ରଶିରେ ଝୁଲୁଥିବାର ଦେଖି ପୋଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ୍ ହସ୍ତଗତ ହୋଇ ନ ଥିବା ପୋଲିସ କହିଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଦୀପକ ପ୍ରାୟତଃ ତାଙ୍କ ମୋବାଇଲ ଫୋନ୍‌ରେ ଅନ୍‌ଲାଇନ ଗେମ ଖେଳି ଟଙ୍କା ଲଗାଉଥିଲେ। ସେ ନିକଟରେ ଏକ ଅନ୍‌ଲାଇନ ଗେମିଂ ଆପ୍‌ରେ ୫ ଲକ୍ଷ ଟଙ୍କା ହରାଇଥିଲେ। ତେଣୁ ଗତ କିଛିଦିନ ହେବ ସେ ସର୍ବଦା ଉଦାସ ରହୁଥିଲେ। ଦିନକ ତଳେ ଦୀପକ ନିଜ ଦେଢ଼ଶାଶୁଙ୍କ ସହ କଥା ହୋଇ ଅନ୍‌ଲାଇନ୍ ଗେମିଂ ଆପ୍‌ରେ ଟଙ୍କା ହରାଇଥିବାରୁ ଏବେ ତାଙ୍କ ଉପରେ ୪ରୁ ୫ ଲକ୍ଷ ଟଙ୍କାର ଋଣ ରହିଥିବା କହିଥିଲେ। ତେଣୁ ଆତ୍ମହତ୍ୟା ବ୍ୟତୀତ ତାଙ୍କ ନିକଟରେ ଅନ୍ୟ କୌଣସି ଉପାୟ ନାହିଁ ବୋଲି ଦୀପକ କହିଥିଲେ। ଦୀପକ ଏବଂ କ୍ରୀଷ୍ଣାଙ୍କ ବିବାହ ୬ ବର୍ଷ ତଳେ ହୋଇଥିବା ପରିବାର ଲୋକେ କହିଛନ୍ତି। ବ୍ୟବଚ୍ଛେଦ ପରେ ଉଭୟଙ୍କ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଛି। ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି କୋଟା ଡିଏସ୍‌ପି କହିଛନ୍ତି।

# ଭୂସ୍ଖଳନରେ ୩ ଯବାନ ମୃତ

## ୬ ନିଖୋଜ

ଗ୍ୟାଙ୍ଗ୍‌ଟକ, ୨।୬ (ପି.ଟି.)

ସିକିମର ଛତେନଠାରେ ଚାଲିଥିବା ଏକ ମିଲିଟାରି କ୍ୟାମ୍ପରେ ଭୂସ୍ଖଳନ ଘଟିବାରୁ ଭାରତୀୟ ସେନାର ୩ ଯବାନଙ୍କର ମୃତ୍ୟୁ ଘଟିଥିବାବେଳେ ୬ ଜଣ ଯବାନ ନିଖୋଜ ରହିଛନ୍ତି। ରାଜ୍ୟରେ ଗତ କିଛିଦିନ ଧରି ଲଗାଣ ବର୍ଷା ଲାଗି ରହିଥିବାରୁ ଏହାର ପ୍ରଭାବରେ ମଙ୍ଗନ ଜିଲାର ଛତେନର ବିଭିନ୍ନ ଅଞ୍ଚଳରେ ରବିବାର ରାତିରେ ଭୂସ୍ଖଳନ ଘଟିଥିଲା। ଏହି ଭୂସ୍ଖଳନରେ ଭାରତୀୟ ସେନାର ହାବିଲଦାର ଲଖ୍‌ବିନ୍ଦର ସିଂ, ଲାନ୍ସ ନାୟକ ମୁନିସ ଠାକୁର ଏବଂ ପୋର୍ଟର ଅଭିଷେକ ଲାଖଣ୍ଡାଙ୍କର ମୃତ୍ୟୁ ହୋଇଛି। ତେବେ ସାମାନ୍ୟ ଆହତ ଅବସ୍ଥାରେ ୪ ଜଣ ଅନ୍ୟ ଯବାନଙ୍କୁ ଉଦ୍ଧାର କରାଯାଇଛି। ଏବେ ମଧ୍ୟ ୬ ଜଣ ଯବାନ ନିଖୋଜ ରହିଛନ୍ତି। ରେସ୍କ୍ୟୁ ଟିମ୍ ପକ୍ଷରୁ ସେମାନଙ୍କୁ ଖୋଜିବା


ସିକିମର ଛତେନଠାରେ ଭୂସ୍ଖଳନ ପରେ ରେସ୍କ୍ୟୁ ଟିମ୍ ପକ୍ଷରୁ ଫସି ରହିଥିବା ଯବାନଙ୍କୁ ଉଦ୍ଧାର କରାଯାଉଛି।

ପ୍ରକ୍ରିୟା ଜାରି ରହିଛି। ଅନ୍ୟପକ୍ଷରେ, ସିକିମର ଲାଚୁଙ୍ଗ ସହରରେ ଲଗାଣ ବର୍ଷା ଏବଂ ଭୂସ୍ଖଳନ ମଧ୍ୟରେ ଫସି ରହିଥିବା ୧,୬୭୮ ଜଣ ପର୍ଯ୍ୟଟକଙ୍କୁ ସୋମବାର ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ନେଇ ରାଜ୍ୟ ଡିଜିପି ଅକ୍ଷୟ ସଚ୍‌ଦେବା ସୂଚନା ଦେଇଛନ୍ତି। ସେହିପରି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଗତ କିଛି ଦିନ ମଧ୍ୟରେ ଲଗାଣ ବର୍ଷା ଏବଂ ଏହାଦ୍ୱାରା ସୃଷ୍ଟି ହୋଇଥିବା ବନ୍ୟା ଏବଂ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ବଢ଼ି ୩୪ରେ ପହଞ୍ଚିଛି।

## ଫୁରସତ୍

# କୁଲରକୁ ନେଇ ବିବାହରେ ମାର୍‌ପିଟ

ଝାନ୍ସି

ଉତ୍ତରପ୍ରଦେଶର ଝାନ୍ସିରେ ଚାଲିଥିବା ଏକ ବିବାହରେ କୁଲରର ପବନକୁ ନେଇ ମାର୍‌ପିଟ ହେବା ସହ ଚେୟାର ଫିଙ୍ଗାଫୋପଡ଼ା ହୋଇଥିଲା। ଏହି ଘଟଣାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସିପ୍‌ରି ବଜାର ଥାନା ନନ୍ଦନପୁରା ନିବାସୀ ଗଣେଶୀ ରାୟକ୍ୱାରଙ୍କ ଝିଅ ବିବାହରେ କୁଲରର ପବନକୁ ନେଇ ବିବାଦ ଦେଖା ଦେଇଥିଲା। ବିବାହରେ ବର ଏବଂ କନ୍ୟାଙ୍କ ପାଇଁ ମଞ୍ଚ ଉପରେ ଏକ କୁଲର ରଖାଯାଇଥିଲା। ତେବେ ବରଯାତ୍ରୀର କେତେଜଣ ଲୋକ କୁଲର ସମ୍ମୁଖରେ ବସି ପଡ଼ିଥିଲେ, ଯାହାଫଳରେ ବର ଏବଂ କନ୍ୟାଙ୍କ ନିକଟକୁ କୁଲରର ପବନ ଆସିପାରି ନ ଥିଲା। ଏହା ଦେଖି ସେଠାରେ ଉପସ୍ଥିତ କେତେଜଣ କନ୍ୟାପକ୍ଷ ଲୋକ କୁଲର



ସମ୍ମୁଖରେ ବସିଥିବା ବରଯାତ୍ରୀଙ୍କୁ ଉଠି ପଡ଼ିବାକୁ କହିଥିଲେ। ଏହାକୁ ନେଇ ଝଗଡ଼ା ଆରମ୍ଭ ହୋଇଥିଲା, ଯାହା ପରେ ଚେୟାର ଫୋପଡ଼ାଫିଙ୍ଗା ଏବଂ ମାର୍‌ପିଟରେ ପରିଣତ ହୋଇଥିଲା। ଘଟଣାକୁ ନେଇ କନ୍ୟାଙ୍କ ମା’ ଏବଂ ଭାଇ ଝାନ୍ସି ଏସ୍‌ଏସ୍‌ପି ଅଫିସ୍ ପହଞ୍ଚି ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିନୀତା ଛେତ୍ରୀ ରନର୍‌ଅପ୍

## ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ-୨୦୨୫

ଲଣ୍ଡନ

ବ୍ରିଟେନ୍‌ର ଲୋକପ୍ରିୟ ରିୟଲିଟି ଶୋ’ ‘ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ’ର ଚଳିତ ସିଜନରେ ଭାରତର ୯ ବର୍ଷୀୟା ବିନୀତା ଛେତ୍ରୀ ଦ୍ୱିତୀୟ ରନର ଅପ୍ ହୋଇଛନ୍ତି। ଏହି ମଞ୍ଚରେ ବିନୀତା ନିଜ ନୃତ୍ୟ ଦ୍ୱାରା ଦର୍ଶକ ଏବଂ ବିଚାରକମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ କରି ଅନ୍ତର୍ଜାତୀୟ ସ୍ତରରେ ଭାରତର ନାମକୁ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ଯୋଗୁ ଦେଶବ୍ୟାପୀ ଏବେ ତାଙ୍କୁ ଅଭିନନ୍ଦନର ସୁଅ ଛୁଟୁଛି। ବିନୀତା ଆସାମର ହୋଇଥିବା ବେଳେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ତାଙ୍କର ଏକ ଭିଡିଓ ପୋଷ୍ଟ କରି କହିଛନ୍ତି, ଆସାମର ବୋକାଜାନ ସହରସ୍ଥିତ ବ୍ରଏଲର ଫାର୍ମ ମାଲିକ ଅମର ଛେତ୍ରୀଙ୍କର ଝିଅ ବିନୀତା ବ୍ରହ୍ମପୁତ୍ରଠାରୁ ବ୍ରିଟେନ୍ ପର୍ଯ୍ୟନ୍ତ ସମସ୍ତଙ୍କର ହୃଦୟ ଜିତିଛନ୍ତି। ତାଙ୍କୁ ଅନେକ ଅନେକ ଅଭିନନ୍ଦନ। ‘ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ’ ଇତିହାସର ପ୍ରଥମ ଭାରତୀୟ ପ୍ରତିଯୋଗୀ ଭାବେ ବିନୀତା ଏହାର ଫାଇନାଲରେ ପ୍ରବେଶ କରିଥିଲେ। ବ୍ରିଟିଶ୍ ମ୍ୟାଜିସିଆନ୍ ହ୍ୟାରି ମୋଲ୍ଡିଂ ‘ବ୍ରିଟେନ୍ସ ଗଟ୍ ଟ୍ୟାଲେଣ୍ଟ ୨୦୨୫’ର ଟାଇଟଲ ହାସଲ କରିଥିବା ବେଳେ ଏଲ୍‌ଇଡି ଡ୍ୟାନ୍ସ ଗ୍ରୁପ୍ ‘ଦି ବ୍ଲାକ୍‌ଆଉଟ୍ସ’ ଏହି ପ୍ରତିଯୋଗିତାରେ ପ୍ରଥମ ରନର୍ ଅପ୍ ହୋଇଥିଲା। ଗ୍ରାଣ୍ଡ ଫିନାଲେରେ ଦ୍ୱିତୀୟ ରନର ଅପ୍ ହେବାପରେ ଶୋ’ର ହୋଷ୍ଟ ବିନୀତାଙ୍କୁ ତାଙ୍କ ଯାତ୍ରା ବିଷୟରେ ପଚାରିଥିଲେ। ଉତ୍ତରରେ ବିନୀତା କହିଥିଲେ, ସେ ନିଜ ପାଇଁ ଗର୍ବିତ। ଏହା ତାଙ୍କ ଜୀବନର ସବୁଠାରୁ ବିଶେଷ ମୁହୂର୍ତ୍ତ। ବିନୀତାଙ୍କ ଏହି ଉକ୍ତି ଶୁଣିବା ପରେ ଦର୍ଶକମାନେ କରତାଳିରେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।



# ଟ୍ରେନ୍‌ର ଜନ୍ମଦିନ ପାଳିଲେ ଯାତ୍ରୀ






ପୁଣେ

ମହାରାଷ୍ଟ୍ରର ମୁମ୍ବାଇ ଏବଂ ପୁଣେକୁ ସଂଯୋଗ କରୁଥିବା ଡେକାନ୍ କୁଇନ୍ ପାସେଞ୍ଜର ଟ୍ରେନ୍‌ର ୯୬ତମ ଜନ୍ମଦିନକୁ ରବିବାର ଧୁମ୍‌ଧାମ୍‌ରେ ପାଳନ କରାଯାଇଛି। ଏହି ଅବସରରେ ରେଲ୍‌ୱେ ପାସେଞ୍ଜର ଗ୍ରୁପ୍‌ର ଅଧ୍ୟକ୍ଷ ହର୍ଷ ଶାହ ପୁଣେ ଷ୍ଟେଶନର ପ୍ଲାଟ୍‌ଫର୍ମ ନମ୍ବର-୩ରେ କେକ୍ କାଟି ଡେକାନ୍ କୁଇନ୍‌ର ଜନ୍ମଦିନକୁ ପାଳନ କରିଥିଲେ। ଏହି ସେଲିବ୍ରେଶନ ସମୟରେ ପ୍ରତିଦିନ ପୁଣେରୁ ମୁମ୍ବାଇକୁ ଯାତାୟାତ କରୁଥିବା ଅନେକ ଯାତ୍ରୀ ଉପସ୍ଥିତ ଥିଲେ। ହର୍ଷ କହିଛନ୍ତି, ଗତ ୭୫ ବର୍ଷ ଧରି ପ୍ରତିବର୍ଷ ଡେକାନ୍ କୁଇନର ଜନ୍ମଦିନକୁ ପାଳନ କରାଯାଉଛି। ପ୍ରକାଶ ଯେ, ମୁମ୍ବାଇ ଏବଂ ପୁଣେ ସହରକୁ ସଂଯୋଗ କରିବାରେ ଡେକାନ୍ କୁଇନ୍ ଏକ ପ୍ରମୁଖ ମାଧମ ଭାବେ ଜଣାଶୁଣା। ଠିକ୍ ସମୟରେ ପ୍ରସ୍ଥାନ ଏବଂ ଆଗମନ ପାଇଁ ପ୍ରସିଦ୍ଧ ଥିବା ଏହି ଟ୍ରେନ୍ ଗତ ୯୫ ବର୍ଷ ଧରି ଯାତ୍ରୀମାନଙ୍କ ମଧ୍ୟରେ ବିଶ୍ୱାସର ପ୍ରତୀକ ହୋଇରହିଛି। ପ୍ରତିଦିନ ଅନେକ ହଜାର ସଂଖ୍ୟାରେ ଯାତ୍ରୀ ଏହି ଟ୍ରେନ୍ ଯୋଗେ ମୁମ୍ବାଇ ଏବଂ ପୁଣେ ମଧ୍ୟରେ ଯାତାୟାତ କରିଥାନ୍ତି।




# ସରକାରଙ୍କ ଖର୍ଚ୍ଚ ୧% ବଢ଼ିଛି

## ସାମାଜିକ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)

ରାଜ୍ୟରେ ବଜେଟ ଅର୍ଥ ଖର୍ଚ୍ଚ ଆଶାଜନକ ନ ହେବା ନେଇ ଭାଜପା ସରକାରକୁ ବିରୋଧୀମାନେ ସମାଲୋଚନା କରି ଆସୁଥିଲେ ହେଁ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଭାଜପା ସରକାର ଗତ ଆର୍ଥିକବର୍ଷର ଦୁଇମାସ ପରେ (ଜୁନ୍ ୧୨) ଦାୟିତ୍ୱ ଗ୍ରହଣ କରିଥିଲେ ହେଁ ପୂର୍ବବର୍ଷ ତୁଳନାରେ ୨୬ହଜାର କୋଟି ଟଙ୍କା ଅଧିକ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛି। ୨୦୨୩-୨୪ ଆର୍ଥିକବର୍ଷ ତୁଳନାରେ ୨୦୨୪-୨୫ ଆର୍ଥିକବର୍ଷରେ ବଜେଟ ଅର୍ଥ ପ୍ରାୟ ୧% ଅଧିକ ଖର୍ଚ୍ଚ ହୋଇଛି। କୃଷି, ମତ୍ସ୍ୟ ଓ ପଶୁ ସମ୍ପଦ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ମହିଳା ଓ ଶିଶୁ କଲ୍ୟାଣ, ବିଜ୍ଞାନ ଓ କାରିଗରି ଭଳି ବିଭିନ୍ନ ସାମାଜିକ କ୍ଷେତ୍ରରେ ସରକାର ଆଖିଦୃଶିଆ ଅର୍ଥ ଖର୍ଚ୍ଚ କରିଛନ୍ତି ବୋଲି ଅର୍ଥ ବିଭାଗରୁ ତଥ୍ୟରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷରେ ପୂର୍ବ ସରକାର ତାଙ୍କ ବଜେଟରେ ୨,୫୭,୧୮୦.୭୯ କୋଟି ଟଙ୍କା ବ୍ୟୟ ଅଟକଳ କରିଥିବାବେଳେ ସେଥିମଧ୍ୟରୁ ୨ଲକ୍ଷ ୭ହଜାର ୬୯୭.୩୫ କୋଟି ଟଙ୍କା ଖର୍ଚ୍ଚ କରିଥିଲେ, ଯାହା କି ପୂର୍ବ ସରକାରଙ୍କ ସର୍ବାଧିକ ଖର୍ଚ୍ଚ ହାର ୮୦.୭୬% ରହିଥିଲା। ମାତ୍ର ଭାଜପା ସରକାର ଗତ ୨୦୨୪-୨୫ରେ ୨ଲକ୍ଷ ୮୫ହଜାର ୨୫୧.୨୧ କୋଟି ଟଙ୍କାର ବ୍ୟୟ ଅଟକଳ କରି ସେଥିରୁ ୨ଲକ୍ଷ ୩୩ହଜାର ୭୬.୧୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସରକାର ଗତ ଆର୍ଥିକବର୍ଷରେ ମାତ୍ର ୧୦ମାସ ମଧ୍ୟରେ ପ୍ରାୟ ୧% ଅର୍ଥ ଅଧିକ ଖର୍ଚ୍ଚ କରିବାରେ ସକ୍ଷମ ହୋଇଛନ୍ତି। ଏହା କେବଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାରମ୍ବାର ସମୀକ୍ଷା ବୈଠକ ଯୋଗୁ ସଫଳ ହୋଇପାରିଛି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ତେବେ ପୂର୍ବ ସରକାର ସମୟରେ ଅର୍ଥ ବିଭାଗ ଲାଗି ୬୧ ହଜାର ୨୧କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ସେଥିରୁ ୪୬ ହଜାର ୬୩୧.୬୪ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଥିଲା, ଯାହାକି ଖର୍ଚ୍ଚ ହାର ୭୬.୪୨% ଥିଲା। ମାତ୍ର ଭାଜପା ସରକାର ଗତବର୍ଷ ବଜେଟ ପରିମାଣ ୬୨ ହଜାର ୨୩୧ କୋଟିଟଙ୍କାକୁ ବୃଦ୍ଧିକରିଥିଲେ ଏବଂ ସେଥିରୁ ୫୪ ହଜାର ୯୫୨ କୋଟି ଖର୍ଚ୍ଚ କରିବାରେ ସକ୍ଷମ ହୋଇଥିଲେ। ଅର୍ଥ ବିଭାଗର ଖର୍ଚ୍ଚ ହାର ୮୮.୩%କୁ ବଢ଼ିଥିଲା। ଗତ ଆର୍ଥିକବର୍ଷ(୨୦୨୩-୨୪) ତୁଳନାରେ ୨୦୨୪-୨୫ରେ ପ୍ରାୟ ୧୨% ଅର୍ଥ ଅଧିକ ଖର୍ଚ୍ଚ ହୋଇଛି।

ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପୂର୍ବବର୍ଷ ୫୦୮୬ କୋଟି ଟଙ୍କା ମଧ୍ୟରୁ ୪୨୯୬ କୋଟିଟଙ୍କା ଖର୍ଚ୍ଚକରିଥିଲା, ବିଭାଗର ଖର୍ଚ୍ଚ ହାର ୮୪.୪୮ % ରହିଥିଲା। ମାତ୍ର ଗତ ଆର୍ଥିକବର୍ଷ ବଜେଟ ପରିମାଣ ୮ହଜାର ୧୦୯ କୋଟି ଟଙ୍କା ମଧ୍ୟରୁ ୭ ହଜାର ୪୮୬ କୋଟି ଟଙ୍କା ଖର୍ଚ୍ଚ ହୋଇପାରିଛି, ଯାହାକି ୯୨.୩୨%। ସେହିପରି ଏମ୍‌ଏସ୍‌ଏମ୍‌ଇ ବିଭାଗ ୨୦୨୩-୨୪ରେ ୬୩.୩୩% ଅର୍ଥ ଖର୍ଚ୍ଚ କରିଥିବାବେଳେ ୨୦୨୪-୨୫ରେ ଏହା ୬୮.୩%କୁ ବୃଦ୍ଧି ପାଇଛି। ଉଚ୍ଚଶିକ୍ଷା ବିଭାଗରେ ୨% ଅର୍ଥ ଅଧିକ ଖର୍ଚ୍ଚ ହୋଇଥିବାବେଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗରେ ୩%ରୁ ଊର୍ଦ୍ଧ୍ୱ ଅର୍ଥ ଖର୍ଚ୍ଚ ହୋଇଛି। ସାଧାରଣ ଉଦ୍ୟୋଗ ବିଭାଗରେ ୯% ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବାବେଳେ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ୧୫% ଅଧିକ, ପର୍ଯ୍ୟଟନରେ ୬%, ବିଜ୍ଞାନ ଓ କାରିଗରିରେ ୩%, କୃଷିରେ ୩%, ବାଣିଜ୍ୟରେ ସର୍ବାଧିକ ୩୦% ଅର୍ଥ ଅଧିକ ଖର୍ଚ୍ଚ ହୋଇଥିବା ବିଭାଗୀୟ ତଥ୍ୟରୁ ଜଣାଯାଇଛି। ପୂର୍ବବର୍ଷ ୬୩.୫୩% ଅର୍ଥ ଖର୍ଚ୍ଚ ହୋଇଥିବାବେଳେ ଗତବର୍ଷ ୯୩.୨୧% ଅର୍ଥ ଖର୍ଚ୍ଚ ହୋଇଛି। ତେବେ ପଞ୍ଚାୟତିରାଜ, ନଗର ଉନ୍ନୟନ, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ, ଅବକାରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଭଳି କେତେକ ବିଭାଗ ବଜେଟ ଅର୍ଥ ଖର୍ଚ୍ଚ କରି ପାରି ନ ଥିବା ତଥ୍ୟରୁ ଜଣାପଡ଼ିଛି।

# ଖୁବ୍‌ଶୀଘ୍ର ଭଦ୍ରକରେ ମେଡିକାଲ କଲେଜର ଶିଳାନ୍ୟାସ: ମୁଖ୍ୟମନ୍ତ୍ରୀ

ଭଦ୍ରକ,୨।୬ (ସନାତନ ରାଉତ/ରବିନାରାୟଣ ଖିଲାର)


ଭଦ୍ରକ ବ୍ଲକ ରମ୍ଭିଳା ପଞ୍ଚାୟତର ବଳିଆପଦା ପଡ଼ିଆରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

- ୨୭୪ କୋଟିର ୧୩ ପ୍ରକଳ୍ପ ଉଦ୍‌ଘାଟନ, ଭିତ୍ତିପ୍ରସ୍ତର
- ଜିଲାର ବରପୁତ୍ରଙ୍କୁ ମନେପକାଇଲେ

ଭଦ୍ରକର ଦୀର୍ଘଦିନର ଦାବି ସରକାରୀ ମେଡିକାଲ କଲେଜର ଶିଳାନ୍ୟାସ ଖୁବ୍‌ଶୀଘ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସୋମବାର ଭଦ୍ରକ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ସଦର ବ୍ଲକର ରମ୍ଭିଳା ପଞ୍ଚାୟତ ବଳିଆପଦା ପଡ଼ିଆରେ ଅନୁଷ୍ଠିତ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ସଭାରେ ଯୋଗଦେଇ ଏହା କହିବା ସହ ଜିଲାରେ ସରକାରୀ ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବା ନେଇ ଜିଲାବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ଅପରାହ୍ନ ୪ଟା ୩୦ରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ରିମୋଟ୍ ଚିପି ଜିଲାର ୨୭୪ କୋଟି ୪୭ ଲକ୍ଷ ମୂଲ୍ୟର ୧୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ଭାଷଣ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ସ୍ୱାଧୀନତା ସଂଗ୍ରାମୀ ଗୋକୁଳାନନ୍ଦ ମହାନ୍ତିଙ୍କ ସମେତ ଜିଲାର ବରପୁତ୍ରମାନଙ୍କୁ ମନେପକାଇଥିଲେ। ଏହି ଅବସରରେ ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବାବଦରେ ଆଲୋକପାତ କରିଥିଲେ। ଆବାସ ଯୋଜନାରୁ ବାଦ୍ ପଡ଼ିଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦିଆଯିବ। ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ପ୍ରତି ପଞ୍ଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ସରକାର ପ୍ରତିଷ୍ଠା କରିବେ। ପୂର୍ବ ସରକାରରେ ଶିକ୍ଷାର ଉନ୍ନତି ନାମରେ କେବଳ ରଙ୍ଗ ମାରିବା ଓ ନିଜର ବାଜା ବଜାଇବାରେ ୨୪ ବର୍ଷ ଚାଲିଗଲା। ଆୟୁଷ୍ମାନ୍ ଯୋଜନା ପୂର୍ବ ସରକାର ଲାଗୁ କରି ନ ଥିବାବେଳେ ରାଜ୍ୟରେ ଭାଜପା ସରକାର ଆସିବା ପରେ ଲୋକଙ୍କୁ ଏହି ଯୋଜନାର ସୁବିଧା ମିଳିଛି। ଦେଶରେ ୨୯ ହଜାର ହସ୍ପିଟାଲରେ ଲୋକେ ଚିକିତ୍ସା ସୁବିଧା ନେଇପାରିବେ। ଭାଜପା ସରକାର ଆସିବାର ୬ ମାସ ମଧ୍ୟରେ ଚାଷୀମାନଙ୍କୁ ଧାନକିଣାରେ ୮ଶହ ଟଙ୍କା ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯାଇଛି। ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ସଶକ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଭଦ୍ରକ ଜିଲାରେ ଶିଳ୍ପର ବିକାଶ ପାଇଁ ଆଇଓସିଏଲ୍ ପକ୍ଷରୁ ୪୩୭୭ କୋଟି ଟଙ୍କା ବିନିଯୋଗରେ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ପାଇଁ ଅନୁମୋଦନ କରାଯାଇଛି। ଏମ୍‌ସିପିଏଲ୍ ପକ୍ଷରୁ ୨୨୨୪ କୋଟି ଟଙ୍କା ବ୍ୟୟବରାଦରେ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ। ଏହି ପ୍ରକଳ୍ପରେ ବହୁ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇପାରିବେ। ଭଦ୍ରକ ଜିଲାକୁ ଅଗ୍ରଣୀ ଓ ବିକଶିତ ଜିଲା ଭାବେ ଗଢ଼ି ତୋଳିବା ପାଇଁ ଭାଜପା ସରକାର ଉଦ୍ୟମ ଜାରି ରଖିଛନ୍ତି। ନିର୍ବାଚନ ବେଳେ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ବରେଣ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଥିଲେ, ଭଦ୍ରକର ସମସ୍ତ ଐତିହ୍ୟ ସ୍ଥଳୀକୁ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯାଇଛି। ଆରଡ଼ି ଆଖଣ୍ଡଳମଣି ପୀଠ, ଭଦ୍ରକାଳୀ ପୀଠ ସମେତ ଶହୀଦ ପୀଠ ଇରମ, ଲୁଣିଆ, ଗୋହିରାଟିକିରିର ବିକାଶ ପାଇଁ ସରକାରଙ୍କ ଲକ୍ଷ୍ୟ ରହିଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟବାସୀଙ୍କ ମୌଳିକ ସମସ୍ୟାର ସମାଧାନ ପାଇଁ ସରକାର ସବୁବେଳେ ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ବାସୁଦେବପୁର ବିଧାୟକ ଅଶୋକ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ ଭଦ୍ରକ ଗସ୍ତକୁ ସ୍ୱାଗତ ଜଣାଇବା ସହ ବକ୍ତବ୍ୟ ରଖିଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ ଏବଂ ଜିଲାପାଳ ଦିଲୀପ ରାଉତରାଏ ଧନ୍ୟବାଦ ଅର୍ପଣ କରିଥିଲେ। ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ସରୋଜ ଦତ୍ତ, ଉପଜିଲାପାଳ ସରୋଜ ଚକ୍ରବର୍ତ୍ତୀ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସହଯୋଗ କରିଥିଲେ। ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକଙ୍କ ନେତୃତ୍ୱରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ସମ୍ବିତ ମାଝୀ, ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ସମେତ ୨ଜଣ ଡିଏସ୍‌ପି, ୨୦ରୁ ଊର୍ଦ୍ଧ୍ୱ ଇନ୍ସପେକ୍ଟର ନିୟୋଜିତ ଥିଲେ। ୨୦ ପ୍ଲାଟୁନ ଫୋର୍ସ ସହ ସାଦା ପୋଷାକରେ ପୋଲିସ ସଭାସ୍ଥଳରେ ମୁତୟନ ରହିଥିଲେ। ଅପରାହ୍ନ ୪ଟା ୨୦ରେ ମୁଖ୍ୟମନ୍ତ୍ରୀଙ୍କ ହେଲିକେପ୍ଟର ଜଗଦଳପୁର ୟୁଜିଏମ୍‌ଇ ସ୍କୁଲ ପଡ଼ିଆରେ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରିଥିଲା। ସେଠାରୁ ସଡ଼କ ପଥରେ ମୁଖ୍ୟମନ୍ତ୍ରୀ ସଭାସ୍ଥଳକୁ ଯାଇଥିଲେ। ସନ୍ଧ୍ୟା ୬ଟାରେ ସଭା ସରିବା ପରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।

# ୨ ହାଉସ୍ ସର୍ଜନଙ୍କୁ ୨୫ ହଜାର ଲେଖାଏ ଜରିମାନା

## ଏମ୍‌କେସିଜିରେ ୪ର୍ଥ ବର୍ଷ ଛାତ୍ରଙ୍କୁ ରାଗିଂ

ବ୍ରହ୍ମପୁର,୨।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ଓ କଲେଜରେ ପୁଣି ରାଗିଂ ହୋଇଥିବା ଅଭିଯୋଗ ହୋଇଛି। ୨ ଜଣ ହାଉସ ସର୍ଜନ ଚତୁର୍ଥ ବର୍ଷରେ ଅଧ୍ୟୟନରତ ଜଣେ ଛାତ୍ରଙ୍କୁ ମାନସିକ ନିର୍ଯାତନା ଦେଉଥିବା ଗତ ୧୨ ତାରିଖରେ ଆଣ୍ଟି ରାଗିଂ ସେଲରୁ ଅଭିଯୋଗ ଆସିଥିଲା। ଏଥିପାଇଁ ସୋମବାର ଏମ୍‌କେସିଜି କର୍ତ୍ତୃପକ୍ଷଙ୍କ ତରଫରୁ ଆଣ୍ଟି ରାଗିଂ କମିଟି ବୈଠକ ଡକାଯାଇଥିଲା।

ବରିଷ୍ଠ ଛାତ୍ରଙ୍କୁ କନିଷ୍ଠ ଛାତ୍ରମାନେ ସମ୍ମାନ ଦେଉ ନ ଥିବାରୁ ଏହି ରାଗିଂ ହୋଇଥିବା ଜଣାପଡ଼ିଛି। ଏଭଳି ଘଟଣା କନିଷ୍ଠ ଡାକ୍ତର ଓ ଡାକ୍ତରୀ ଛାତ୍ରମାନଙ୍କ କ୍ଷେତ୍ରରେ ଆଦୌ ଶୋଭନୀୟ ନୁହେଁ ବୋଲି ବୈଠକରେ କୁହାଯାଇଥିଲା। ରାଗିଂରେ ସମ୍ପୃକ୍ତ ୨ ହାଉସ ସର୍ଜନଙ୍କୁ ୨୫ ହଜାର ଲେଖାଏ ଜରିମାନା ଦେବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମେଡିକାଲ କଲେଜ ପ୍ରିନ୍ସିପାଲ ତଥା ଡିନ ପ୍ରଫେସର ଡା. ସୁଚିତ୍ରା ଦାଶ ସୂଚନା ଦେଇଛନ୍ତି। ଅନ୍ୟପଟେ ଏଭଳି ଘଟଣାକୁ ନେଇ ଉଭୟ ଅଭିଯୋଗକାରୀ ଛାତ୍ର ଓ ୨ ହାଉସ ସର୍ଜନଙ୍କ ମଧ୍ୟରେ ଆପୋସ ବୁଝାମଣା ପତ୍ର ଥାନାରେ ମେ ୧୬ ତାରିଖରେ ଦିଆଯାଇଛି। ଏହାକୁ ନେଇ ପୋଲିସ ପକ୍ଷରୁ ଏକ ଜେନେରାଲ ଡାଏରୀ କରାଯାଇଛି ବୋଲି ଥାନାଧିକାରୀ ସୁଚିତ୍ରା ପରିଡା ସୂଚନା ଦେଇଛନ୍ତି। ବୈଠକରେ ଡିନ ପ୍ରଫେସର ଦାଶଙ୍କ ସମେତ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ସମସ୍ତ ବିଭାଗୀୟ ମୁଖ୍ୟଙ୍କ ସମେତ କମିଟିର ବହୁ ସଦସ୍ୟ ଓ ବୈଦ୍ୟନାଥପୁର ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# ନନ୍ଦନକାନନରେ ୭ ମାସର ଧଳା ବାଘଛୁଆ ମୃତ

ତ୍ରିଶୂଳିଆ,୨।୬(ତୁଷାରକାନ୍ତ ବେହେରା)

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଗତ ରବିବାର ସନ୍ଧ୍ୟାରେ ୭ ମାସର ଧଳା ବାଘଛୁଆର ମୃତ୍ୟୁ ଘଟିଛି। ଗତ ମାର୍ଚ୍ଚରେ ବାଘ ଛୁଆଟିର ଗୋଡ଼ରେ ଆଘାତ ଲାଗିଥିବାରୁ ତାକୁ ୨୧ ନଂ. ଖୁଆଡ଼ରୁ ଅଲଗା ରଖି ଚିକିତ୍ସା ଚାଲିଥିଲା। ତେବେ ସେ ସୁସ୍ଥ ହେବାରୁ ପ୍ରଦର୍ଶନ ପାଇଁ ମେ ୩୧ରେ ଖୁଆଡ଼କୁ ଆଣିଥିଲେ। ହେଲେ ରବିବାର ସନ୍ଧ୍ୟାରେ ବାଘ ଛୁଆର ମୃତ୍ୟୁ ଘଟିଛି। ସୋମବାର ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ନନ୍ଦନକାନନର ଜଣେ ଅଧିକାରୀ କହିଛନ୍ତି। ୨,୧୧,୨୦୨୪ରେ ମହାବଳ ବାଘ କ୍ରିଷ୍ଣା ଓ ଧଳା ବାଘୁଣୀ ରୂପାର ମିଳନରୁ ଗୋଟେ ଧଳା ଓ ୨ଟି ସାଧାରଣ ବାଘଛୁଆ ଜନ୍ମ ହେବା ପରେ ମା'ର ଲାଳନପାଳନରେ ଥିଲେ। ଧଳା ବାଘ ଛୁଆର ମୃତ୍ୟୁ ପରେ ନନ୍ଦନକାନନରେ ବାଘସଂଖ୍ୟା ୨୭ରେ ପହଞ୍ଚିଛି। ସେଥିମଧ୍ୟରୁ ୧୮ ସାଧାରଣ, ୫ ଧଳା ବାଘ ଓ ୪ ମେଲାନୋଷ୍ଟିକ୍ (କଳା ଲୋମଶଯୁକ୍ତ) ବାଘ ରହିଛନ୍ତି।

# ସିକ୍କିମରୁ ଫେରିଲେ ଇତିଶ୍ରୀଙ୍କ ଭଉଣୀ, ଝିଆରୀ

## ବର୍ଣ୍ଣନା କଲେ କାଳରାତିର ଲୋମଟାଙ୍କୁରା ଘଟଣା

ଯାଜପୁର,୨।୬ (ହର୍ଷବର୍ଦ୍ଧନ ବେହେରା)

ସିକ୍କିମର ଗ୍ୟାଙ୍ଗଟକ ନିକଟ ତିସ୍ତା ନଦୀକୁ ଟୁରିଷ୍ଟ ଗାଡ଼ି ମହିନ୍ଦ୍ରା ମାକ୍ସ ଖସି ନିଖୋଜ ହୋଇଯାଇଛନ୍ତି ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଇତିଶ୍ରୀ ଜେନାଙ୍କ ସମେତ ତାଙ୍କ ପରିବାରର ୪ ସଦସ୍ୟ। ଘଟଣା ଗତ ଗୁରୁବାର ରାତିରେ ଘଟିଥିବାବେଳେ ସୋମବାର ସନ୍ଧ୍ୟା ସୁଦ୍ଧା ସେମାନଙ୍କ ପତ୍ତା ମିଳିନାହିଁ। ଅନ୍ୟପକ୍ଷରେ ଇତିଶ୍ରୀଙ୍କ ପରିବାରର ଅନ୍ୟ ୪ ସଦସ୍ୟ ସୋମବାର ସକାଳେ ଯାଜପୁର ରୋଡ୍‌କୁ ଫେରିଛନ୍ତି। ସେମାନେ ହେଲେ ଇତିଶ୍ରୀଙ୍କ ବଡ଼ ଭଉଣୀ ମଞ୍ଜୁଲତା ଦେଓ, ଝରଣା ମହାପାତ୍ର, ଝିଆରୀ ଜାନି ନାଏକ ଓ କୁନି ନାଏକ। ଘରକୁ ଫେରିବା ପରେ ସେମାନଙ୍କୁ ପଡୋଶୀ, ସମ୍ପର୍କୀୟ ଓ ସହରବାସୀ ସାନ୍ତ୍ୱନା ଦେବାକୁ ପହଞ୍ଚିଥିଲେ। କୋରେଇ ବିଧାୟକ ଆକାଶ ଦାସନାୟକ ସେମାନଙ୍କୁ ଭେଟି ସ୍ଥିତି ଓ ଘଟଣା ସମ୍ପର୍କରେ ପଚାରି ବୁଝିଛନ୍ତି। ଇତିଶ୍ରୀଙ୍କ ବଡ଼ ଭଉଣୀ ମଞ୍ଜୁଲତା ସେହି କାଳରାତିର ଲୋମଟାଙ୍କୁରା ଘଟଣା ସମ୍ପର୍କରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ବୁଲି ବୁଲି ହାଲିଆ ହେବା ପରେ ସେମାନେ ଟୁଙ୍ଗଥାଙ୍ଗ ହୋଟେଲକୁ ଫେରିଥିଲେ। ତେବେ ଫେରିବା ବାଟରେ ରାସ୍ତା ଭାଙ୍ଗି ଯାଇଥିବାରୁ ବିଳମ୍ବ ହୋଇଥିଲା। ଟୁଙ୍ଗଥାଙ୍ଗ ହୋଟେଲକୁ ସେମାନେ ସନ୍ଧ୍ୟା ୬ଟାରେ ଫେରିଥିଲେ। ବର୍ଷା ମଧ୍ୟ ହେଉଥିଲା। ତେଣୁ ରାତିଟା ସେହି ହୋଟେଲରେ କାଟିବାକୁ ସେମାନେ କହିଥିଲେ। ହେଲେ ଗାଡ଼ି ଡ୍ରାଇଭର ପ୍ୟାକେଜ୍ ସିଷ୍ଟମ୍‌ରେ ଆସିଛନ୍ତି, ଏଠାରେ ରହିହେବନି, ଯେମିତି ହେଲେ ଯିବା ବୋଲି ବାଧ୍ୟ କରିଥିଲେ। ଆସିବା ସମୟରେ ମଞ୍ଜୁଲତା ଓ ତାଙ୍କ ୫ ପରିବାର ସଦସ୍ୟ ଗୋଟିଏ ଗାଡ଼ିରେ ଏବଂ ଇତିଶ୍ରୀ ଓ ତାଙ୍କ ୬ ଜଣ ସଦସ୍ୟ ଅନ୍ୟ ଗାଡିରେ ବସିଥିଲେ। ଆଗ ପଛ ହୋଇ ସେମାନେ ଯାଉଥିଲେ। ରାତି ପ୍ରାୟ ସାଢେ ୭ଟାରେ ପଛ ଗାଡ଼ିର ଲାଇଟ୍ ଦିଶି ନ ଥିଲା। ଡ୍ରାଇଭରଙ୍କୁ ଏହା କହିବାରୁ ସେମାନେ ପଛକୁ ଫେରିଥିଲେ। ହେଲେ ସେଠାରେ କାହାରିକୁ ଆଉ ପାଇ ନ ଥିଲେ। ଡ୍ରାଇଭର ସେଠାରୁ ସେମାନଙ୍କୁ ନିକଟସ୍ଥ ଏକ ପୋଲିସ ଷ୍ଟେଶନରେ ଛାଡ଼ି ଦେଇ ପୁଣି ଘଟଣାସ୍ଥଳକୁ ଯାଇଥିଲେ। ପୋଲିସ ଖବର ପାଇ ସେଠାରେ ଯାଇ ଖୋଜାଖୋଜି କରିବାରୁ ଭୋର ୩ଟା ସମୟରେ ଦୁଇ ପୁତୁରା ସାଇରାଜ ଓ ଅଂଶୁମାନଙ୍କୁ ଗୁରୁତର ଅବସ୍ଥାରେ ପାଇଥିଲେ। ସେଠାରୁ ଉଭୟଙ୍କୁ ପୋଲିସ ପ୍ରାଥମିକ ଚିକିତ୍ସା କରି ଆମ୍ବୁଲାନ୍ସ ଯୋଗେ ଗ୍ୟାଙ୍ଗଟକ୍ ଡାକ୍ତରଖାନାକୁ ପଠାଇଥିଲା। ସେଠାକାର ଓ ଓଡ଼ିଶା ସରକାରଙ୍କ ସହଯୋଗ ଯୋଗୁ ଉଭୟ ଗୁରୁତର ପୁତୁରାଙ୍କ ଚିକିତ୍ସା ଭଲ ଭାବରେ ହେଉଛି। ବିଧାୟକ ଆକାଶଙ୍କ ସହଯୋଗ ମଧ୍ୟ ବହୁତ କାର୍ଯ୍ୟରେ ଲାଗିଛି। ତେବେ ଅଂଶୁମାନ ଗୁରୁତର ଅବସ୍ଥାରେ ରହିଛନ୍ତି। ଦୁଇଟି ଗୋଡ଼ ଭାଙ୍ଗି ଯାଇଛି। ମସ୍ତିଷ୍କ ମଧ୍ୟ ଠିକ ଭାବେ କାର୍ଯ୍ୟ କରୁନାହିଁ। ସେହିପରି ନିଖୋଜ ଥିବା ଭଉଣୀ ଓ ଅନ୍ୟମାନଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ପୁତୁରା ଦ୍ୱୟ ଭଲ ହୋଇଗଲେ ମନରେ ଶାନ୍ତି ଆସନ୍ତା ବୋଲି କୋହଭରା କଣ୍ଠରେ ମଞ୍ଜୁଲତା କହିଛନ୍ତି। ସେହିଦିନ ରାତିରେ ନ ଫେରିବାକୁ ଯଦି ଡ୍ରାଇଭର ମାନି ଯାଇଥାନ୍ତେ ତେବେ କୌଣସି ଦୁର୍ଘଟଣା ହୋଇ ନଥାନ୍ତା ବୋଲି ସେମାନେ କହିଛନ୍ତି। ଦୁର୍ଘଟଣାକୁ ୪ଦିନ ବିତିଯାଇଥିଲେ ସୁଦ୍ଧା ଇତିଶ୍ରୀ ଜେନା ଓ ଅନ୍ୟମାନଙ୍କ ଖୋଜ ଖବର ମିଳିପାରିନାହିଁ। କିନ୍ତୁ ନଦୀରେ ପଡ଼ିଥିବା ମହିନ୍ଦ୍ରା ମାକ୍ସକୁ ମଧ୍ୟ ଉଦ୍ଧାର କରାଯାଇ ପାରିନାହିଁ। ତେବେ ୬ଟି ମୋବାଇଲ ଓ ବ୍ୟାଗ୍ ମିଳିଥିବା ସୂଚନା ମିଳିଛି।

# ଓଡ଼ିଶା ସୀମାନ୍ତରୁ ୨.୫ ଟନ୍ ବିସ୍ଫୋରକ ଜବତ ଚର୍ଚ୍ଚା

## ଓଡ଼ିଶା-ଝାଡ଼ଖଣ୍ଡ ପୋଲିସ ପକ୍ଷରୁ ମିଳିତ ଅପରେଶନ ଜାରି

ବଣାଇ,୨।୬(ପ୍ରଦୀପ ତ୍ରିପାଠୀ)


ଜବତ ହୋଇଥିବା ବିସ୍ଫୋରକ।

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ତିରିଲପୋଷ ଅଞ୍ଚଳରୁ ସୋମବାର ପୁଣି ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଛି। ମାଟି ତଳେ ପୋତି ହୋଇ ରହିଥିବା ବିସ୍ଫୋରକକୁ ସର୍ଚ୍ଚ ଅପରେଶନ ବେଳେ ଠାବ କରି ଜବତ କରାଯାଇଥିବା ସୂଚନା ମିଳିଛି। ଜବତ ବିସ୍ଫୋରକର ଓଜନ ୨.୫ ଟନ୍ ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କିନ୍ତୁ ଜବତ ବିସ୍ଫୋରକର ପରିମାଣ କେତେ ହେବ ସେ ନେଇ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଅପରେଶନରେ ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶା ପୋଲିସଙ୍କ ସହିତ ଅର୍ଦ୍ଧସାମରିକ ବାହିନୀ ମୁତୟନ ଥିଲେ। କୋବ୍ରା ବାଟାଲିୟନ, ସିଆର୍‌ପିଏଫ୍ ଯବାନମାନେ ଏବେ ବି ସରଣ୍ଡା ଜଙ୍ଗଲରେ ସର୍ଚ୍ଚଅପରେଶନ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୭ ତାରିଖ ସ୍ପଷ୍ଟ ଦିବାଲୋକରେ କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରିକୁ ଆସିଥିବା ୨ ଶହ ପେଟି ବିସ୍ଫୋରକକୁ ମାଓବାଦୀ ଲୁଟି ନେବା ପରେ ଉଭୟ ରାଜ୍ୟ ପାଇଁ ବିପଦ ସୃଷ୍ଟି ହୋଇଛି। ତେବେ ଏହାର ଗୁରୁତ୍ୱକୁ ଉପଲବ୍ଧି କରି ପୋଲିସ ଅପରେଶନ ଜାରି ରଖିଛି। ଝାଡ଼ଖଣ୍ଡ ସିଆର୍‌ପିଏଫ୍‌ର ଯବାନ, କୋବ୍ରା ବାଟାଲିୟନ ଓ ଉଭୟ ରାଜ୍ୟ ପୋଲିସ ମିଳିତ ଭାବେ ଚଳାଇଥିବା ଅପରେଶନରେ ଗୋଇନ୍ଦା ବିଭାଗ ତଥ୍ୟକୁ ଆଧାର କରି କେତେଜଣ ମିଲିସିଆ (ମାଓବାଦୀ ସହଯୋଗୀ)ଙ୍କୁ ଠାବ କରି ପଚରାଉଚୁରା କରିଥିଲେ। ତାଙ୍କ ତଥ୍ୟ ଆଧାରରେ ସୋମବାର ଚଢ଼ାଉ ଜାରି ରଖିଥିଲେ। ଉଲ୍ଲେଖଯୋଗ୍ୟ, ଗତ ୩୦ ତାରିଖରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ତିରିଲପୋଷ ଗ୍ରାମ ସରଣ୍ଡା ନିକଟରେ ଥିବା ମାଓବାଦୀ କ୍ୟାମ୍ପ ଉପରେ ସୁରକ୍ଷା କର୍ମୀମାନେ ଚଢ଼ାଉ କରି କିଛି ପରିମାଣର ବିସ୍ଫୋରକ ଜବତ କରିଥିଲେ।



# ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ବିଏମ୍‌ସିର ବିଭିନ୍ନ ଜଳବନ୍ଦୀ ଅଞ୍ଚଳ ପରିଦର୍ଶନ, ସ୍ଥାନ: ଇସ୍କନ ମନ୍ଦିର, ସମୟ: ସକାଳ ୯ଟା ୩୦ ।
- ଅବନୀ ବରାଳ ସମ୍ମାନ ପ୍ରଦାନ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦ ।

### କଟକ
- ତିଗିରିଆ ପଞ୍ଚାୟତ ସମିତି ସ୍ୱତନ୍ତ୍ର ଅଧିବେଶନ, ସ୍ଥାନ: ପଞ୍ଚାୟତ ସମିତି ସଭାଗୃହ, ତିଗିରିଆ, ସମୟ: ସକାଳ ୮ଟା ।

### ବାଲେଶ୍ୱର
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: କଣିଆରୀ, ସିମୁଳିଆ, ସମୟ: ଦିବସ ବ୍ୟାପୀ ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପଞ୍ଚଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଶାନ୍ତି କମିଟି ବୈଠକ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦ ।

### ଭଦ୍ରକ
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: କାଦବରାଙ୍ଗ, ବନ୍ତ, ସମୟ: ସକାଳ ୮ଟା ।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଅସୁରାଳି, ଧାମନଗର, ସମୟ: ସକାଳ ୮ଟା ।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଏଡ଼ତାଳ, ବାସୁଦେବପୁର, ସମୟ: ସକାଳ ୮ଟା ।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ଜଳମଣ୍ଡୁଆ ପଞ୍ଚାୟତ କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା ।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ସୁନ୍ଦରପୁର, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା ।
- ବିକଶିତ କୃଷକ ସଂକଳ୍ପ ଅଭିଯାନ, ସ୍ଥାନ: ମଧୁପୁର, ଗୋବିନ୍ଦପୁର, ତିହିଡ଼ି, ସମୟ: ଅପରାହ୍ନ ୪ଟା ।
- ବିଦ୍ୟାର୍ଥୀ ପୁରସ୍କାର ବିତରଣ ଉତ୍ସବ ଓ ଜନଜାଗରଣ କାର୍ଯ୍ୟକ୍ରମ, ସ୍ଥାନ: ବାଗୁରାଇ ଆଦିବାସୀ କଲୋନୀ, ଭଦ୍ରକ, ସମୟ: ଅପରାହ୍ନ ୪ଟା ।

### ମୟୂରଭଞ୍ଜ
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା ।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ: ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରିପଦା,ସମୟ:ସକାଳ ୯ଟା ।
- ଜିଲାସ୍ତରୀୟ ନାରଦ ଜୟନ୍ତୀ ସମାରୋହ,ସ୍ଥାନ:ଷ୍ଟାଡିୟମ ସମ୍ମିଳନୀ କକ୍ଷ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା ।

### ବ୍ରହ୍ମପୁର
- ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ରାଲି, ସ୍ଥାନ: ଲାଞ୍ଜିପଲ୍ଲୀ, ସମୟ: ସକାଳ ୬ଟା ।
- ମୋହନ ନାୟକ ଜୟନ୍ତୀ ପାଳନ, ସ୍ଥାନ: ଦିବ୍ୟ ଜୀବନ ସଂଘ, ସମୟ: ସକାଳ ୮ଟା ୩୦ ।

### କନ୍ଧମାଳ
- କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ସିଆଙ୍ଗବାଲି ପଞ୍ଚାୟତ, ସମୟ: ସକାଳ ୯ ଟା ।

### କେନ୍ଦ୍ରାପଡ଼ା
- ଗ୍ରାମ ରଜୋତ୍ସବ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ସାନମଙ୍ଗ, ଆଳି, ସମୟ: ସକାଳ ୯ଟା ।

### ଯାଜପୁର
- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମର ୬ଷ୍ଠ ଦିବସ । ସ୍ଥାନ: ରଗଡ଼ି ଉପକାରାଗାର ପରିସର । ସମୟ: ପୂର୍ବାହ୍ନ ୧୦ଟା ।

### ନୟାଗଡ଼
- ନୟାଗଡ଼ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନୟାଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ଶୀତଳଷଷ୍ଠୀ ଯାତ୍ରା ଅବସରରେ ମୋ ଗାଁ ମହୋତ୍ସବର ଉଦ୍‌ଯାପନ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ଲକ ପ୍ରତାପପ୍ରସାଦ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା ।

### ରାୟଗଡ଼ା
- ପବିତ୍ର ରାମକଥା ଉଦ୍‌ଯାପିତ, ସ୍ଥାନ: ଗୀତ ଭବନ, ମୁନିଗୁଡା, ସମୟ: ସନ୍ଧ୍ୟା ୬ଟା ।

### ନବରଙ୍ଗପୁର
- ନିଶାଦ୍ରବ୍ୟ, ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା ।

### ମାଲକାନଗିରି
- ନିଶା ନିବାରଣ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ଖଇରପୁଟ ବ୍ଲକ ଜାମୁଗୁଡା ଗାଁରେ ମା' ମାଉଲୀ ଡଙ୍ଗର ଦେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ, ସ୍ଥାନ:ଜାମୁଗୁଡା ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୧ ଟା ।
- ଜିଲା କୃଷି ବିଜ୍ଞାନକେନ୍ଦ୍ର ପକ୍ଷରୁ କୃଷକ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ଏମ୍‌ଭି ୧୮, ସମୟ:ପୂର୍ବାହ୍ନ ୧୦.୩୦ ମିନିଟ୍। ପଦ୍ମଗିରି ପଞ୍ଚାୟତ ବୋଇଲାପାଲ୍ଲୀ, ସମୟ:୧୧.୩୦ ।
- ଓଡିଶୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ମାଲକାନଗିରି ହାଇଟେକ୍ କଲୋନୀ, ସମୟ: ସକାଳ ୯ଟା ।

### ସମ୍ବଲପୁର
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦ ।
- ମୁଖ୍ୟମନ୍ତ୍ରୀ କପ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ପଶ୍ଚିମାଞ୍ଚଳ ଏକାତା ମଞ୍ଚ ପକ୍ଷରୁ ଶୋକସଭା କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ଅପରାହ୍ନ ୪ଟା ।
- ସାମାଜିକ କର୍ମୀ ସବ୍ୟସାଚୀ ମିଶ୍ରଙ୍କ ପରଲୋକରେ ଶୋକସଭା କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ସନ୍ଧ୍ୟା ୬ଟା ୩୦ ।

### ବଲାଙ୍ଗୀର
- ଆଦିବାସୀ ସଂଘ ପକ୍ଷରୁ ନବ ଅଭିଷିକ୍ତ ଲୋଇସିଂହା ଜମିଦାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଆଦିବାସୀ ଭବନ, ଲୋଇସିଂହା, ସମୟ: ପୂର୍ବାହ୍ନ ୧୦ଟା ।
- ବଲାଙ୍ଗୀର ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକ, ସ୍ଥାନ: ଡିଏଫ୍‌ଓ କନଫରେନ୍ସ ହଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା ।

### ରାଉରକେଲା
- ରାଧାକୃଷ୍ଣ ମନ୍ଦିରରେ ଭାଗବତ ପାରାୟଣ, ସ୍ଥାନ: ଉଦିତନଗର, ସମୟ: ସକାଳ ୭ଟା ।
- ଡ୍ରେନେଜ ଅବ୍ୟବସ୍ଥା ନେଇ ଆର୍‌ଏମ୍‌ସି କମିଶନରଙ୍କୁ ଦାବିପତ୍ର, ସ୍ଥାନ: ଆରଏମ୍‌ସି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

### ସୁନ୍ଦରଗଡ଼
- ପୁଷ୍ଟିଶସ୍ୟ ଖାଦ୍ୟ ମେଳା, ସ୍ଥାନ: ସାଗରପାଲି, ଟାଙ୍ଗରପାଲି ବ୍ଲକ, ସମୟ: ସକାଳ ୯ଟା ।
- ତ୍ରିଦିବସୀୟ କଳିକା କେନ୍ଦ୍ର ସେବିକାଙ୍କ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ, ସ୍ଥାନ: ଆଞ୍ଚଳିକ ସାଧନ କେନ୍ଦ୍ର, ମହୁଲପାଲି, ସମୟ: ପୂର୍ବାହ୍ନ ୧୦ଟା ।
- ମଲ୍ଟିଆକ୍ଟର ପ୍ଲାଟଫର୍ମ ଉପରେ କର୍ମଶାଳା, ସ୍ଥାନ: ସାଗରପାଲି, ଟାଙ୍ଗରପାଲି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା ।

### ବରଗଡ଼
- ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ, ସ୍ଥାନ: ସମତା ଭବନ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା ୩୦ ।

### ଦେବଗଡ଼
- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେବଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ, ସ୍ଥାନ: ବଡ ବଗିଚା, ପ୍ରଧାନପାଟ ରୋଡ୍, ସମୟ: ପୂର୍ବାହ୍ନ ୧୦ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା ।

### ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦ ।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫ ।

### ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ମୋହରା ଗାଁ, ସମୟ: ସକାଳ ୯ଟା ୧୦ ।
- ନାମଯଜ୍ଞ ଉପଲକ୍ଷେ ଧର୍ମସଭା, ସ୍ଥାନ: ଖଡିଆଳ ବ୍ଲକ ଅରେଡା ପଞ୍ଚାୟତ ମୋହରା ଗାଁ, ସମୟ: ଅପରାହ୍ନ ୪ଟା ।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ ଗୋଁଡ ସାଂସ୍କୃତିକ ସମାଜ ଭବନ, ସମୟ: ଅପରାହ୍ନ ୫ଟା ।

# ଯୁକ୍ତ ୩ ନାମଲେଖା ଆବେଦନ ଅବଧି ବଢ଼ିଲା

**ଭୁବନେଶ୍ୱର,୨।୬(ସୁଚିସ୍ମିତା ସାହୁ)**

ଯୁକ୍ତ ୩ ନାମଲେଖା ପାଇଁ ଆବେଦନ ଅବଧି ପୁଣିଥରେ ବୃଦ୍ଧି କରାଯାଇଛି। ଛାତ୍ରୀଛାତ୍ର ଜୁନ ୪ ରାତି ୧୧ଟା ୪୫ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲରେ ଅନ୍‌ଲାଇନ ମଧ୍ୟରେ ଆବେଦନ କରିପାରିବେ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ବର୍ଦ୍ଧିତ ଅବଧି ଜୁନ୍ ୧ ସୁଦ୍ଧା କମ୍ ଆବେଦନ ହୋଇଥିବାରୁ କଲେଜଗୁଡିକର ସିଟ ପୂରଣ ହେବା ନେଇ ଆଶଙ୍କା ରହିଛି। ସିଟ ଅନୁସାରେ ପାଖାପାଖି ୧୪ ହଜାରରୁ କମ୍ ଆବେଦନ ହୋଇଥିଲା । ସିଟ୍ ପୂରଣ ଲାଗି ନାମଲେଖା ଅବଧି ବୃଦ୍ଧି କରାଯାଇଥିବା ଚର୍ଚ୍ଚା ହେଉଥିବାବେଳେ ଯୁକ୍ତ ୩ ନାମଲେଖା ପାଇଁ ଛାତ୍ରୀଛାତ୍ର ଏବଂ ଅଭିଭାବକ ଆବେଦନ ତାରିଖ ବୃଦ୍ଧି କରିବାକୁ ଦାବି କରିଥିବାରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆବେଦନକୁ ବଢ଼ାଇ ଦିଆଯାଇଥିବା କୁହାଯାଇଛି। ପୂର୍ବରୁ ସିଏଏଫ ଦାଖଲ ଆବେଦନ କରିଥିବା ଛାତ୍ରୀଛାତ୍ର ସେମାନଙ୍କ ଫର୍ମରେ ଆବଶ୍ୟକ ସଂଶୋଧନ କରିପାରିବେ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଯୁକ୍ତ ୩ରେ ନାମଲେଖା ପାଇଁ ରାଜ୍ୟରେ ୨ଲକ୍ଷ ୭୪ହଜାର ୫୬୯ଟି ସିଟ୍ ଉପଲବ୍ଧ ରହିଛି। ଜୁନ୍ ୧ ଯାଏ ୨ଲକ୍ଷ ୫୯ହଜାର ୯୮୧ଜଣ ଆବେଦନ କରିଥିବାବେଳେ ୨ଲକ୍ଷ ୫୨ହଜାର ୦୧୫ ପିଲା ଆବଶ୍ୟକ ଫିଁ ଦାଖଲ କରି ଆବେଦନ ସମ୍ପୂର୍ଣ୍ଣ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ତପା ଜପା ଭୋପା ଗେଙ୍ଗା**
**ୟା'ଙ୍କ ଦେହି ପାଠ ହୁଏ ନାହିଁଲୋ ବୋପା।**

ପାଠ ପାଇଁ ଶିକ୍ଷଣୀୟ ମନୋଭାବ ରଖିବା ନିତାନ୍ତ ଜରୁରୀ । ଯେ ତପସ୍ୟା କରେ, ଯେ ମାଳା ଜପେ , ଯେ ବୃଥା ଆସ୍ଫାଳନ କରେ ଓ ଯେ ସର୍ବଦା ପେଟ ଚିନ୍ତା କରୁଥାଏ , ସେମାନଙ୍କ ଦ୍ୱାରା ଆଦୌ ପାଠ ହୁଏନାହିଁ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି ।

**ତୁ ଖାଉଥାଉ ତୋର ଭାତ**
**ମୋର କିଆଁ ଗାଲରେ ହାତ ?**

କାହା ଉପରେ ନିର୍ଭର ନ କରି ନିଜ ଗୋଡ଼ରେ ନିଜେ ଠିଆ ହେବା ଶ୍ରେୟସ୍କର । ନିଜେ ପରିଶ୍ରମ କରି ପାଞ୍ଚଜଣରେ ଜଣେ ହେବା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ଏଥିରେ ଯଶ ଓ ସମ୍ମାନ ମିଳିଥାଏ। ଯେତେବେଳେ ଜଣେ ନିଜ ଅର୍ଜନରେ ନିଜେ ପୋଷିହୁଏ ସେତେବେଳେ ତା'ର ଭବିଷ୍ୟତ କଥା ନେଇ ଚିନ୍ତା କରିବା ଅନାବଶ୍ୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢାଇବନି ଓମ୍‌ଫେଡ୍

**ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)**

- ବଜାରକୁ ଛାଡ଼ିଲା ୩ ନୂଆ ଉତ୍ପାଦ
- ୯୦ଦିନ ପର୍ଯ୍ୟନ୍ତ ତାଜା ରହିବ କ୍ଷୀର

ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢାଇବନି ଓମ୍‌ଫେଡ୍। ସୋମବାର ଏସମ୍ପର୍କରେ ସୂଚନା ଦେଇଛନ୍ତି ଓମ୍‌ଫେଡ୍ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ । ସେ କହିଛନ୍ତି, ଜୁନ ୧ରୁ ଓମ୍‌ଫେଡ୍ ଦୁଗ୍ଧଚାଷୀଙ୍କୁ ଲିଟର ପିଛା ୩ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୨.୫୦ ଲକ୍ଷ ଚାଷୀ ଉପକୃତ ହେବେ । ଏହି କ୍ରମରେ ଓମ୍‌ଫେଡ୍ ଚାଷୀଙ୍କୁ ଲିଟରେ ପିଛା ୩ଟଙ୍କା ଅଧିକ ଦାମ୍ ଦେବା ଆରମ୍ଭ କରିଛି। ରାଜ୍ୟ ସରକାର ୨ଟଙ୍କା ଏବଂ ଓମ୍‌ଫେଡ୍ ପକ୍ଷରୁ ଆଉ ୨ଟଙ୍କା ପ୍ରଦାନ କରାଯିବ। ସେଥିରୁ ଦୁଗ୍ଧ ଚାଷୀ ୩ଟଙ୍କା ପାଇବେ ଏବଂ ସୋସାଇଟି ଓ ମିଲ୍କ ଫେଡେରେଶନକୁ ୧ଟଙ୍କା ମିଳିବ। ତେବେ ଗ୍ରାହକଙ୍କ ପାଇଁ ଏବେ କ୍ଷୀର ଦର ବଢ଼ିବ ନାହିଁ। ଏନେଇ ଓମ୍‌ଫେଡ୍ କମିଟି ବସିବା ସହ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଗ୍ରାହକଙ୍କ ଲାଗି କ୍ଷୀର ଦର ବଢ଼ିବ କି ନାହିଁ ସେନେଇ କମିଟି ବିଚାର କରିବା ପରେ ଓମ୍‌ଫେଡ୍ ପକ୍ଷରୁ ବିଧିବଦ୍ଧ ସୂଚନା ଜାରି କରାଯିବ। ୧୫ରୁ ୨୦ ଦିନ ମଧ୍ୟରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ରାଜ୍ୟସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ଓମ୍‌ଫେଡର ୩ଟି ନୂଆ ପ୍ରଡକ୍ଟର ଶୁଭାରମ୍ଭ କରିଛନ୍ତି। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଓମ୍‌ଫେଡ୍ ୧ କେ.ଜିର ସାଧା ଦହି ବାଲ୍‌ଟି ବଜାରକୁ ଛାଡିଛି। ସେହିପର ୧୭୫ ମି.ଲି. ଓ ୩୫୦ ମି.ଲି. ବିଞ୍ଝାରପୁରୀ ଦେଶୀ ଗାଈ ଘିଅ ପ୍ୟାକ ଏବଂ ଦୁଗ୍ଧ ମଧ ବଜାରରେ ଉପଲବ୍ଧ ହୋଇଛି। କାଚ ବୋତଲରେ ୫୦୦ ମି.ଲି. ପ୍ୟାକ୍ ବଜାରକୁ ଆସିଛି। ଏହି ଦୁଗ୍ଧ ଦୀର୍ଘ ୯୦ଦିନ ପର୍ଯ୍ୟନ୍ତ ତାଜା ରହିପାରିବ। ଆଗାମୀ ଦିନରେ ଓମ୍‌ଫେଡ ଆହୁରି ନୂଆ ଉତ୍ପାଦ ବଜାରକୁ ଆଣିବାକୁ ଯାଉଥିବା ନିର୍ଦ୍ଦେଶକ କୁଲାଙ୍ଗେ କହିଛନ୍ତି।

# ଲୋକଙ୍କୁ ଦେବୁ ସେବା, ସୁଶାସନ ଓ ଗରିବ କଲ୍ୟାଣର ହିସାବ: ସମୀର

**ଭୁବନେଶ୍ୱର,୨।୬(ରବିନାରାୟଣ ଜେନା)**

ଲୋକଙ୍କ କଥା ଶୁଣିଛନ୍ତି ଲୋକଙ୍କ ସରକାର। ଲୋକଙ୍କୁ ଯାହା ପ୍ରତିଶ୍ରୁତି ଦିଆଯାଇଥିଲା ସେଥିରୁ ଯାହାସବୁ ପୂରଣ ହୋଇଛି ସେ ସମ୍ପର୍କରେ ଗାଁକୁ ଗାଁ ଯାଇ ଲୋକଙ୍କୁ ଅବଗତ କରାଯିବ। କେନ୍ଦ୍ର ସରକାରଙ୍କ ୧୧ବର୍ଷ ଏବଂ ରାଜ୍ୟର ଭାଜପା ସରକାରଙ୍କ ଏକବର୍ଷର ଚିଠିକିଣି ହିସାବ ଲୋକଙ୍କୁ ଦିଆଯିବ। ଜନସାଧାରଣଙ୍କ ପାଖରେ ସେବା, ସୁଶାସନ ଓ ଗରିବ କଲ୍ୟାଣ ବାର୍ତ୍ତା କର୍ମକର୍ତ୍ତାଙ୍କ ଜରିଆରେ ପହଞ୍ଚାଇବୁ ବୋଲି ପୂର୍ବତନ ରାଜ୍ୟ ଭାଜପା ସଭାପତି ତଥା ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ସଂଯୋଜକ ସମୀର ମହାନ୍ତି କହିଛନ୍ତି।

ସୋମବାର ପୂର୍ବାହ୍ନରେ ଭାଜପା କାର୍ଯ୍ୟାଳୟରେ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉତ୍ସବ ଲାଗି ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ସମୀର କହିଛନ୍ତି, ବୁଥ୍, ମଣ୍ଡଳ, ଜିଲା ଏବଂ ରାଜ୍ୟସ୍ତରରେ ଭାଜପା ସରକାରଙ୍କ ପକ୍ଷରୁ ବର୍ଷପୂର୍ତ୍ତି ଉତ୍ସବ ପାଳନ କରାଯିବ। ଏଥିପାଇଁ ସ୍ୱତନ୍ତ୍ର କମିଟି ଗଠନ ହୋଇଛି। ଜୁନ ୯ରୁ ରାଜ୍ୟବ୍ୟାପୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହେବ। ସେବା, ସୁଶାସନ, ଗରିବ କଲ୍ୟାଣର ମୂଳ ଆଧାରକୁ ନେଇ ଭାଜପା ଜନସାଧାରଣଙ୍କ ପାଖକୁ ଯିବ। ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ସଫଳତାର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଯିବ। ସଶକ୍ତ ଭାରତ ଓ ସୁରକ୍ଷିତ ଭାରତ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।



ଭୁବନେଶ୍ୱରସ୍ଥିତ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସରକାରଙ୍କ ୧ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ପରେ ଭାଜପା ନେତା ସମୀର ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନିକଟରେ ଅଛନ୍ତି ବାମରୁ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ସହ ପ୍ରଭାରୀ ଲତା ଉସେଣ୍ଡି।

ସମୀର ଆହୁରି କହିଛନ୍ତି, ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହରରେ ଏବଂ ଜିଲା ମୁଖ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ତଥା କେନ୍ଦ୍ରୀୟ ନେତୃବୃନ୍ଦମାନେ ଖବରଦାତା ସମ୍ମିଳନୀ କରି ସରକାରଙ୍କ ସଫଳତାର ହିସାବ ଦେବେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଆଲୋଚନାଚକ୍ର ମଧ୍ୟ ଆୟୋଜନ କରାଯିବ। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନେ ଏଥିରେ ଭାଗନେବେ । ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହଯୋଗ ସହ ବ୍ୟାପକ କାର୍ଯ୍ୟକ୍ରମ କରାଯିବ। ଡବଲ ଇଞ୍ଜିନ ସରକାରର ସୁଫଳ ରାଜ୍ୟବାସୀ କେତେ ପାଉଛନ୍ତି ତାହା ସମ୍ପର୍କରେ ମତାମତ ନିଆଯିବ। ବିଗତ ବର୍ଷଗୁଡ଼ିକରେ କଂଗ୍ରେସ ଏବଂ ବିଜେଡି କେମିତି ଓଡ଼ିଶା ପଛକୁ ନେଇଥିଲେ, ତାହାର ତଥ୍ୟ ମଧ୍ୟ ଲୋକଙ୍କ ଆଗରେ କର୍ମକର୍ତ୍ତାମାନେ ରଖିବେ । ବୋଲି ମହାନ୍ତି କହିଥିଲେ ।

ସେ କହିଥିଲେ, ଡବଲ ଇଞ୍ଜିନ ସରକାର ସରକାରକୁ ଆସିବା ପରେ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ହୋଇଛି। ସଂକଳ୍ପ ପତ୍ରରେ ଭାଜପା ପକ୍ଷରୁ ଯାହା କୁହାଯାଇଥିଲା ତାକୁ ଅକ୍ଷରେ ଅକ୍ଷରେ ପାଳନ କରାଯାଉଛି। ୭୦ ବର୍ଷରୁ ଊର୍ଦ୍ଧ୍ୱ ଜଣେ ହେଲେ ବି ବୟସ୍କ ଯେମିତି ଆୟୁଷ୍ମାନ ଭାରତ ବୟୋବନ୍ଦନା ଯୋଜନାରୁ ବଞ୍ଚିତ ନ ହେବେ ସେନେଇ ସଚେତନ କରାଯିବ ବୋଲି ମହାନ୍ତି କହିଥିଲେ ।

ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନ ମହାମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ।

## ପ୍ରଥମ ପୃଷ୍ଠାରୁ...

### ଖୋଲିବନି ନୂଆ...

ନୀତିକୁ ପ୍ରତିବର୍ଷ ପରିବର୍ତ୍ତନ ନ କରି ତିନିବର୍ଷିଆ ମଦ ନୀତି ଅଣାଯିବ। ଏହା ପୂର୍ବ ପଦ୍ଧତିଠାରୁ ପରିବର୍ତ୍ତନ ହେବ, ଯାହା ପ୍ରାୟତଃ ରାଜସ୍ୱ ସୃଷ୍ଟି ପାଇଁ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଉଥିଲା । ନୀତି ଅଧ୍ୟୟନର ଅଂଶ ସ୍ୱରୂପ ବରିଷ୍ଠ ଅଧିକାରୀଙ୍କ ୩ଟି ଦଳ ଆନ୍ଧ୍ରପ୍ରଦେଶ, ରାଜସ୍ଥାନ, କେରଳ ଏବଂ ତାମିଲନାଡୁ ପରିଦର୍ଶନରେ ଯାଇଛନ୍ତି। ଏହି ୪ ରାଜ୍ୟରେ ମଦ ନିୟନ୍ତ୍ରଣ ଏବଂ ବଣ୍ଟନ ପାଇଁ ଭିନ୍ନ ପଦ୍ଧତି ରହିଛି। ତାହାକୁ ସେମାନେ ଅଧ୍ୟୟନ କରିବେ। ଅଧିକାରୀମାନେ ଜୁନ୍ ୭ ଏବଂ ୮ ସୁଦ୍ଧା ଫେରିଆସିବେ ବୋଲି ଆଶା କରାଯାଉଛି। ଏହାପରେ ଚିଠାନୀତିରେ ଯେକୌଣସି ବିଚାରାଧୀନ ପରିବର୍ତ୍ତନକୁ ଚୂଡ଼ାନ୍ତ କରାଯିବ। ଏହି ନୀତି ବେଆଇନ ମଦ ଉତ୍ପାଦନ ଏବଂ ଚୋରାଚାଲାଣ, ଦୁର୍ବଳ ପ୍ରବର୍ତ୍ତନ ଏବଂ ପୁରୁଣା ଦଣ୍ଡ ବ୍ୟବସ୍ଥା ଭଳି ସ୍ଥାୟୀ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ବିଶେଷ ଭୂମିକା ଗ୍ରହଣ କରିବ।

ମନ୍ତ୍ରୀ କହିଛନ୍ତି, ମେ' ୩୧ରେ ଓଡ଼ିଶାରେ ତମାଖୁ ନିରୋଧୀ ଦିବସ ପାଳନ ବେଳେ ସଚେତନତାକୁ ବ୍ୟାପକ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଥିଲା । ସ୍କୁଲ ଏବଂ କଲେଜ ନିକଟରେ ଯେଭଳି ମଦ ବିକ୍ରି ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ। ସରକାରଙ୍କ ଲକ୍ଷ୍ୟ ହେଉଛି, ଯୁବପିଢ଼ି ପାଇଁ ଏକ ସୁସ୍ଥ, ନିଶାମୁକ୍ତ ସମାଜ ଗଠନ କରିବା।

### ହଂସ ଦାରୁକା...

ଜିନ୍ଦଲ (୩୩୪ ମାର୍କ) ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ମଜିଦ ମୁଜାହିଦ ହୁସେନ(୩୩୦) ତୃତୀୟ, ପାର୍ଥ ମନ୍ଦର ବର୍ତକ(୩୨୭) ଚତୁର୍ଥ, ଉଜ୍ଜ୍ୱଳ କେଶରୀ(୩୨୪) ପଞ୍ଚମ, ଅକ୍ଷତ କୁମାର ଚୌରାସିଆ(୩୨୧)ଷଷ୍ଠ, ସାହିଲ ମୁକେଶ ଦେଓ(୩୨୧) ସପ୍ତମ, ଦେବେଶ ପଙ୍କଜ ଭାଇୟା(୩୧୯) ଅଷ୍ଟମ, ଅର୍ଣ୍ଣବ ସିଂହ(୩୧୯) ନବମ ଓ ବଦ୍‌ଲାମୁଣ୍ଡି ଲୋକେଶ(୩୧୭) ଦଶମ ର୍ୟାଙ୍କ୍‌ରେ ରହିଛନ୍ତି।

ସୂଚନା ଅନୁସାରେ, ଗତ ୧୮ ତାରିଖରେ ଜେଇଇ ଆଡ୍‌ଭାନ୍ସଡ ପରୀକ୍ଷା ହୋଇଥିଲା । ମୋଟ ୧ଲକ୍ଷ ୮୦ ହଜାର ୪୨୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୫୪ହଜାର ୩୭୮ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଶ୍ରେଷ୍ଠ ୧୫ ତାଲିକାରେ ଏଥର କେବଳ ଛାତ୍ରମାନେ ରହିଛନ୍ତି। ଛାତ୍ରୀଛାତ୍ର jeeadv.ac.in ୱେବ୍‌ସାଇଟ୍‌ରୁ ଫଳାଫଳ ସହ ଅନ୍ୟାନ୍ୟ ତଥ୍ୟ ପାଇପାରିବେ ବୋଲି କୁହାଯାଇଛି।

### ଏନ୍‌ଇଇଟି-ପିଜି ସ୍ଥଗିତ...

ଘୋଷଣା ହେବ ବୋଲି କୁହାଯାଇଛି। ଦେଶର ଡାକ୍ତରୀ ସ୍ନାତକ ଛାତ୍ରୀଛାତ୍ରଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଏହି ପରୀକ୍ଷା ଦେବାକୁ ପଡ଼ିଥାଏ । ଏମ୍‌ଡି, ଏମ୍‌ଏସ୍ ଏବଂ ପିଜି ଡିପ୍ଲୋମା ପାଠ୍ୟକ୍ରମ ଲାଗି ଏନ୍‌ଇଇଟି-ପିଜି ପ୍ରବେଶିକା ପରୀକ୍ଷା। ଚଳିତ ବର୍ଷ ଏହି ପରୀକ୍ଷା ଜୁନ୍ ୧୫ରେ ୨ଟି ଶିଫ୍ଟରେ କରିବା ପାଇଁ ପୂର୍ବରୁ କାର୍ଯ୍ୟସୂଚୀ ଧାର୍ଯ୍ୟ ହୋଇଥିବାବେଳେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହାକୁ ସ୍ଥଗିତ ରଖାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦ୍ୱିଜା ନକ୍ଷତ୍ରର ମାନସିକ ସ୍ଥିତି ଭଲ ରହିବା ସହ କର୍ମଜଞ୍ଜାଳ ବୃଦ୍ଧି ପାଇବ । ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପନ୍ନ କରିବାରେ ସମର୍ଥ ହୋଇପାରନ୍ତି । ବନ୍ଧୁଙ୍କ ନିମନ୍ତ୍ରଣକ୍ରମେ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ । ଶିଳ୍ପ, ବାଣିଜ୍ୟ, ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ଲାଭବାନ୍ ହେବେ ।

**ବୃଷ** ଆପଣଙ୍କ ମନ ଯେମିତି କାମ ମଧ୍ୟ ତଦନୁରୂପ ହେବ । ପ୍ରତ୍ୟେକ ସମସ୍ୟାକୁ ପ୍ରତିହତକରି କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମକୁ ସମ୍ପନ୍ନ କରିବେ । ରୋହିଣୀ ନକ୍ଷତ୍ର କଳା, ସାହିତ୍ୟ, ଚଳଚ୍ଚିତ୍ର, ସଭାସମିତି, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ । ସମ୍ପର୍କୀୟଙ୍କଠାରୁ ଅଯାଚିତ ସାହାଯ୍ୟ, ସହଯୋଗ ପ୍ରାପ୍ତ ହେବ ।

**ମିଥୁନ** କର୍ମକ୍ଷେତ୍ର ସମସ୍ୟା ବହୁଳ ରହିଲେ ମଧ୍ୟ କୌଣସି କ୍ଷେତ୍ରରେ ପଳାୟନପନ୍ଥୀ ହେବେ ନାହିଁ। ବୁଝାମଣା ଅଭାବରୁ କର୍ମକ୍ଷେତ୍ରରେ ବିବଦମାନ ପରିସ୍ଥିତି ସୃଷ୍ଟି ହେବ । ପୁନର୍ବସୁ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ସାମୟିକ ଖୁସି ରହିବ । ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି ।

**କର୍କଟ** ଆଜି ଅଶ୍ଳେଷା ନକ୍ଷତ୍ର କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ । କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନ୍‌ସନ ଦୂରହେବ । ବ୍ୟବସାୟ, ଯାତ୍ରା, ଆଲୋଚନା କ୍ଷେତ୍ରରେ ସଫଳତାର ଶୀର୍ଷରେ ଉପନୀତ ହେବେ । ଚେଷ୍ଟା କରୁଥିବା କାମରୁ ସୁଫଳ ପାଇବେ ଓ ସାମାଜିକ ସ୍ତରରେ ସମ୍ମାନିତ ହେବା ଆଶା ରହିଛି ।

**ସିଂହ** ମଘା ନକ୍ଷତ୍ର ଆଜି ଯାହା କଲେ ମଧ୍ୟ ଅଳ୍ପଖର୍ଚ୍ଚରେ ତାହା କରିପାରିବେ ନାହିଁ। ଆକସ୍ମିକ ଭାବରେ ପଦାଧିକାରୀଙ୍କ ଆଦେଶକୁ ଅବଜ୍ଞା ନ କରି ଯାତ୍ରା କରିବାକୁ ବାଧ ହୋଇପାରନ୍ତି । ନିଜକୁ ନିୟନ୍ତ୍ରଣରେ ରଖିବାରେ ଅସମର୍ଥ ହେବେ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ ।

**କନ୍ୟା** ହସ୍ତା ନକ୍ଷତ୍ର ସମସ୍ୟା ମଧ୍ୟରେ ଦୈହିକ ଅସୁସ୍ଥତା କର୍ମକ୍ଷେତ୍ରକୁ ପ୍ରଭାବିତ କରିବ । ଘରୋଇ ସମସ୍ୟାର ସମାଧାନ ସକାଶେ ଜଣେ ଆତ୍ମୀୟ ସାହାଯ୍ୟ କରିପାରନ୍ତି । ସୁଯୋଗର ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ । ସନ୍ଦେହ କିମ୍ବା ଭୁଲ୍ ବୁଝାମଣା କାରଣରୁ ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟର ସୂଚନା ରହିଛି ।

**ତୁଳା** ବିଶାଖା ନକ୍ଷତ୍ର ସକାଶେ ଆଜି ଦିନଟି ସୁଖ, ସନ୍ତୋଷର ପୃଷ୍ଠଭୂମି ପାଲଟିଯିବ । କର୍ମକ୍ଷେତ୍ରରେ କିଛିନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ । ଦୀର୍ଘପଥ ଭ୍ରମଣ କରିବା କାରଣରୁ ସ୍ୱାସ୍ଥ୍ୟରେ ସମସ୍ୟା ପରିଲକ୍ଷିତ ହୋଇପାରେ । ଯୁକ୍ତିତର୍କଜନିତ ପାରିବାରିକ କ୍ଷେତ୍ରରେ ନିଜର ନିଷ୍ପତ୍ତି ହଠାତ୍ ବଦଳାଇ ଦେଇପାରନ୍ତି ।

**ବିଛା** ଅବହେଳା ଯୋଗୁ ଅସଫଳତାର ସମୀକ୍ଷାକରି ପରବର୍ତ୍ତୀ କାର୍ଯ୍ୟକ୍ରମକୁ ବଦଳାଇପାରନ୍ତି । ଅନୁରାଧା ନକ୍ଷତ୍ର ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ସାମାଜିକ ସ୍ତରରେ ପ୍ରଶଂସିତ ହେବେ । ପରିବାରର ସହମତି ନେଇ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ । ସଙ୍ଗଠନ, ଆନୁଷ୍ଠାନିକ କାମ, ରାଜନୀତି, ଅଧ୍ୟୟନ ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ ।

**ଧନୁ** ମାନସିକ ସ୍ଥିତି ଭଲ ନ ଥିଲେ ମଧ୍ୟ ବନ୍ଧୁଙ୍କ ଆଶ୍ୱାସନାରୁ କିଛିଟା ସାନ୍ତ୍ୱନା ମିଳିପାରେ । ପାରିବାରିକ ସମସ୍ୟା ସତ୍ତ୍ୱେ ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସହ ଯିବାକୁ ବାଧ ହେବେ । ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ର ସମସ୍ୟା ସମାଧାନ ହେବ । ମୂଳା ନକ୍ଷତ୍ର ପରୋକ୍ଷ ଶତ୍ରୁତାରୁ କୌଣସି କାମ ସମ୍ପନ୍ନ କରିପାରିବେ ନାହିଁ ।

**ମକର** କୋଣଭାବସ୍ଥ ବୁଧାଦିତ୍ୟ ଯୋଗରୁ ଦିନଟି ଭଲ ରହିବ । ଯେଉଁ କାମଟିକୁ ଆରମ୍ଭ କରିବେ ତାହା ନିଶ୍ଚିତ ଭାବରେ ସଫଳତାର ଶୀର୍ଷକୁ ଛୁଇଁବା ସମ୍ଭାବନା ରହିଛି । କାହା ପାଖରେ ବହୁଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ । ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡର ରୋଗରେ କଷ୍ଟ ପାଇପାରନ୍ତି ।

**କୁମ୍ଭ** ସମ୍ପର୍କୀୟଙ୍କ ସହଯୋଗରୁ କୌଣସି କାମ ଅଟକିବ ନାହିଁ। ପ୍ରଶାସନିକ, ରାଜନୈତିକ ଓ ସାମାଜିକ ସ୍ତରରେ ପତିଆରା ବୃଦ୍ଧି ପାଇବା ଆଶା ରହିଛି । ସାଧାରଣ ମନେ ନ କରି ପିଲାମାନଙ୍କ ଅଭିଯୋଗକୁ ଗୁରୁତର ସହ ବିଚାରକରିବା ଭଲ ହେବ । ଧନିଷ୍ଠା ନକ୍ଷତ୍ରର ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବା ଦୁଶ୍ଚିନ୍ତାର କାରଣ ହୋଇପାରେ ।

**ମୀନ** ରେବତୀ ନକ୍ଷତ୍ର ଆନୁଷ୍ଠାନିକ କାମରେ କିମ୍ବା ସଭାସମିତିରେ ବନ୍ଧୁଙ୍କ ଦ୍ୱାରା ଆଦରଣୀୟ ରହିବେ । ଭାଙ୍ଗିପଡ଼ିଥିବା ସମ୍ପର୍କ ଏକ ଭିନ୍ନ ପରିବେଶରେ ପୁଣି ଯୋଡ଼ିହୋଇଯିବ । ଜମିଜମା କାରବାର, ହୋଟେଲ, ତେଜରାତି ଦୋକାନ ପ୍ରଭୃତିରୁ ବିଶେଷ ଲାଭବାନ୍ ହେବେ । ବାଧ୍ୟବାଧକତାରେ ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ ।

ଆଜି ଜୁନ୍ ୩ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଅଷ୍ଟମୀ ମଙ୍ଗଳବାର । ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫।୧୦ ଗତେ, ଘ.୦୬।୪୯ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୧୧ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୩।୦୧ ଗତେ, ଘ.୦୪।୪୦ ମଧ୍ୟେ ରାହୁକାଳ ।

## ତାରାଦେବୀ ଠାକୁରାଣୀ ଯାତ୍ରା ୧୦୮ ଆଳତୀ ଦେଖିବାକୁ ଭିଡ

ବ୍ରହ୍ମପୁର,(ସ୍ମୃତି ରଞ୍ଜନ ମହାଲିକ)ଲାଞ୍ଜିପଲୀ ମା' ତାରାଦେବୀ ଠାକୁରାଣୀ ଯାତ୍ରା ସୋମବାର ୧୬ ଦିନରେ ପହଂଚିଛି। ଯାତ୍ରା ସ୍ଥଳରେ ରଥ ଓ କଳାକୁଞ୍ଜ ଉନ୍ମୋଚିତ ହୋଇଛି। ଯାହାକୁ ଦେଖିବା ପାଇଁ ସହରବାସୀଙ୍କ ଭିଡ ଜମୁଛି। ଉତ୍ତର ରେଡିକା ସାହିରେ ଲକ୍ଷ୍ମଣ ରଥ, ଦକ୍ଷିଣ ରେଡିକା ସାହିରେ ରାମ ରଥ ଓ କାଳଞ୍ଜୀ ସାହିରେ କନକ ଦୁର୍ଗା ରଥ ଉନ୍ମୋଚିତ ହୋଇଛି। ସୋମବାର ମା'ଙ୍କ ବିଶ୍ରାମ ଥିବାରୁ ଘଟ ପରିକ୍ରମା ବନ୍ଦ ରହିଥିଲା। ସନ୍ଧ୍ୟାରେ ମା'ଙ୍କ ୧୦୮ ଆଳତୀ ଦେଖିବାକୁ ପ୍ରବଳ ଜନ ସମାଗମ ହୋଇଥିଲା। ରାତିରେ ଯାତ୍ରା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସିଏମ ଟ୍ରଫି ଫୁଟବଲ: ନବରଙ୍ଗପୁର ବିଜୟୀ

ବ୍ରହ୍ମପୁର,୨।୬(ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଚାମ୍ପିୟନଶିପର ସୋମବାର ଥିଲା ଷଷ୍ଠ ଦିବସ। ଗଞ୍ଜାମ ଓ ନବରଙ୍ଗପୁର ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଗଞ୍ଜାମ ୧ ଗୋଲ କରିଥିବା ବେଳେ ନବରଙ୍ଗପୁର ୨ ଗୋଲ କରି ଗଞ୍ଜାମକୁ ପରାସ୍ତ କରିଛି। ନବରଙ୍ଗପୁର ଦଳର ମ୍ୟାନ ଅଫ ଦ ମ୍ୟାଚ ଆଦିତ୍ୟ ହରିଜନ ହୋଇଥିଲେ । ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା କ୍ରୀଡା ସଙ୍ଘର ଉପ ସଭାପତି ରଂଜିତ କୁମାର ବାନାର୍ଜୀ ଯୋଗଦେଇ ତାଙ୍କୁ ପୁରସ୍କୃତ କରିଥିଲେ। ବିଜୟ କୁମାର ପଟ୍ଟନାୟକ, ଦୁର୍ଗା ପଟ୍ଟନାୟକ, ତାରିଣୀ ସାମନ୍ତରାୟ, ଡି. ଆପରାଓ, ଡି. ବାବୁ ରାଓ, ଡି ଗନ୍ତାୟତ, ଜି. ଏମ ବାବୁ, ପ୍ରମୋଦ ମହାରଣା, ଏଲ. କେ ରାଓ ରେଡ୍ଡୀ, ଗୋପାଳ ପଣ୍ଡା, ରାଜେନ୍ଦ୍ର ସାହୁ, ଭି. ନାଗେଶ୍ୱର ରାଓ, ବିଶ୍ୱନାଥ ପାତ୍ର, ରାଜେନ୍ଦ୍ର ସାହୁ , ଏସ.ସି ପ୍ରଧାନ, ଜନାର୍ଦ୍ଦନ ପାତ୍ର ଏବଂ ଜିଲାର ବରିଷ୍ଠ ଖେଳାଳି ଯୋଗଦେଇଥିଲେ ବୋଲି ଜିଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି।

## ଗୋପାଳପୁର ଶିଳ୍ପ ପାର୍କକୁ ଆସିବ ୫ ନୂଆ ପ୍ରକଳ୍ପ

ବ୍ରହ୍ମପୁର,୨।୬(ସ୍ମୃତି ରଞ୍ଜନ ମହାଲିକ)

ବିଶ୍ୱ ଅର୍ଥନୈତିକ ଫୋରମ ଟ୍ରାଞ୍ଜିସନିଂ ଶିଳ୍ପ କ୍ଲଷ୍ଟର ଅଭିଯାନରେ ଟାଟା ଷ୍ଟିଲ ସ୍ପେସିଆଲ ଇକୋନୋମିକ ଜୋନର ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କ ଯୋଡି ହୋଇଛି। ଅର୍ଥନୈତିକ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଅଙ୍ଗାରକାମ୍ଳ ହ୍ରାସ କରିବାରେ ଶିଳ୍ପ କ୍ଲଷ୍ଟର ସରକାରୀ ଓ ଘରୋଇ ସଂସ୍ଥାକୁ ଏକତ୍ରିତ କରିବ। ଆକ୍ସେଂଚର ଓ ଇଲେକ୍ଟ୍ରିକ ପାୱାର ରିସର୍ଚ୍ଚ ଇଣ୍ଡିଆ ସହଯୋଗିତାରେ କାର୍ଯ୍ୟକାରୀ କରାଯାଇଥିବା ବିଶ୍ୱ ସ୍ତରୀୟ ଅଭିଯାନରେ ଦୀର୍ଘ ସ୍ଥାୟିତ୍ୱ, ଶକ୍ତି ଦକ୍ଷତା ଓ ସବୁଜ ନବ ସୃଜନକୁ ପ୍ରୋତ୍ସାହିତ କରୁଥିବା ଶିଳ୍ପ ବ୍ୟବସ୍ଥାକୁ ସୁଦୃଢ଼ କରାଯିବା ସହ ବ୍ୟାପକ ଡିକାର୍ବନାଇଜେସନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ। ଜିଲାରେ ଅବସ୍ଥିତ ଜିଆଇପି ଖୁବ କମ ସମୟ ମଧ୍ୟରେ ଗ୍ରୀନ ହାଇଡ୍ରୋଜେନ, ଗ୍ରୀନ ଆମୋନିଆ ଓ ଅକ୍ଷୟ ଶକ୍ତି ଉତ୍ପାଦର ଏକ ପ୍ରମୁଖ କେନ୍ଦ୍ର ହେବାକୁ ଯାଉଛି। ଜିଆଇପି ଏହାର ନିଜସ୍ୱ ବିକାଶ ଲକ୍ଷ୍ୟ ଓ ରାଷ୍ଟ୍ରୀୟ ଗ୍ରୀନ ହାଇଡ୍ରୋଜେନ ମିଶନକୁ ଏକାଠି ପୂରଣ କରିବା ପାଇଁ ଦୀର୍ଘ ସ୍ଥାୟିତ୍ୱ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଏହି ମିଶନରେ ଭାରତକୁ ଗ୍ରୀଡ ହାଇଡ୍ରୋଜେନ ଓ ଡେରିଭେଟିଭ ଉତ୍ପାଦନ, ଉପଯୋଗ ଏବଂ ରପ୍ତାନୀର ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ରାଷ୍ଟ୍ର ଭାବେ ଉପସ୍ଥାପନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଟାଟା ଷ୍ଟିଲ ସ୍ପେସିଆଲ ଇକୋନୋମିକ ଜୋନ ପରିଚାଳନା ନିର୍ଦ୍ଦେଶକ ମଣିକାନ୍ତ ନାୟକ କହିଛନ୍ତି ଯେ, ବିଶ୍ୱ ଅର୍ଥନୈତିକ ଫୋରମରେ ରୂପାନ୍ତରିତ ଅଭିଯାନର ଏହା ଅଂଶ ହୋଇଥିବାରୁ ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କ ଗର୍ବିତ। ଜିଆଇପି ଭଳି ବୃହତ କ୍ଲଷ୍ଟର ସହ ରାଜ୍ୟରେ ଜାରି ରହିଥିବା ଦ୍ରୁତ ଶିଳ୍ପାୟନ ମଧ୍ୟ ଡିକାର୍ବନାଇଜଡ ଭବିଷ୍ୟତ ସୃଷ୍ଟି କରିବା ପାଇଁ ସୁଦୃଢ଼ ଭିତ୍ତିଭୂମି ନୂଆ ସୁଯୋଗ ପ୍ରଦାନ କରୁଛି ବୋଲି ସେ କହିଛନ୍ତି।

## ବଳାତ୍କାର ଅଭିଯୋଗରେ ଯୁବକ କୋର୍ଟଚାଲାଣ

ଗୋପାଳପୁର,୨।୬ (ନବୀନ ରାଜ ଆଚାରୀ)

ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର ଅଭିଯୋଗରେ ପୋଲିସ ସୋମବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି। ସେ ହେଲେ ବିଶ୍ୱନାଥପୁର ଗ୍ରାମର ରାଜେଶ କୁମାର ନାୟକ (୨୨) । ଜଣେ ଯୁବତୀଙ୍କ ସହିତ ରାଜେଶଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ୬ ମାସ ପୂର୍ବେ ଯୁବତୀ ଜଣକ ରାଜେଶଙ୍କୁ ୧୧ ହଜାର ଟଙ୍କା ଦେଇଥିଲେ। ବିଭିନ୍ନ ସମୟରେ ରାଜେଶଙ୍କୁ ଯୁବତୀ ଟଙ୍କା ମାଗୁଥିଲେ ହେଁ ସେ ନ ଦେଇ ଦିନ ଗଡେଇ ଚାଲିଥିଲେ। ରବିବାର ରାଜେଶ ଯୁବତୀଙ୍କୁ ଫୋନ କରି ଟଙ୍କା ଦେବି କହି ବିଶ୍ୱନାଥପୁର ଛକ ନିକଟକୁ ଡ଼ାକିଥିଲେ। ଯୁବତୀ ଜଣକ ଆସିବାରୁ ରାଜେଶ ତାଙ୍କୁ ଧରି ଅନ୍ଧପସରା ରୋଡ଼ରେ ଥିବା ଏକ ହୋଟେଲକୁ ନେଇ ବଳାତ୍କାର କରିଥିଲେ। ସେଠାରେ ୨୭ଶହ ଟଙ୍କା ଦେଇଥିଲେ। କୌଶଳକ୍ରମେ ଯୁବତୀ ଜଣକ ଖସି ଆସି ମଉସାଙ୍କୁ କହିଥିଲେ। ରବିବାର ସନ୍ଧ୍ୟାରେ ଗୋଳନ୍ଥରା ଥାନାକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ନଂ. ୨୩୪/୨୫ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ସୋମବାର ଗ୍ରାମରୁ ରାଜେଶଙ୍କୁ କାବୁ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା ପରେ ରାଜେଶଙ୍କୁ କୋର୍ଟଚାଲାଣ କରିଛି।

## ନୂତନ ଗଞ୍ଜାମ ପିପିଙ୍କର କାର୍ଯ୍ୟରେ ଯୋଗଦାନ



ନୂତନ ପିପିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବ୍ରହ୍ମପୁର/ଛତ୍ରପୁର, ୨।୬(ସୁବାସ ଚନ୍ଦ୍ର ପାଢ଼ୀ/ସନ୍ତୋଷ ପାଢୀ)

ପୂର୍ବରୁ ଜିଲାରେ ଗୃହ ବିଭାଗର ନିର୍ଦ୍ଦେଶରେ ପବ୍ଲିକ ପ୍ରସିକ୍ୟୁଟର ଭାବେ କାର୍ଯ୍ୟରତ ତ୍ରିଲୋଚନ ପରିଡାଙ୍କର ପଦୋନ୍ନତି ପରେ ଉପନିର୍ଦ୍ଦେଶକ ଭାବେ କନ୍ଧମାଳ ଓ ବୌଦ୍ଧ ଜିଲାକୁ ବଦଳି ହୋଇଥିଲା। କଟକ ଜିଲାରେ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଭାବେ କାର୍ଯ୍ୟରତ ଥିବା ବିଶ୍ୱଜିତ ବରାଳଙ୍କ ପଦୋନ୍ନତି ପରେ ଗଞ୍ଜାମ ଜିଲା ପବ୍ଲିକ ପ୍ରସିକ୍ୟୁଟର ଭାବେ ବଦଳି ହୋଇଛି। ସେ ସୋମବାର ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଭେଟି ନିଜର ନିଯୁକ୍ତି ସୂଚନା ଦେବା ସହ ସେ ପୃଥକ ଭାବେ ଉଭୟ ଗଞ୍ଜାମ ଓ ବ୍ରହ୍ମପୁର ଏସପିଙ୍କ ସହ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ଅପରାହ୍ନରେ ବ୍ରହ୍ମପୁର ଜିଲା ଜଜ କୋର୍ଟ ପରିସରରେ ଥିବା ତାଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କ୍ୟାଡର ଏପିପି ଆଲୋକଜ୍ୟୋତି କଦମ, ଭିଜିଲାନ୍ସ ଜଜ କୋର୍ଟର ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା, ସିଜେଏମ କୋର୍ଟର ଏପିପି ରାଜେନ୍ଦ୍ର ଦାଶ, ଓପିଆଇଡ଼ି କୋର୍ଟର ଏପିପି ଅଭି ଦାଶ, ଏସିଜେଏମ କୋର୍ଟର କୁରେଶ ଗୌଡ଼, ଏପିପି ରଜତ ଦାଶ, ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଜ୍ୟୋତି ଛୋଟରାୟ, କୁନାଲ ପଟ୍ଟନାୟକ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ପିପି ବରାଳ ଉପସ୍ଥିତ ଥିବା ସମସ୍ତ ପ୍ରସିକ୍ୟୁଟରଙ୍କୁ ନିଷ୍ଠାପର ଭାବେ କାର୍ଯ୍ୟକରିବାକୁସମ୍ବୋଧନକରିକହିଥିଲେ।

## ବିଡିଓଙ୍କୁ ଦାବିପତ୍ର ଦେଲେ ଗାଁ ସାଥୀ

ପୋଲସରା,୨।୬ (ସୁବ୍ରତ ବେହେରା)



ଦୀର୍ଘ ଦିନ ଧରି ପୋଲସରା ବ୍ଲକର ଗାଁ ସାଥୀ (ମେଟ)ଙ୍କ ବିଭିନ୍ନ ସମସ୍ୟା ଲାଗିରହିଛି। ଏହାର ପ୍ରତିକାର ପାଇଁ ଦାବି ସେମାନେ କରି ଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଗତ ବିଜେଡି ସରକାର ଓ ପୂର୍ବତନ ମନ୍ତ୍ରୀଙ୍କୁ ଗାଁ ସାଥୀ ସେମାନଙ୍କ ସମସ୍ୟା ନେଇ ଅବଗତ କରାଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ସରକାର ପରିବର୍ତ୍ତନ ପରେ ଗାଁ ସାଥୀମାନେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଦୁଇ ଥର ଭେଟି ସମସ୍ୟା ସମ୍ପର୍କ ବିଷୟରେ ଜଣାଇଥିଲେ। ତେବେ ପୋଲସରା ପୂର୍ବତନ ବିଡିଓ କୁରେଶ ଚନ୍ଦ୍ର ଜାନୀ ସେମାନଙ୍କ ସମସ୍ୟା ସମାଧାନ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲେ। ଏହାକୁ ନେଇ ସୋମବାର ଗାଁ ସାଥୀ ସଂଘ ସଭାପତି ଅଶୋକ ବିଷୋୟୀ, ସମ୍ପାଦକ ଲଳିତ ମୋହନ ନାୟକ, କୋଷାଧ୍ୟକ୍ଷ ବସନ୍ତ ଗୌଡ଼,ସାଇବ ସ୍ୱାଇଁ, ଚିତ୍ରସେନ ଦାସ, ସୁଶାନ୍ତ ସାହୁ ଓ ଅନ୍ୟମାନେ ୧୨ ଦଫା ସମ୍ବଳିତ ଦାବିପତ୍ର ନେଇ ପୋଲସରାର ନୂତନ ବିଡିଓ ଶଶିଭୂଷଣ ମହାପାତ୍ରଙ୍କୁ ଭେଟି ପ୍ରଦାନ କରିଛନ୍ତି। ସେମାନେ ବିଡିଓଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ ପାଇଁ ନିବେଦନ କରିଥିଲେ। ଏ ସମ୍ପର୍କରେ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ କରିବାକୁ ବିଡିଓ ଗୁରୁତ୍ୱାରୋପ କରି ଆଗାମୀ ଦିନରେ ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଆରଏସ୍, ସମସ୍ତ ସରପଞ୍ଚ ଓ ଗାଁ ସାଥୀଙ୍କୁ ନେଇ ଆଲୋଚନା କରି ସମାଧାନର ପନ୍ଥା ବାହାର କରିବାକୁ ବିଡିଓ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ।

## ବଧୂ ନିର୍ଯାତନା ମାମଲା: ଅଭିଯୁକ୍ତଙ୍କୁ ୨ବର୍ଷ ଜେଲଦଣ୍ଡ

ପୋଲସରା,୨।୬ (ସୁବ୍ରତ ବେହେରା)

ପୋଲସରା ଥାନା ଅର୍ନ୍ତଗତ କଳମ୍ବ ଗ୍ରାମର ଜଣେ ବଧୂଙ୍କୁ ନିର୍ଯାତନା ଦେବା ନେଇ ରୁଜୁ ମାମଲାର ବିଚାର କରି ପୋଲସରା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଏ. ଅଭିନଶ ନାଇଡୁ କଳମ୍ବ ଗ୍ରାମର ଅଭିଯୁକ୍ତ ଶୁଶାନ୍ତ ପାତ୍ରଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଏହା ଅନାଦାୟ ହେଲେ ୧ମାସ ଅଧିକ ଜେଲଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, କଳମ୍ବ ଗ୍ରାମରେ ଜଣେ ମହିଳାଙ୍କୁ ଶାଶୁଘରେ ତାଙ୍କ ଶାଶୁଶ୍ୱଶୁର ଓ ଦେଢଶୂର ନିର୍ଯାତନା ଦେଉଥିବା ନେଇ ୩୦।୪।୨୦୨୨ରେ ସ୍ତ୍ରୀ ଥାନାରେ ଏତଲା ଦେଇଥିଲେ। ସମ୍ପୃକ୍ତା ମହିଳାଙ୍କ ସ୍ୱାମୀ ମୃତ୍ୟୁବରଣ କରିସାରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ନଂ. ୧୭୧/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ସ୍ପଷ୍ଟ ହେବା ପରେ ଦେଢଶୂର ଶୁଶାନ୍ତ ଓ ଶାଶୁଶ୍ୱଶୁରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ୧।୬।୨୦୨୨ରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ୮ ଜଣ ସାକ୍ଷୀ ଓ ଅନ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ଏହି ମାମଲାରେ ଜଡିତ ଦୁଇ ଜଣ ଶାଶୁଶ୍ୱଶୁରଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି। ମକଦ୍ଦମାକୁ ସରକାରଙ୍କ ପକ୍ଷରୁ କ୍ୟାଡ଼ର୍ ଏପିପି ଅବଦେଶ ପଟ୍ଟନାୟକ ଓ ଏପିପି ରତ୍ନାକର ମହାନ୍ତି ପରିଚାଳନା କରୁଥିଲେ।

## ରଜ ପର୍ବର ସାଂସ୍କୃତିକ ମହତ୍ତ୍ୱ ରହିଛି

ବ୍ରହ୍ମପୁର,୨।୬(ଅଶୋକ କୁମାର ସାହୁ)

'ଅଙ୍କୁରେ ପ୍ରେମ' ଆନୁକୂଲ୍ୟରେ ସ୍ଥାନୀୟ ଗଞ୍ଜାମ କଳା ପରିଷଦ ପ୍ରେକ୍ଷାଳୟରେ ରଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି କେଦାର ଆପ୍ତା, ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଡ. କୁଳମଣି ଓଝା, ଗ୍ରନ୍ଥକାର ବିଘ୍ନେଶ୍ୱର ସାହୁ, ନାଟ୍ୟାଭିନେତା ସୁବୋଧ ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ଇଂ. ମନୋଜ ଦଣ୍ଡପାଟ ଓ ଗଞ୍ଜାମ କଳା ପରିଷଦର କାର୍ଯ୍ୟାଳୟ ସଂପାଦକ ଅଭୟେନ୍ଦୁ ଶେଖର ପଟ୍ଟନାୟକ ପ୍ରମୁଖ ସ୍ୱତନ୍ତ୍ର ଅତିଥି ରହି ରଜପର୍ବର ସାଂସ୍କୃତିକ ମହତ୍ତ୍ୱ ରହିଛି ବୋଲି କହିଥିଲେ। 'ଅଙ୍କୁରେ ପ୍ରେମ' ସଂପାଦକ ନଳିନୀକାନ୍ତ ଗୌଡ଼ଙ୍କ ସଂଚାଳନାରେ ଶଙ୍ଖଧ୍ୱନି, ହୁଳହୁଳି, ଚିତ୍ରାଙ୍କନ, ଓଡ଼ିଆ ନୃତ୍ୟ, ଓଡ଼ିଆ ସଂଗୀତ ଓ ପାରମ୍ପରିକ ଫ୍ୟାସନ ସୋ' ଆଦି ପ୍ରତିଯୋଗିତା ହୋଇଥିଲା । ବିଘ୍ନେଶର ସାହୁ, ରଞ୍ଜିତାରାଣୀ ଦାଶ, ଚିତ୍ରଶିଳ୍ପୀ କେଦାର ଆପ୍ତା, ଚୈତନ୍ୟ କୁମାର, ଅର୍ଚ୍ଚନା ପାତ୍ର, ଶୁଭଶ୍ରୀ ସାବତ, କଣ୍ଠଶିଳ୍ପୀ ସଂଗ୍ରାମ ପଟ୍ଟନାୟକ, ସଂଗୀତ ଗୁରୁ ନାରାୟଣ ନାହାକ, ପ୍ରଶାନ୍ତ କୁମାର ସାହୁ ବିଚାରକ ଥିଲେ। ସଂଗୀତ ନିର୍ଦ୍ଦେଶକ ଏମ. ମାଧବ ପାତ୍ର ଓ ତବଲା ବାଦକ ଚୈତନ୍ୟ କୁମାର ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ । ମନୋଜ କୁମାର ସାହୁ, ପ୍ରଭାତ କୁମାର ସାହୁ, ସନ୍ତୋଷ କୁମାର ଗୌଡ଼, ନରେନ୍ଦ୍ର କୁମାର ଆଚାର୍ଯ୍ୟ, ରଂଜିତା ପାତ୍ର, ଗୀତାଞ୍ଜଳି ସାହୁ, ଅନୀତା ଯାଦବ, ସଂହିତା ସାହୁ, ଜାନକୀ ଗୌଡ଼ ଓ ରଶ୍ମିତା ଆଚାର୍ଯ୍ୟ ସହଯୋଗ କରିଥିଲେ। ମନୋଜ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ବେଳାଭୂମି ପାର୍କିଂ ଟେଣ୍ଡର ଖୋଲିବା ନେଇ ବିବାଦ

ଗୋପାଳପୁର,୨।୬(ନବୀନ ରାଜ ଆଚାରୀ)

ଗୋପାଳପୁର ଏନ୍ଏସି କାର୍ଯ୍ୟାଳୟ ବିବାଦରେ ଛନ୍ଦି ହୋଇଛି। ବେଳାଭୂମି ପାର୍କିଂ ଟେଣ୍ଡର ପୂର୍ବରୁ ୨ ଥର ବାତିଲ ହୋଇଥିଲା। ତୃତୀୟ ଥର ଟେଣ୍ଡର ପାଇଁ ସୋମବାର ଅପରାହ୍ନ ୩ଟାରେ ଟେଣ୍ଡର ବକ୍ସ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲା। ବିବାଦକୁ ଦୃଷ୍ଟିରେ ରଖି ଗୋପାଳପୁର ଥାନାଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଦିନତମାମ କାର୍ଯ୍ୟାଳୟରେ ପୋଲିସ ମୁତୟନ ହୋଇଥିଲେ। ଅପରାହ୍ନ ପ୍ରାୟ ସାଢେ ୩ଟାରେ ପୋଲିସ କଡା ସୁରକ୍ଷାରେ ସିଲ ଟେଣ୍ଡର ବକ୍ସକୁ କାର୍ଯ୍ୟାଳୟ କର୍ମଚାରୀଙ୍କ ଉପସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ନିଆଯାଇଥିଲା। ଖବର ଲେଖାହେବା ସୁଦ୍ଧା ଟେଣ୍ଡର ଖୋଲା ଯାଇ ନ ଥିବା ସୂଚନା ମିଳିଛି। ବେଳାଭୂମି ପାର୍କିଂ ଟେଣ୍ଡର ୨ ଥର ବାତିଲ ପରେ ଗତ ୧୯ ତାରିଖରେ ଟେଣ୍ଡର ବିଜ୍ଞପ୍ତି ପ୍ରକାରେ ୨୯ ତାରିଖରେ ଫର୍ମ କିଣିବାପାଇଁ ଶେଷ ତାରିଖ ରହିଥିଲା। କିନ୍ତୁ ୩ ଜଣ ଆବେଦନକାରୀ ଫର୍ମ କିଣିବାକୁ ଆସିଥିଲେ ମଧ୍ୟ କର୍ତ୍ତୃପକ୍ଷ ଦେଇ ନ ଥିବା ଅଭିଯୋଗ ହୋଇଥିଲା। ପରଦିନ ଟେଣ୍ଡର ଖୋଲିବାର ଦିନ ଧାର୍ଯ୍ୟ ହୋଇଥିବା ବେଳେ ଖୋଲି ନ ଥିଲା। ସୋମବାର ଟେଣ୍ଡର ବକ୍ସ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲା। ସେହି ୩ ଜଣ ଆବେଦନକାରି ଟେଣ୍ଡର ଖୋଲା ନ ଯିବାରୁ ଧାରଣା ଦେଇଥିଲେ। ବାଦ ନିବାଦ ଯୋଗୁଁ କାଉନସିଲ ବୈଠକରେ ଟେଣ୍ଡର ବାତିଲ ପାଇଁ ଆଲୋଚନା ହୋଇଥିଲା। କିନ୍ତୁ ସୋମବାର କୌଣସି ନିଷ୍ପତି ନ ହେବାରୁ ବିଶୃଙ୍ଖଳାକୁ ନଜରରେ ରଖି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଟେଣ୍ଡର ବକ୍ସ ନିଆଯାଇଥିଲା।

## ଡା. ପି.ସି. ସାହୁଙ୍କ ସ୍ମୃତିସଭା

ବ୍ରହ୍ମପୁର,୨।୬ (ସ୍ମୃତି ରଞ୍ଜନ ମହାଲିକ)

ଭେଷଜ ବିଶେଷଜ୍ଞ ପ୍ରଫେସର ଡା. ପ୍ରଫୁଲ ଚନ୍ଦ୍ର ସାହୁଙ୍କ ସ୍ମୃତିସଭା ପଣ୍ଡା କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ପ୍ରଫେସର ସାହୁଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ରବି ରଥ ସଭାପତିତ୍ୱ କରି ଡା .ପି.ସି. ସାହୁଙ୍କୁ ଭାରତ ସରକାର ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିବା ପାଇଁ ମତ ପ୍ରକାଶ କରିଥିଲେ। ବୈଜ୍ଞାନିକ ଡମ୍ବରୁଧର ସାହୁ, କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, ମହାନ ସଂଘର ସଭାପତି ସୁଶାନ୍ତ ସାବତ, ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା, ଜନ ଆନ୍ଦୋଳନ ନେତା ପ୍ରଫୁଲ୍ଲ ସାମନ୍ତରାଙ୍କ ସମେତ ବହୁ ସମାଜସେବୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ବିନାୟକ ଆଚାର୍ଯ୍ୟ କଲେଜ ସ୍ନାତକୋତ୍ତର ବିଦ୍ୟାର୍ଥୀ ଜିଲାପାଳଙ୍କ ଦ୍ୱାରସ୍ଥ

ବ୍ରହ୍ମପୁର,୨।୬(ସୁବାସ ଚନ୍ଦ୍ର ପାଢ଼ୀ)

### ୧୧୪ ରୁ ୧୧୩ ବିଦ୍ୟାର୍ଥୀଙ୍କ ପେପର ବ୍ୟାକ ମାମଲା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୫ ମାସ ହେଲା କଥା ଶୁଣୁନାହାନ୍ତି



ବିଦ୍ୟାର୍ଥୀମାନେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ବିନାୟକ ଆଚାର୍ଯ୍ୟ କଲେଜରେ ଅଧ୍ୟୟନ କରୁଥିବା ସ୍ନାତକୋତ୍ତର କେମେଷ୍ଟ୍ରୀ ବିଦ୍ୟାର୍ଥୀମାନେ ସୋମବାର ଜିଲାପାଳଙ୍କୁ ଭେଟିଛନ୍ତି। ଗତ ଜୁଲାଇ ୨୦୨୪ ରେ ଅନୁଷ୍ଠିତ ୨ୟ ସେମିଷ୍ଟର ପରୀକ୍ଷାରେ ଗୋଟିଏ ପେପର (ସି –୨୦୪) ରେ କଲେଜର ୧୧୪ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୧୧୩ ବିଦ୍ୟାର୍ଥୀଙ୍କୁ ଫେଲ କରି ଦିଆଯାଇଛି। ଏହାକୁ ନେଇ ବିଦ୍ୟାର୍ଥୀଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ ସତ୍ତ୍ୱେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଇନଥିଲେ। ଫଳରେ ବିଦ୍ୟାର୍ଥୀ ଏଭଳି ପଦକ୍ଷେପ ନେଇଛନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଉପସ୍ଥିତ ରହି ଅଭିଯୋଗ ଦାଖଲ କରିବା ସହ ନ୍ୟାୟ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ ସେମାନେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୨୪ ଜୁଲାଇ ୧୦ରେ ଉପରୋକ୍ତ ପରୀକ୍ଷା ଦେଇଥିଲେ। କିନ୍ତୁ ଗତ ଡ଼ିସେମ୍ବରରେ ପ୍ରକାଶିତ ପରୀକ୍ଷା ଫଳରେ କଲେଜର ୧୧୩ ବିଦ୍ୟାର୍ଥୀ ଙ୍କ ଉକ୍ତ ପେପରରେ କମ ମାର୍କ ଆସିଥିଲା। ଏହାକୁ ନେଇ ସେମାନଙ୍କ ପକ୍ଷରୁ ପ୍ରତିବାଦ କରାଯିବା ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାଣିଶୁଣି ସେମାନଙ୍କ ଭବିଷ୍ୟତ ସହ ଖେଳୁଥିବା ଅଭିଯୋଗ କରି ପୁନର୍ବାର ପରୀକ୍ଷା ଖାତା ଯାଞ୍ଚ କରି ମୂଲ୍ୟାୟନ କରିବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ବିଭାଗ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯାଇନଥିଲା। ଶେଷରେ ବିଦ୍ୟାର୍ଥୀ ମାନେ ସୂଚନା ଅଧିକାର ଆଇନ ଅନୁଯାଇ ସେମାନଙ୍କ ଉତ୍ତର ଖାତାର ନକଲ ଦେବାକୁ ଆବେଦନ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ଉତ୍ତର ଦେବା ପରିବର୍ତ୍ତେ ବିଦ୍ୟାର୍ଥୀମାନଙ୍କୁ ଉତ୍ତର ଖାତାର ନକଲ ପାଇବାକୁ ହେଲେ ୫୦୦ ଟଙ୍କା ଲେଖାଏଁ ଡିପୋଜିଟ କରିବାକୁ କୁହା ଯାଇଥିଲା। ଶେଷରେ ବିଦ୍ୟାର୍ଥୀ ମାନେ ୫୦୦ ଟଙ୍କା ଡିପୋଜିଟ କରିବା ପରେ ବିଦ୍ୟାର୍ଥୀ ମାନଙ୍କୁ କୁଆଡ଼େ ଉତ୍ତର ଖାତାର ନକଲ ପ୍ରଦାନ କରାଯାଇଥିଲା। ଉତ୍ତର ଖାତା ପାଇବା ପରେ ବିଦ୍ୟାର୍ଥୀ ମାନେ ବିଶ୍ୱବିଦ୍ୟାଳୟ ପରୀକ୍ଷା ବିଭାଗ ପକ୍ଷରୁ ସେମାନଙ୍କ ଉତ୍ତର ଖାତା ଦେଖାଯାଇ ମାର୍କ ଦିଆଯାଇଛି। ଉତ୍ତର ଖାତାରେ ପ୍ରଥମେ ୪୧ ମାର୍କ ଦିଆଯାଇଥିବା ବେଳେ ପରେ ତାହାକୁ କାଟି ୨୪ ମାର୍କ କରାଯାଇଥିବା ଦେଖିବାକୁ ମିଳିଥିଲା। ଏନେଇ ପୁଣିଥରେ ଅନେକ ବିଦ୍ୟାର୍ଥୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ବିଭାଗକୁ ଜଣାଇଥିଲେ ମଧ୍ୟ ସେମାନଙ୍କୁ ପୁନଃ ପରୀକ୍ଷା ଦେବାକୁ ତାଗିଦ କରି ଘଉଡ଼ାଇ ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ଘଟଣା ନେଇ ପରୀକ୍ଷା ନିୟନ୍ତ୍ରକ ଡ଼ ସତ୍ୟନାରାୟଣ କୁଣ୍ଡୁଙ୍କ ସହ ଯୋଗାଯୋଗ ବେଳେ ଆରଟିଆଇ ବାବଦକୁ ୫ ଶହ ଟଙ୍କା ଆଦାୟ ଅଭିଯୋଗକୁ ଖଣ୍ଡନ କରି ଆର ଟିଆଇରେ ମାଗିଥିବା ତଥ୍ୟକୁ ଜେରକ୍ସ କରି ଦେବାକୁ ୫ ଶହ ଟଙ୍କା ମଗା ଯାଇଥିଲା । ପୂର୍ବରୁ ମାଗିଥିବା ତଥ୍ୟକୁ ପ୍ରଦାନ କରାଯାଇଛି । ଭେଲୁଏସନ ସରିବା ପରେ କୌଣସି ଅଦଳ ବଦଳ ହୋଇପାରିବ ନାହିଁ । ଯେଉଁ ବିଦ୍ୟାର୍ଥୀ ମାନଙ୍କ ପରୀକ୍ଷାରେ ବେକ ଲାଗିଛି ସେମାନଙ୍କୁ ପୁନଃ ପରୀକ୍ଷା ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି।



ଏ ପୃଥିବୀ ତିନିପ୍ରକାର ବିପ୍ଳବର କଥା ଜାଣିଛି। ବସ୍ତୁବାଦୀ ବିପ୍ଳବ ସବୁ ବହୁ ଶକ୍ତିଶାଳୀ ସଫଳତା ଅର୍ଜନ କରିଛନ୍ତି। ନୈତିକ ଓ ବୌଦ୍ଧିକ ବିପ୍ଳବଗୁଡ଼ିକ ମଧ୍ୟ ସେମାନଙ୍କର ପରିସର ଭିତରେ ବହୁଗୁଣରେ ଗଭୀର ସଫଳତା ଅର୍ଜନ କରିଛନ୍ତି। କିନ୍ତୁ ଆଧ୍ୟାତ୍ମିକ ଆନ୍ଦୋଳନ ପୃଥିବୀ ପାଇଁ ସୁଦୂରପ୍ରସାରୀ ଗଭୀର ସଫଳତା ଅର୍ଜନ କରିଛି। –ଶ୍ରୀଅରବିନ୍ଦ



# ପର ପ୍ରୀତି

ପରକୀୟା ପ୍ରୀତିଜନିତ ହତ୍ୟାକାଣ୍ଡ ଦିନକୁ ଦିନ ବଢ଼ି ଚାଲିବା ଦେଖିବାକୁ ମିଳୁଛି। ନିଜ ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ସହ ପ୍ରେମ ସମ୍ବନ୍ଧ ନିବିଡ଼ ହେବା ବା ଶାରୀରିକ ସମ୍ପର୍କ ଗଭୀର ହେବା ପରେ ବିବାହ ବନ୍ଧନରେ ଆବଦ୍ଧ କୌଣସି ପକ୍ଷ ଭୟଙ୍କର ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ପାଟିତୁଣ୍ଡରେ ତାହା ସୀମିତ ନ ରହି ହତ୍ୟାକାଣ୍ଡଯାଏ କଥା ଯାଉଛି। ପୁଣି ହତ୍ୟାରେ ଏକାଧିକ ଲୋକଙ୍କୁ ସାମିଲ କରି ଦିଆଯାଉଛି। ଘରେ ପିଲାଛୁଆଙ୍କୁ ମତେଇ ତତେଇ ମା' ସେମାନଙ୍କ ପିତାଙ୍କୁ କିମ୍ବା ପିତା ସେମାନଙ୍କ ମାତାଙ୍କୁ ହତ୍ୟା କରୁଛନ୍ତି। ୩୧ ମେ'ରେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜ୍‌ର ଫରେଷ୍ଟରଙ୍କୁ ତାଙ୍କ ସ୍ତ୍ରୀ ଓ ପୁଅ ପେଟ୍ରୋଲ ଢାଳି ଜିଅନ୍ତା ଜାଳିଦେବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ସେହିପରି ସେହି ସମାନ ଦିନରେ ବିବାହ ବାହାର ସମ୍ପର୍କ ଯୋଗୁ ଅନୁଗୋଳ ଜିଲା କଣିହାଁ ଥାନା ମସୁରିହିତା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଗଳାକାଟି ହତ୍ୟା କରାଯାଇଛି। ପ୍ରାଣ ହରାଇଥିବା ବ୍ୟକ୍ତି ଅନ୍ୟ ଜଣଙ୍କ ସ୍ତ୍ରୀଙ୍କୁ ନେଇଆସି ୭ ମାସ ତଳେ ବିବାହ କରିଥିଲେ। ୨ ଜୁନ୍‌ରେ ଆଉ ଏକ ଘଟଣାରେ ଗଞ୍ଜାମ ଜିଲା ଗୋବିନ୍ଦପୁର ଗାଁରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ଓ ଶ୍ୱଶୁର ପରକୀୟା ପ୍ରୀତି ଯୋଗୁ ହତ୍ୟା କରିଛନ୍ତି। ଏଭଳି ଘଟଣାର ତାଲିକା ପ୍ରସ୍ତୁତ କଲେ ତାହା ଲମ୍ବିଲା ଭଳି ଲାଗୁଛି।

**ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନ ନ ମିଶିଲେ କିମ୍ବା ଉଭୟଙ୍କ ସମ୍ପର୍କରେ ଫାଟ ଦେଖାଦେଲେ ତାହା ସହଜରେ ବୁଜି ହୋଇ ନ ଥାଏ। ତେଣୁ ହିଂସାବାଟ ଅନୁସରଣ କରିବା ଅପେକ୍ଷା ପରସ୍ପରଠାରୁ ଦୂରେଇଯିବା ବିଜ୍ଞତାର ପରିଚୟ ହେବା କଥା। କେତେକ ଦମ୍ପତି ସ୍ଥଳବିଶେଷରେ ବିବାହ ବିଚ୍ଛେଦକୁ ଗ୍ରହଣ କରି ନେଇଥାଆନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଅନେକେ ଜିଦ୍‌ଖୋର ମନୋଭାବ ରଖି ହିଂସା ଘଟାଉଛନ୍ତି, ଯାହାର ପରିଣାମ ପର ପିଢ଼ିକୁ ଭୋଗିବାକୁ ପଡୁଛି।**

୨୦୨୦ରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ସେହି ବର୍ଷ ଘଟିଥିବା ମୋଟ ହତ୍ୟାରୁ ୧୦ ପ୍ରତିଶତରୁ ଅଧିକ ପ୍ରେମ ଓ ପରକୀୟା ପ୍ରୀତିଜନିତ କାରଣରୁ ହୋଇଥିଲା। ଏହି ଧରଣର କାର୍ଯ୍ୟକଳାପ ବଢ଼ିଚାଲୁଥିବାରୁ ହିଂସାକାଣ୍ଡ ବୃଦ୍ଧି ପାଉଥିବା ପାରିପାର୍ଶ୍ୱିକ ସ୍ଥିତି ଦେଖିଲେ ବୁଝାପଡ଼ିଯାଉଛି। ସାଧାରଣତଃ କ୍ରୋଧର ବଶବର୍ତ୍ତୀ ହୋଇ ତତ୍‌କ୍ଷଣାତ୍ ଜଣଙ୍କୁ ମାରିଦେବାର ନିଷ୍ପତ୍ତି ନେଉଥିବା ବ୍ୟକ୍ତିଙ୍କୁ ସାହିପଡ଼ିଶା କିମ୍ବା ପରିବାର ସହ ପରିଚିତ ବ୍ୟକ୍ତି 'ସେ ଠିକ୍ କରିଛି' ବୋଲି କହିବାକୁ ପଛାଇ ନ ଥାଆନ୍ତି। କାରଣ ସେମାନେ ଏଭଳି ସମ୍ପର୍କକୁ ଖରାପ ଦୃଷ୍ଟିରେ ଦେଖିଥାଆନ୍ତି। ଏମିତି ମଧ୍ୟ ହୋଇଥାଏ ଯେ ପରକୀୟା ପ୍ରୀତିରେ ଜଡ଼ିତ ବ୍ୟକ୍ତିଙ୍କୁ ମାରିଦେବା ଲାଗି ଅନେକେ ଉସ୍‌କାଇଥାଆନ୍ତି। ଏଭଳି କରାଗଲେ ସମସ୍ୟାର ସମାଧାନ ହୋଇଗଲା ବୋଲି ସାଧାରଣରେ ଧରିନିଆଯାଇଥାଏ। ହେଲେ ସେତେବେଳେ ସେମାନେ ପରିସ୍ଥିତିର ଭୟାବହତାକୁ ଦେଖି ବୁଝିପାରନ୍ତି ନାହିଁ। ଗରମ ମସ୍ତିଷ୍କରେ ନିଷ୍ପତ୍ତି ନେଇଥାଆନ୍ତି। ଜଣଙ୍କୁ ମାରିଦେଲେ ମୃତକଙ୍କ ଜୀବନରେ ପରିସମାପ୍ତି ଘଟିଗଲା। କିନ୍ତୁ କ୍ରୋଧରେ ଯିଏ ହିଂସାତ୍ମକ କାଣ୍ଡ ଭିଆଇଥାଆନ୍ତି, ତାଙ୍କୁ ଆଜୀବନ ଜେଲ ଜୀବନ ବିତାଇବାକୁ ପଡ଼ିଥାଏ। ଏହି ଯନ୍ତ୍ରଣା ସେହି ବ୍ୟକ୍ତିଙ୍କ ବାକିତକ ଆୟୁଷକୁ କୋରି ଖାଇଦେଇଥାଏ। ଏଥିସହିତ ସ୍ତ୍ରୀ ହୁଅନ୍ତୁ ବା ସ୍ୱାମୀ ତାଙ୍କ ପରିବାରକୁ ଜାଣତରେ ନଷ୍ଟ କରିଦେଇଥାଆନ୍ତି।

ପରକୀୟା ପ୍ରୀତି ଯୋଗୁ ଉପୁଜୁଥିବା ଏଭଳି ସାମାଜିକ ତଥା ପାରିବାରିକ ବିଶୃଙ୍ଖଳାର ଅନ୍ୟତମ ସମାଧାନ ବାଟ କହିଲେ ସମ୍ଭବତଃ ବିବାହ ବିଚ୍ଛେଦ ହୋଇପାରେ। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନ ନ ମିଶିଲେ କିମ୍ବା ଉଭୟଙ୍କ ସମ୍ପର୍କରେ ଫାଟ ଦେଖାଦେଲେ ତାହା ସହଜରେ ବୁଜି ହୋଇ ନ ଥାଏ। ତେଣୁ ହିଂସାବାଟ ଅନୁସରଣ କରିବା ଅପେକ୍ଷା ପରସ୍ପରଠାରୁ ଦୂରେଇଯିବା ବିଜ୍ଞତାର ପରିଚୟ ହେବା କଥା। କେତେକ ଦମ୍ପତି ସ୍ଥଳବିଶେଷରେ ବିବାହ ବିଚ୍ଛେଦକୁ ଗ୍ରହଣ କରି ନେଇଥାଆନ୍ତି। ଅନ୍ୟପକ୍ଷରେ ଅପେକ୍ଷାକୃତ ଅନେକେ ଜିଦ୍‌ଖୋର ମନୋଭାବ ରଖି ହିଂସା ଘଟାଉଛନ୍ତି, ଯାହାର ପରିଣାମ ପର ପିଢ଼ିକୁ ଭୋଗିବାକୁ ପଡୁଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | 7 | 5 | | |
| | 1 | | | | | | 4 | |
| | | 5 | 2 | | | | | |
| | 9 | | | | 8 | 2 | | 1 |
| | | | | 9 | | | | |
| | | 8 | | 2 | 6 | 7 | | |
| | 3 | | 7 | | 5 | | | |
| 5 | | 1 | | 4 | | 8 | | |
| | | 4 | | | | 3 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 6 | 7 | 5 | 3 | 2 | 4 | 9 |
| 4 | 5 | 9 | 2 | 6 | 8 | 1 | 7 | 3 |
| 7 | 2 | 3 | 1 | 4 | 9 | 5 | 6 | 8 |
| 3 | 4 | 7 | 5 | 1 | 2 | 8 | 9 | 6 |
| 5 | 1 | 8 | 9 | 7 | 6 | 3 | 2 | 4 |
| 6 | 9 | 2 | 8 | 3 | 4 | 7 | 5 | 1 |
| 2 | 6 | 4 | 3 | 8 | 7 | 9 | 1 | 5 |
| 9 | 3 | 5 | 6 | 2 | 1 | 4 | 8 | 7 |
| 8 | 7 | 1 | 4 | 9 | 5 | 6 | 3 | 2 |

ଗତକାଲିର ଉତ୍ତର

# ସ୍ୱହସ୍ତେ ଜିହ୍ୱା ଛେଦନ




ଡ. ନିଖିଳାନନ୍ଦ ପାଣିଗ୍ରାହୀ

"ଇତ୍ୟବସରରେ ବହୁ ବର୍ଷ ବିତିଗଲାଣି। ଆମେ ପାର୍ବତୀ ବିଷୟରେ ଜାଣି ନାହୁଁ। ସେ କେଉଁ ଅବସ୍ଥାରେ ଏବେ ଅଛି, ତା' ଜୀବନରେ ଆଉ କ'ଣ ଘଟିଛି, ତାହା ଜାଣିବା ପାଇଁ ମୁଁ ଆଗ୍ରହୀ ନୁହେଁ। କିନ୍ତୁ ଦେବଦାସ ପାଇଁ ମୋ ହୃଦୟ ଫାଟି ଯାଉଛି। ଯିଏ ଏହି ଉପନ୍ୟାସଟି ପଢ଼ିବ, ସେ ମୋ ପରି ଯନ୍ତ୍ରଣାଦଗ୍ଧ ହେବ। ତୁମେ ଯଦି କେବେ ଜାଣିବ ଯେ, ଏପରି ଜଣେ ଦୁର୍ଭାଗା ବ୍ୟକ୍ତି ଅଛି, ଯିଏ କି ଦେବଦାସ ପରି ଅପରିଣାମଦର୍ଶୀ, ଏକଜିଦିଆ, ଅନିୟନ୍ତ୍ରିତ ଓ ପାପୀ, ତେବେ ଈଶ୍ୱରଙ୍କୁ ପ୍ରାର୍ଥନା କର ଯେ, ଯେପରି କି ତା'ର ଯାହା ହେଉ ନା କାହିଁକି, ଅନ୍ତତଃ ଦେବଦାସ ପରି ତା'ର ମୃତ୍ୟୁ ନ ହେଉ। ମରଣ ତ ଅନିବାର୍ଯ୍ୟ। କିନ୍ତୁ ଶେଷ ନିଃଶ୍ୱାସ ବେଳକୁ ତା' ମୁଣ୍ଡ ଉପରେ କେହି ଆଦରର ସହ କୋମଳତାରେ କର ସଞ୍ଚାଳନ କରୁ, ଯଦ୍ୱାରା ସେ ସମ୍ମୁଖରେ ଲୁହ ଗଡ଼ାଉଥିବା ଜଣେ ଦୟାର୍ଦ୍ର ବ୍ୟକ୍ତିକୁ ଦେଖି ଶାନ୍ତିରେ ମରଣ ଲଭିବ।"

ଏହା ହେଉଛି ଶରତ ଚନ୍ଦ୍ରଙ୍କ ପ୍ରସିଦ୍ଧ ରୋମାଣ୍ଟିକ ଉପନ୍ୟାସିକା 'ଦେବଦାସ'ର ଶେଷ ଅନୁଚ୍ଛେଦ। ଏହି ବହିରେ ତିନୋଟି ମୁଖ୍ୟ ଚରିତ୍ର ହେଉଛି ପାରୋ (ପାର୍ବତୀ ଚକ୍ରବର୍ତ୍ତୀ ଚନ୍ଦ୍ରମୁଖୀ ଓ ନାୟକ ଦେବଦାସ ମୁଖାର୍ଜୀ)। ପାରୋ ଓ ଦେବଦାସ ବାଲ୍ୟକାଳରୁ ପରସ୍ପର ସହ ନିବିଡ଼ ଭାବେ ସଂପୃକ୍ତ। ବଡ଼ ହେବା ପରେ ସେମାନେ ବିବାହ କରିବାକୁ ଅତ୍ୟନ୍ତ ଆଗ୍ରହୀ ଥିଲେ। କିନ୍ତୁ ଉଭୟ ପରିବାରର ସାମାଜିକ ସ୍ଥିତି ମଧ୍ୟରେ ଏତେ ପାର୍ଥକ୍ୟ ଥିଲା ଯେ, ଏହା ଘଟିଲା ନାହିଁ। ପାରୋ ଘଟଣା ଚକ୍ରରେ ଗୋଟିଏ ଧନୀ ସନ୍ତାନ ଥିବା ବିପତ୍ନୀକ ବୟସ୍କ ଜମିଦାରକୁ ବିବାହ କଲା। ଦେବଦାସ ବିଫଳ ମନୋରଥରୁ ନିରାଶ ଓ ଦୁଃଖ-ଜର୍ଜରିତ ହୋଇ ମଦିରା ଏବଂ ବେଶ୍ୟାଳୟର ଆଶ୍ରୟ ନେଲା, ଅସହନୀୟ ମାନସିକ ବେଦନାରୁ ନିସ୍ତାର ପାଇଁ। ଏହି ସ୍ଥିତିରେ ଚନ୍ଦ୍ରମୁଖୀ ନାମ୍ନୀ ଗୋଟିଏ ହିତକାରିଣୀ, ସମ୍ବେଦନଶୀଳ ବେଶ୍ୟା ତା' ଜୀବନରେ ପ୍ରବେଶ କଲା ଏବଂ କୁପଥରୁ ତାକୁ ରକ୍ଷା କରିବାକୁ ପତ୍ନୀ ଭାବେ ଗ୍ରହଣ କରିବା ପାଇଁ ନିବେଦନ କଲା। ତେବେ ଏହି ପ୍ରସ୍ତାବ ଦେବଦାସ ପ୍ରତ୍ୟାଖ୍ୟାନ କଲା ପାରୋକୁ ତଥାପି ଭଲ ପାଉଥିବା ଯୋଗୁ। ପରିଶେଷରେ ସାଂଘାତିକ ଭାବେ ରୋଗାକ୍ରାନ୍ତ ହେବାରୁ ମରିବା ଆଗରୁ ପୂର୍ବ ପ୍ରତିଜ୍ଞା ଗୁଣବାନ ପାରୋକୁ ଦେଖିବ ବୋଲି ପାରୋର ଶ୍ୱଶୁର ଘର ଗାଁକୁ ବାହାରିଲା ଏବଂ ପାରୋର ଘର ପାଖରେ ପହଞ୍ଚିଲେ ସୁଦ୍ଧା ତାକୁ ଦେଖି ନ ପାରି ମୃତ୍ୟୁବରଣ କଲା। ଏପରି କି ପାରୋର ବ୍ୟାକୁଳ ଆଗ୍ରହ ସତ୍ତ୍ୱେ ଦେବଦାସକୁ ଶେଷ ଥର ଦେଖିବା ପାଇଁ ତା'ର ଶ୍ୱଶୁର ପକ୍ଷ କୌଣସି ସୁଯୋଗ ପାରୋକୁ ଦେଇ ନ ଥିଲେ। ସେହି ଅତିଶୟ ଥଣ୍ଡା ପାଗରେ ତା'ର ପରିତ୍ୟକ୍ତ ଶବ ଦୟନୀୟ ଭାବେ ରହିଥିଲା। ଏଣୁ ସମସ୍ତଙ୍କ ଘୃଣାର ପାତ୍ର ହୋଇ ମରିବା ଥିଲା ତା' କପାଳ ଲିଖନ।

ଏହି ଜନପ୍ରିୟ ଉପନ୍ୟାସର ବୈଶିଷ୍ଟ୍ୟତା ହେଉଛି: ତ୍ରିକୋଣ ପ୍ରେମ, ପ୍ରେମରେ ବ୍ୟର୍ଥତା,



ମଦିରା, ବେଶ୍ୟାଳୟରେ ଆଶ୍ରୟ ଓ ଅନ୍ତରେ ଅପବାଦିତ, ଶୋଚନୀୟ ମରଣ। ଏହା ଏକ ଢାଞ୍ଚା, ଯାହାକୁ ଅପରିବର୍ତ୍ତିତ ରଖି ବିଭିନ୍ନ ସ୍ରଷ୍ଟା ସ୍ୱକୀୟ ବିବରଣୀ ଦ୍ୱାରା ନୂତନ ସଂସ୍କରଣମାନ ସୃଷ୍ଟି କରିଛନ୍ତି। ଏହି ଉପନ୍ୟାସିକାରେ ପାରୋ ଲୋକପ୍ରିୟତା ସମ୍ପର୍କରେ ଧାରଣା ଜନ୍ମେ ଏବଂ ଏହାର ବିଭିନ୍ନ ଭାଷାରେ ଅନୁବାଦିତ ହୋଇ ମୁଦ୍ରିତ ହୋଇଛି ଏବଂ ଭାରତ ବାହାରେ ମଧ୍ୟ ଆଦର ରହିଛି। ଯେମିତି ୨୦୧୮ରେ ଚେକ୍ ଭାଷାରେ ଅନୁବାଦ।

ଏହି ବହିଟି ସମ୍ପର୍କରେ କିଛି ତଥ୍ୟ ଉପସ୍ଥାପନ କରାଯାଇପାରେ। ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୯୦୧ରେ 'ଦେବଦାସ' ରଚନା କରିଥିଲେ। କିନ୍ତୁ ଏହାକୁ ତୁରନ୍ତ ପ୍ରକାଶ କରି ନ ଥିଲେ। ପରେ ପରେ ୧୯୦୩ରେ ତାଙ୍କର ପ୍ରଥମ ଉପନ୍ୟାସ 'ମନ୍ଦିର' ମୁକ୍ତିଲାଭ କଲା। ଏହି ବହିଟି ସେ ନିଜ ନାମରେ ନ ଲେଖି ତାଙ୍କ ମାମୁ ସୁରେନ୍ଦ୍ର ନାଥ ଗାଙ୍ଗୁଲିଙ୍କ ନାମରେ ପ୍ରକାଶ କରିଥିଲେ। ପ୍ରଶ୍ନ ଉଠିପାରେ ଦେବଦାସ କ୍ଷେତ୍ରରେ ଏମିତି ବ୍ୟତିକ୍ରମ କାହିଁକି ଦେଖାହେଲା ? ତେବେ ଏହି ବିଳମ୍ବ ସମ୍ପର୍କରେ ଔପନ୍ୟାସିକଙ୍କ ଟିପ୍ପଣୀ ହେଉଛି ଯେ, ସେ ସେତେବେଳକୁ ଅପରିପକ୍ୱ ଥିଲେ। ପୁଣି ସେଥିରେ ସନ୍ନିବେଶିତ ଚରିତ୍ରମାନ, ବିଶେଷ ଭାବେ ଦେବଦାସ, ଅତ୍ୟଧିକ ଆବେଗର ବଶବର୍ତ୍ତୀ ହୋଇଥିବାରୁ ସେ ବହିଟି ଅଟକାଇ ରଖିଲେ। ସେ ଆଶଙ୍କା କରୁଥିଲେ ଯେ, ଏମିତି ଏକ ଅଭାବନୀୟ ପ୍ରତିକ୍ରିୟା ପାଠକମହଲରେ ଜାତ ହେବ, ଯେଉଁଥିପାଇଁ ତାଙ୍କୁ ଲଜ୍ଜିତ ହେବାକୁ ପଡ଼ିବ।

ବିଡ଼ମ୍ବନାର ବିଷୟ , ସେ ଯେଉଁ 'ଦେବଦାସ' ପୁସ୍ତକଟି ବଜାରରେ ଉପଲବ୍ଧ ହେବାକୁ ପଛଘୁଞ୍ଚା ଦେଇଥିଲେ, ପାଠକ ମହଲରେ ତାହା ଆଦୃତି ପାଇଲା। 'ଭାରତବର୍ଷ' ପତ୍ରିକାର ପ୍ରକାଶକ ଏବଂ ଶରତ ଚନ୍ଦ୍ରଙ୍କ ସାଙ୍ଗ ପ୍ରମଥନାଥ ଭଟ୍ଟ ପାଣ୍ଡୁଲିପିଟି ପଢ଼ିବା ପରେ ଶରତ ଚନ୍ଦ୍ରଙ୍କୁ ତାଙ୍କ ପତ୍ରିକାରେ ଧାରାବାହିକ ଭାବେ ପ୍ରକାଶ କରିବା ସକାଶେ ପ୍ରବର୍ତ୍ତାଇଲେ। ଫଳରେ ୧୯୧୬ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ଏହା ପାଠକ ମହଲରେ ପ୍ରବେଶ କଲା। ଏହାର ପ୍ରଭୂତ ଜନପ୍ରିୟତା ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟଜନକ ଥିଲା। ତା' ପରବର୍ଷ ଏହା ବହି ଆକାରେ ମୁଦ୍ରିତ ହେଲା।

'ଦେବଦାସ'ରେ ଗୋଟିଏ ଚରିତ୍ର ହେଉଛି 'ପାରୋ' (ପାର୍ବତୀ)। ସେ ହାଟିପୋତା ଗ୍ରାମର ଜମିଦାର ଭୁବନ ମୋହନ ଚୌଧୁରୀଙ୍କ ଦ୍ୱିତୀୟ ପତ୍ନୀ, ଯାହାଙ୍କର ପ୍ରଥମ ପତ୍ନୀଠାରୁ ଜନ୍ମିତ ତିନୋଟି ସନ୍ତାନ ଥିଲେ। କଥିତ ଅଛି ଯେ, ଶରତ ଚନ୍ଦ୍ରଙ୍କ ଉପନ୍ୟାସ ପାଇଁ ଖୋରାକ ଯୋଗାଇଥିଲା ଉକ୍ତ ବିବାହିତା ପାରୋ। ଏଥିପାଇଁ ସେ ବହୁବାର ସେଇ ଗ୍ରାମକୁ ଯାଇଥିଲେ। କିନ୍ତୁ ବାସ୍ତବତା ସହ କେବଳ ଏହି ଘଟଣାଟି ସୀମିତ ନ ଥିଲା। ହରିୟାଣାରୁ ପ୍ରଥମ ସାହିତ୍ୟ ଏକାଡେମି ପୁରସ୍କାର ବିଜେତା ବିଷ୍ଣୁ ପ୍ରଭାକର 'ଆୱାରା ମସୀହା' ନାମକ ଗୋଟିଏ ପୁସ୍ତକ ଶରତ ଚନ୍ଦ୍ରଙ୍କ ଜୀବନୀ ସମ୍ପର୍କରେ ଲେଖିଛନ୍ତି। ଏଥିପାଇଁ ସେ ବଙ୍ଗଳା, ବିହାର, ବର୍ମା, ମଧ୍ୟପ୍ରଦେଶର ଜବଲପୁରକୁ ଊଣିଶ ବର୍ଷ ଧରି ଯାତ୍ରା କରିଥିଲେ ତଥ୍ୟ ସଂଗ୍ରହ କରିବାକୁ। ତାଙ୍କ ଅନୁସନ୍ଧାନ ଅନୁସାରେ ଶରତ ଚନ୍ଦ୍ରଙ୍କ କୈଶୋର ଓ ଆଦ୍ୟ ଯୌବନ ଭାଗଲପୁରରେ କଟିଥିଲା। ସେତେବେଳେ ଧୀରୁ ନାମ୍ନୀ ତାଙ୍କର ଗୋଟିଏ ବାଳିକା-ବନ୍ଧୁ ଥିଲା, ଯାହା ଉପନ୍ୟାସରେ ପାରୋ ଭାବେ ବର୍ଣ୍ଣିତ। ତା' ପ୍ରତି ତାଙ୍କର ଆକର୍ଷଣ ମାତ୍ରାତିରିକ୍ତ ଥିଲା। ତାକୁ ଦେଖିବା ପାଇଁ ତା' ଶ୍ୱଶୁର ଘର ଗାଁକୁ ଯାଇ ଦୀର୍ଘ ସମୟ ଅପେକ୍ଷା କରୁଥିଲେ। ଭାଗଲପୁର ଜିଲା (ସଂପ୍ରତି)ର ଜୋଗସର ଜନପଦରେ ରହୁଥିବା କାଳୀଦାସୀ ଉପନ୍ୟାସରେ ଚନ୍ଦ୍ରମୁଖୀ ଭାବେ ଅବତୀର୍ଣ୍ଣ ହୋଇଛି। ପ୍ରକାଶଥାଉ କି, ଆଠ ବର୍ଷ ବୟସରେ ଶରତ ଚନ୍ଦ୍ର ଭାଗଲପୁରସ୍ଥିତ ମାମୁ ଘରକୁ ଆସି ସେଠାରେ ଦୀର୍ଘ ପଚିଶ ବର୍ଷ କଟାଇଥିଲେ।

ଏହି ଦୃଷ୍ଟିରୁ 'ଦେବଦାସ' ସମ୍ପୂର୍ଣ୍ଣ ଭାବେ ଆତ୍ମଜୀବନୀମୂଳକ ଉପନ୍ୟାସ ନ ହେଲେ ସୁଦ୍ଧା, ଏହା ଅର୍ଦ୍ଧ-ଆତ୍ମଜୀବନୀ ସମ୍ବଳିତ ବୋଲି କୁହାଯାଇ ପାରିବ। ଏହି ଧାରାରେ ଅବଶ୍ୟ ଅନେକ ବିଶ୍ୱପ୍ରସିଦ୍ଧ କାହାଣୀ ରଚିତ ହୋଇଛି। ଏଥିରେ ବାସ୍ତବ ଜୀବନର ନାମଗୁଡ଼ିକୁ ପରିବର୍ତ୍ତନ କରି, କିଛି ଘଟଣାକୁ କଳ୍ପନା ମାଧ୍ୟମରେ ରଙ୍ଗିନ ଓ ବଳିଷ୍ଠ କରି ଉପସ୍ଥାପନ କରାଯାଇଥାଏ।

ତେବେ ଏମିତି କ୍ଷେତ୍ରରେ ଯେଉଁମାନେ ଲେଖନୀ ଚାଳନା କରନ୍ତି, ସେମାନେ ତ ଉପନ୍ୟାସଟିଏ ଜନସମାଜକୁ ଭେଟି ଦେଇଥାନ୍ତି। କିନ୍ତୁ ତତ୍ ସହ ନିଜ ଅଜ୍ଞାତସାରରେ ସୃଷ୍ଟି କରିଥାନ୍ତି ପ୍ରକୃତ ଜୀବନରୁ ସମ୍ଭୂତ ଗୋଟିଏ ଭସ୍ମାସୁର। ଯେତେ ଲୁଚାଇଲେ ମଧ୍ୟ ଗୋଡ଼ ଦି'ଟା ଲୁଚି ନ ଥାଏ। ଏହାର ଝଲକ ଲୋକେ ଦେଖିପାରନ୍ତି।

ପୁରାଣରେ ଶିବ ନିଜ ବର ଦ୍ୱାରା ଯେଉଁ ଭସ୍ମାସୁର ସୃଷ୍ଟି କଲେ, ସେ ତାଙ୍କୁ ଭସ୍ମ କରିବାକୁ ଗୋଡ଼ାଇ ଥିଲା ଓ ଶିବ ଧାଇଁ ଧାଇଁ ପ୍ରାଣରକ୍ଷା ପାଇଁ ଅଣନିଃଶ୍ୱାସୀ ହୋଇଯାଇଥିଲେ। କିନ୍ତୁ ଲେଖକଙ୍କ ଦ୍ୱାରା ସମ୍ଭୂତ ଭସ୍ମାସୁରଟି କେବଳ ପଛପଟୁ ଗୋଡ଼ାଇବ ବୋଲି ନିଶ୍ଚିତ ନୁହେଁ, ସେ ଯେଉଁ କୌଣସି ପଟରୁ, ଏପରି କି ଅଦୃଶ୍ୟ ବାୟୁମଣ୍ଡଳରୁ, ଅତର୍କିତ ଭାବେ ଲେଖକ ସାମନାରେ ଆବିର୍ଭୂତ ହୋଇ ତା' ମନରେ ଭୟ ଜାତ କରେ। ହୁଏତ ବିଚରା ଲେଖକଟି ପଳାୟନ ପରି କର୍ମରେ ଲିପ୍ତ ହୋଇ ନ ଥାଏ, ତା' ଶରୀର ଅବଶ ହୋଇ ନ ପାରେ। କିନ୍ତୁ ଘର ଭିତରେ ବସି ରହିଥିଲେ ମଧ୍ୟ ତା'ର ହୃତ୍‌ସ୍ପନ୍ଦନ ତୀବ୍ର ହୁଏ। ସେ ସେତେବେଳେ ଅନୁଶୋଚନା କରେ; ମୁଁ କାହିଁକି ଗୋଟିଏ ଆତ୍ମ-ଜୀବନୀମୂଳକ ଉପନ୍ୟାସ ଲେଖିଲି।

**ବଡ଼ଖେମୁଣ୍ଡି ବଙ୍ଗଳା, ଉତ୍କଳ ଆଶ୍ରମ ମାର୍ଗ**
**ବ୍ରହ୍ମପୁର, ମୋ: ୯୦୭୮୭୪୩୮୪୩**

# ଗୃହଶତ୍ରୁ



ଲଳିତେନ୍ଦୁ ପଲାଉରୀ

ଇରାନର ଦକ୍ଷିଣ ପାର୍ଶ୍ୱ ଏବଂ ଆଫଗାନିସ୍ତାନର ଉତ୍ତର ପଶ୍ଚିମ ଭାଗରେ ଅବସ୍ଥିତ ପାକିସ୍ତାନର ସବୁଠୁ ବଡ଼ ପ୍ରଦେଶ ହେଉଛି ବେଲୁଚିସ୍ତାନ। ପାକିସ୍ତାନର ୪୪ ପ୍ରତିଶତ ଅଞ୍ଚଳ ପରିମିତ ବେଲୁଚିସ୍ତାନ ସୁନ୍ନି ମୁସଲମାନ ଓ ଆଦିବାସୀବହୁଳ। ବେଲୁଚିସ୍ତାନକୁ ଏକ ସ୍ୱତନ୍ତ୍ର ଦେଶ କରିବାକୁ ୧୯୪୭ ମସିହାରୁ ବେଲୁଚିବାସୀ ସଂଗ୍ରାମ କରୁଛନ୍ତି। ପାକିସ୍ତାନ ଏହି ଆନ୍ଦୋଳନକୁ ଭଣ୍ଡୁର କରିଚାଲିଛି। ଏହା ସହ ବେଲୁଚିସ୍ତାନରେ ପାକିସ୍ତାନ ସେନା ଓ ପୋଲିସର ଶୋଷଣ, ଦମନଲୀଳା, ମାନବାଧିକାର ଉଲ୍ଲଂଘନ ଜାରି ରହିଛି। ତେଣୁ ପାକିସ୍ତାନ ଭିତରେ ଥାଇ ମଧ୍ୟ ବେଲୁଚିବାସୀଙ୍କ ମନୋଭାବ ପାକିସ୍ତାନ ପ୍ରତି କଠୋର ରହିଆସିଛି। ପାକିସ୍ତାନ ଉପରେ ପ୍ରତିଶୋଧ ପାଇଁ ଏମାନେ ପାକିସ୍ତାନ ନେତା, ଆର୍ମି, ପୋଲିସ ଓ ଅଧିକାରୀଙ୍କ ଉପରେ ଆତ୍ମଘାତୀ ଆକ୍ରମଣ କରୁଛନ୍ତି। ଭାରତ ବିରୋଧରେ ପାକିସ୍ତାନର ପ୍ରାୟୋଜିତ ଆତଙ୍କବାଦକୁ ବିରୋଧ କରି ବେଲୁଚିବାସୀ ଭାରତକୁ ସମର୍ଥନ ଜଣାଇଛନ୍ତି। ପାକିସ୍ତାନ ତୁରନ୍ତ ପାକ୍ ଅଧିକୃତ କଶ୍ମୀର ଖାଲି କରୁ ଏନେଇ ଏମାନେ ଭାରତ ସହ ସ୍ୱର ମିଳାଇଛନ୍ତି। ସ୍ୱତନ୍ତ୍ର ବେଲୁଚିସ୍ତାନ ଗଠନ ପାଇଁ ଦୀର୍ଘ ବର୍ଷର ସଂଘର୍ଷ ସହ ଚଳିତ ବର୍ଷ ମେ ୯ରେ ବେଲୁଚିସ୍ତାନ ମୁକ୍ତିସେନା ବେଲୁଚିସ୍ତାନକୁ ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା କରିଛି। ଯଦିଓ ଏହାକୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳିନି କିନ୍ତୁ ଆଗକୁ ସେମାନଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ସହ ଭାରତ ସମେତ ଜାତିସଂଘ ଓ ପାକିସ୍ତାନ ବିରୋଧୀ ରାଷ୍ଟ୍ରକୁ ସମର୍ଥନ ମାଗିଛନ୍ତି। ନୂଆଦିଲ୍ଲୀରେ ବେଲୁଚିସ୍ତାନର ଦୂତାବାସ ଖୋଲିବା ପାଇଁ ଅନୁରୋଧ କରିଛି ବେଲୁଚି ଲିବରେଶନ ଆର୍ମି (ବିଏଲ୍‌ଏ)।

ପାକିସ୍ତାନ ୧୯୪୭ରୁ ବେଲୁଚିସ୍ତାନବାସୀଙ୍କ ସହ ଶଠତା କରିଛି। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧ ଓ ବାଂଲାଦେଶ ଗଠନ ପରେ ଏମାନେ ମଧ୍ୟ ସେହି ମିଶନକୁ ଜୋରଦାର କରିଛନ୍ତି। ଏବେ ପାକିସ୍ତାନ ପାଇଁ ଭସ୍ମାସୁର ପାଲଟିଛନ୍ତି ବେଲୁଚିସ୍ତାନ ନିବାସୀ। ବେଲୁଚିସ୍ତାନ ପ୍ରାକୃତିକ ସମ୍ପଦ ଓ ଖଣିଜ ସମ୍ପଦରେ ଭରପୂର। ପାକିସ୍ତାନର ଅର୍ଥନୀତି ପାଇଁ ବେଲୁଚିସ୍ତାନ ବେଶ୍ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପାକିସ୍ତାନ ଜାଣିଶୁଣି ଏହି ପ୍ରଦେଶକୁ ଅବହେଳିତ କରିରଖିଛି। ପାକିସ୍ତାନର ଅନ୍ୟ ୩ ପ୍ରଦେଶ ପଞ୍ଜାବ, ସିନ୍ଧ, ଖାଇବର ପଖତୁନଖ୍ୱା ପାକିସ୍ତାନ ଜାତୀୟ ରାଜନୀତିରେ ଗୁରୁତ୍ୱ ବହନ କରୁଥିବା ବେଳେ ବେଲୁଚିସ୍ତାନର ପ୍ରତିନିଧିତ୍ୱ ନଗଣ୍ୟ ରହିଛି। ଛୋଟ ପ୍ରଦେଶ ପଞ୍ଜାବ ପାକିସ୍ତାନ ରାଜନୀତିରେ ସର୍ବାଗ୍ରେ ରହିଛି। ପାକିସ୍ତାନର ପଞ୍ଜାବ ପ୍ରଦେଶରୁ ହିଁ ସର୍ବାଧିକ ରାଜନେତା ଏବଂ ସେନା ପ୍ରମୁଖ ପାକିସ୍ତାନକୁ ନିୟନ୍ତ୍ରଣ କରିଆସୁଛନ୍ତି। ଯାହାକି ବେଲୁଚିସ୍ତାନବାସୀଙ୍କୁ ଅସହ୍ୟ ହେଉଛି। ବେଲୁଚି ନେତା ତଥା ଲେଖକ ମୀର ୟାର ବଲୁଚ ବେଲୁଚିସ୍ତାନକୁ ସ୍ୱାଧୀନ ରାଷ୍ଟ୍ରଭାବେ ସ୍ୱୀକୃତି ଦେବାକୁ ବିଶ୍ୱବାସୀଙ୍କୁ ଅନୁରୋଧ କରିଛନ୍ତି। ବେଲୁଚିସ୍ତାନର ସ୍ୱତନ୍ତ୍ର ଜାତୀୟ ପତାକା ଓ ଏହାର ଭୌଗୋଳିକ ମ୍ୟାପ ଜାରି ହୋଇଛି। ମୀର ୟାର ବଲୁଚ କହିଛନ୍ତି ଆମକୁ ଆଉ କେହି ଅଟକାଇ ପାରିବେ ନାହିଁ।



ଏବେ ବିଶ୍ୱ ଚୁପ ନ ରହୁ। ବେଲୁଚିସ୍ତାନ ନାଗରିକଙ୍କୁ ପାକିସ୍ତାନୀ ନାଗରିକ କହିବା ବନ୍ଦ କରାଯାଉ। ବେଲୁଚିସ୍ତାନକୁ ଶାନ୍ତି ସେନା ପଠାଇବା ଲାଗି ଜାତିସଂଘ ପାଖରେ ଦାବି ରଖିଛନ୍ତି ବେଲୁଚିବାସୀ। ଏହା ସହ ପାକିସ୍ତାନୀ ସେନା ବେଲୁଚିସ୍ତାନ ଛାଡିବାକୁ ବିଏଲ୍‌ଏ ଚରମବାଣୀ ଶୁଣାଇଛି।

ବିଏଲ୍‌ଏ ବେଲୁଚିସ୍ତାନର ୬ଟି ଅଞ୍ଚଳକୁ ନିଜ ଦଖଲକୁ ନେଇଥିବା ଦାବି କରିଛି। ଏହା ସହ ବେଲୁଚିସ୍ତାନ ଛାଡ଼ି ଚାଲିଯାଅ ବୋଲି ଚାଇନାର ଯନ୍ତ୍ରୀ ଓ ପାକିସ୍ତାନ ସେନାକୁ ଚେତାବନୀ ଦେଇଛି । କିଛିଦିନ ପୂର୍ବେ ବିଏଲ୍‌ଏ ପାକିସ୍ତାନରେ ଟ୍ରେନ୍ ଅପହରଣଠାରୁ ଆରମ୍ଭ କରି ପାକିସ୍ତାନ ସେନା ଉପରେ ଆକ୍ରମଣ ଜାରିରଖିଛି। ପାକିସ୍ତାନର ୫୧ଟି ସ୍ଥାନରେ ୭୧ରୁ ଅଧିକ ଆକ୍ରମଣ କରିଥିଲା ବିଏଲ୍‌ଏ। ପାକିସ୍ତାନ ଅର୍ଦ୍ଧ ସାମରିକ ବାହିନୀ କେନ୍ଦ୍ର, ପୋଲିସ ଷ୍ଟେଶନ, ଖଣିଜ ପରିବହନ ମାର୍ଗ, ଜାତୀୟ ରାଜପଥକୁ ବିଏଲ୍‌ଏ ଟାର୍ଗେଟ୍ କରୁଛି। ଜାଣିଶୁଣି ପାକିସ୍ତାନ ଏହି ଅଞ୍ଚଳକୁ ଅଣବିକଶିତ କରି ରଖିଛି। ବେଲୁଚିବାସୀ ମଧ୍ୟ ପାକିସ୍ତାନ ସହ କୌଣସି ଦ୍ୱିପାକ୍ଷିକ ଆଲୋଚନା ଚାହୁଁନାହାନ୍ତି। ସେମାନଙ୍କର ଗୋଟିଏ ଉଦ୍ଦେଶ୍ୟ ରହିଛି ସ୍ୱତନ୍ତ୍ର ବେଲୁଚିସ୍ତାନ ଦେଶ। ଏହା ସହ ବେଲୁଚିସ୍ତାନର ସ୍ୱତନ୍ତ୍ର ମୁଦ୍ରା, ସରକାରୀ ପ୍ରତିଷ୍ଠାନ ପାଇଁ ସେମାନେ ଜାତିସଂଘକୁ ସହାୟତା ମାଗିଛନ୍ତି।

ବେଲୁଚିସ୍ତାନରେ ପାକିସ୍ତାନ ସେନା ଓ ପୋଲିସର ବର୍ବରତା ବିରୋଧରେ ଅନ୍ତର୍ଜାତୀୟ ହସ୍ତକ୍ଷେପ ଦାବି କରିଆସୁଛି ବିଏଲ୍‌ଏ। ପାକିସ୍ତାନ ବିରୋଧରେ ସେମାନଙ୍କ ଆକ୍ରମଣ ଓ ମିଶନକୁ ବିଏଲ୍‌ଏ ଅପରେଶନ ହେରୋଫର ନାଁ ଦେଇଛି। କେବଳ ସେତିକି ନୁହେଁ ଚାଇନା-ପାକିସ୍ତାନ ଅର୍ଥନୈତିକ କରିଡର, ୱାନ ବେଲ୍ଟ ୱାନ ରୋଡ ପରିଯୋଜନାରେ ଚାଇନାର ଜନ୍ତାରେ ଫସିଥିବା ପାକିସ୍ତାନ ଓ ଏହି ଅଞ୍ଚଳରେ ବିକାଶ ନାଁରେ ଦମନଲୀଳାରେ ସାମିଲ ଥିବା ଚାଇନା ସେନା ମଧ୍ୟ ବିଏଲ୍‌ଏ ଟାର୍ଗେଟ୍‌ରେ ରହିଛି। ବେଲୁଚିସ୍ତାନର ଚାଇନା ନିୟୋଜିତ କରିଥିବା ଯନ୍ତ୍ରୀମାନଙ୍କୁ ବେଲୁଚି ଲିବରେଶନ ଆର୍ମି ଖୋଜିଖୋଜି ହତ୍ୟା କରୁଛି। କାରଣ ଭିତ୍ତିଭୂମି ବିକାଶ ନାଁରେ ପାକିସ୍ତାନ ଚାଇନାକୁ ବେଲୁଚିସ୍ତାନ ଭିତରେ ପୂରାଇ ବେଲୁଚିମାନଙ୍କ ଦୀର୍ଘଦିନର ଦାବିକୁ ପାଣିଚିଆ କରିବାକୁ ଚେଷ୍ଟା କରୁଛି। କିନ୍ତୁ ଏସବୁକୁ ଖାତିର ନ କରି ବେଲୁଚିବାସୀ ଉଭୟ ପାକିସ୍ତାନ ଓ ଚାଇନାକୁ କଡ଼ା ଜବାବ ଦେଉଛନ୍ତି। ତେବେ ବିଶ୍ୱ ଦରବାରରେ ପାକିସ୍ତାନ ନିଜର ବଦନାମ୍‌କୁ ଲୁଚାଇବାକୁ ବେଲୁଚି ଆନ୍ଦୋଳନକୁ ଭାରତ ଦ୍ୱାରା ପ୍ରାୟୋଜିତ ବୋଲି କହିଆସୁଛି। କିନ୍ତୁ ପ୍ରକୃତ ପକ୍ଷେ ଆତଙ୍କବାଦୀଙ୍କୁ ପାଳିପୋଷି ଭାରତକୁ ପ୍ରେରଣ କରୁଥିବା ପାକିସ୍ତାନ ପାଇଁ ବେଲୁଚିସ୍ତାନ ଏବେ ଗୃହଶତ୍ରୁ ପାଲଟିଛି ।

**ବାଲିପନ୍ତାଳ,ନଗର, ଅସ୍ତରଙ୍ଗ, ପୁରୀ**
**ମୋ:୯୭୭୮୬୯୭୦୩୬**

## ଏଇ ଭାରତରେ

ପ୍ରଥମେ ୧୦ଟି ଗାଈ ରଖି ତାଙ୍କ ଡାଏରି ବ୍ୟବସାୟରେ ସଫଳ ହୋଇପାରିଛନ୍ତି ଗୋଆ ଇବ୍ରାହମପୁରର ଅମିତା ନାୟକ। ଏ କ୍ଷେତ୍ରରେ ଅମିତାଙ୍କ ସ୍ୱାମୀ ତାଙ୍କୁ ସହଯୋଗ କରୁଛନ୍ତି। ଅମିତା ପ୍ରଥମେ ଫୁଲ ଚାଷ କରିଥିଲେ। କିନ୍ତୁ ସେଥିରେ ବିଫଳ ହେବାରୁ ୨୦୧୭ରେ ଗୋପାଳନ ଆରମ୍ଭ କରିଥିଲେ ଏବଂ ସ୍ଥାନୀୟ ଅଞ୍ଚଳରେ କ୍ଷୀର ବିକ୍ରି କରିବା ସହ ବଳକା କ୍ଷୀରକୁ ଗୋଆ ଡାଏରିକୁ ଦେଉଥିଲେ। ପରେ ଅମିତା ଲୁପିନ୍ ଫାଉଣ୍ଡେଶନରୁ ପ୍ରଶିକ୍ଷଣ ନେଇ ପନିର, ଘିଅ, ଲସି ପ୍ରସ୍ତୁତ କଲେ ଏବଂ ତାହାକୁ ପ୍ୟାକେଜିଂ କରି ବଜାରରେ ବିକ୍ରି କରିବା ପାଇଁ ବିଭିନ୍ନ ବିଭାଗ ସହ ପଞ୍ଚାୟତ ଓ ଫୁଡ୍ସ ଆଣ୍ଡ୍ ଡ୍ରଗ ଆଡ୍‌ମିନିଷ୍ଟ୍ରେଶନ (ଏଫ୍‌ଡିଏ)ର ଅନୁମତି ହାସଲ କରିବା ପରେ ୨୦୨୩ରେ ବିଜ୍‌ନେସ୍ ବଢ଼ାଇଥିଲେ। ଏବେ ଗାଈ ସଂଖ୍ୟା ୨୦ରେ ପହଞ୍ଚିଛି। ଦିନକୁ ୧୫୦ ଲିଟର କ୍ଷୀର ଉତ୍ପାଦନ ହେଉଛି। ଏହା ସହ ସେଥିରୁ ଲସି ଓ ଦହି ତିଆରି କରି ଦୈନିକ ଏହି ଉତ୍ପାଦରୁ ୧୦୦୦ ଲିଟର ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ, ଅମିତା ଜିଆଖତ ପ୍ରସ୍ତୁତ କରି ମାସକୁ ୧୫,୦୦୦ ଆୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩ ଜୁନ୍ ୧୯୭୬**

- ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ପୁରୀଠାରେ ଜଗନ୍ନାଥ ଏକ୍ସପ୍ରେସ୍ ନାମକ ନୂତନ ରେଳଗାଡ଼ି ଚଳାଚଳ ଉଦ୍‌ଘାଟନ କରିଛନ୍ତି।
- ବିହାରରେ ପ୍ରବାହିତ ହେଉଥିବା ପ୍ରଚଣ୍ଡ ତାପ ପ୍ରବାହ ଫଳରେ ୩୧ ଜଣଙ୍କ ମୃତ୍ୟୁ।
- ଭାରତ ଓ ଆଲ୍‌ଜେରିଆ ମଧ୍ୟରେ ଅଧିକ ଘନିଷ୍ଠ ସହଯୋଗ ପାଇଁ ଏକ ସାଂସ୍କୃତିକ ରାଜିନାମା ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ଶିଶୁ ଉଦ୍ୟାନ ଅବହେଳିତ

ମହାଶୟ,

ଓଡ଼ିଶା ରାଜ୍ୟର ଏକାଧିକ ସହରାଞ୍ଚଳ ମଧ୍ୟସ୍ଥଳରେ ଥିବା ନୂତନ ଓ ପୁରାତନ ଶିଶୁ ଉଦ୍ୟାନ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ସହିତ ଅବହେଳିତ ଓ ପ୍ରହେଳିକାରେ କ୍ଷତବିକ୍ଷତରେ ଦଣ୍ଡାୟମାନ। ସତେ ଯେମିତି ଦାୟିତ୍ୱହୀନତାର ଗତିଶୀଳ। ସୁତରାଂ ଜନସାଧାରଣଙ୍କ ମୁଖ୍ୟ ଆଲୋଚ୍ୟ ଓ ସମାଲୋଚନା ଉପରୋକ୍ତ ଶିଶୁ ଉଦ୍ୟାନ କାହା ପାଇଁ? କେଉଁଥି ପାଇଁ? ଶିଶୁ ଓ ବାଲ୍ୟଶିଶୁଙ୍କ ଉଦ୍ୟାନ ଏବଂ ଏକାଧିକ ପରିଦର୍ଶନ, ପର୍ଯ୍ୟଟକ ପାର୍କଗୁଡିକର ସୌନ୍ଦର୍ଯ୍ୟ ହାନି ସହିତ ନିମ୍ନତା ଦେଖିବାକୁ ମିଳିଲାଣି। ଛୁଟି ସମୟକୁ ଉପଭୋଗ ଓ ପାର୍କ ପରିଦର୍ଶନ ସହିତ ଚିତ୍ତବିନୋଦନ ଗୌରବମୟ ସ୍ଥଳ କେବଳ ମୂକସାକ୍ଷୀ ସଦୃଶ ସମାନ। ବିଭିନ୍ନ ଶିଶୁ ଉଦ୍ୟାନ ଏବଂ ମନୋରଞ୍ଜନର ଗୌରବ ଗରିମାଲୁପ୍ତ। ଏଣୁ ରାଜ୍ୟ ସରକାର ଓ ପ୍ରଶାସନିକ ସ୍ତରରେ ରାଜ୍ୟର ସମସ୍ତ ଶିଶୁ ଉଦ୍ୟାନ ଓ ପାର୍କଗୁଡିକର ନବୀକରଣ ସହିତ ଉପଯୁକ୍ତ ପଦକ୍ଷେପ ନିଆଗଲେ ଜନତାଙ୍କ ଆଲୋଚନା ସମାଲୋଚନା ଫିକା ପଡିଯିବ। ରାଜ୍ୟ ସରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଶେଷ ଅନୁରୋଧ।

**–ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ବିରାଟ ଯେ ଆତ୍ମା ଏହି
ପାଷାଣେ ନିହିତ
ଉଦ୍ଦେଶ୍ୟେ ତାହାର ଆଜି
ନମ୍ର ମୋର ଚିତ୍ତ।
–(ପୁରୀ-ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ତ୍ରିପାକ୍ଷିକ ଆଲୋଚନା ବୈଠକ ବିଫଳ

## ୭ ମାସ ହେଲା ଟିଟାନିୟମ ପ୍ଲାଣ୍ଟ ବନ୍ଦ

ଛତ୍ରପୁର,୨।୬(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଛତ୍ରପୁର ନିକଟରେ ଥିବା ସରାଫ ଏଜେନ୍ସି ପ୍ରାଇଭେଟ ଲିମିଟେଡ଼ର ଟିଟାନିୟମ କମ୍ପାନୀ ଗତ ନଭେମ୍ବର ୫ ତାରିଖରୁ ବନ୍ଦ ରହିଛି। କମ୍ପାନୀ ପକ୍ଷରୁ ୧୯୭ କର୍ମଚାରୀଙ୍କୁ ଅସ୍ଥାୟୀ ଭାବେ ଛଟେଇ କରାଯାଇଛି। ପ୍ଲାଣ୍ଟକୁ ପୁନଃକାର୍ଯ୍ୟକ୍ଷମ କରିବା, ସମସ୍ତଙ୍କୁ ନିଯୁକ୍ତି, ଅଧା ବଦଳରେ ପୁରା ଦରମା ପ୍ରଦାନ ନେଇ ସୋମବାର ତ୍ରିପାକ୍ଷିକ ଆଲୋଚନା ବୈଠକ ହୋଇଥିଲା। ତେବେ ବୈଠକରୁ କୌଣସି ନିଷ୍କର୍ଷ ବାହାରିପାରି ନ ଥିବା ଜଣାପଡିଛି। ବୈଠକରେ ଉପଜିଲାପାଳ ଶିବାଶିଷ ବରାଳ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କୁ ନ ଜଣାଇ ପ୍ଲାଣ୍ଟ ବନ୍ଦ କରିଥିବାରୁ ଶ୍ରମ ବିଭାଗ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବା ସୂଚନା ଦିଆଯାଇଥିଲା। ୧୩ ଜଣ ମହିଳା ଶ୍ରମିକଙ୍କୁ ସମ୍ପୂର୍ଣ୍ଣ ଭାବେ ଚାକିରିରୁ ବାହାର କରିଦିଆଯାଇଛି। ସେମାନଙ୍କୁ କ୍ଷତିପୂରଣ ପାଇଁ ଦାବି କରାଯାଇଥିଲା। ଏଥିସହ ପୁରା ଦରମା ଦେବାକୁ ଦାବି ହୋଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ କୌଣସି ଉତ୍ତର ଦେଇପାରି ନ ଥିଲେ । ଦୀର୍ଘ ବର୍ଷ ଧରି କମ୍ପାନୀ କ୍ଷତିରେ ଚାଲୁଥିବା ବେଳେ କର୍ତ୍ତୃପକ୍ଷ ୭ ମାସ ହେଲା ପ୍ଲାଣ୍ଟକୁ ବନ୍ଦ କରିଛନ୍ତି । ମାର୍ଚ୍ଚ ସୁଦ୍ଧା ଅର୍ଡର ମିଳିବା ଓ ସ୍ଥିତି ସୁଧାରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଚେଷ୍ଟା କରୁଥିବା ନୋଟିସରେ ଦର୍ଶାଯାଇଥିଲା । ତେବେ ଏହି ଅବଧି ପୂରଣ ହୋଇ ୨ ମାସ ବିତିଯାଇଥିଲେ ମଧ୍ୟ ପ୍ଲାଣ୍ଟ ପୁନଃ କାର୍ଯ୍ୟକ୍ଷମ ହୋଇନି। ବାରମ୍ବାର ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, କୌଣସି ସୁଫଳ ମିଳିନି । ବୈଠକରେ ଲ୍ୟାଣ୍ଡ ଲୁଜର କଲ୍ୟାଣ ସଂଘର ସଭାପତି ଏସ. ଚକ୍ରପାଣି ରେଡ଼ି, ସମ୍ପାଦକ ଲକ୍ଷ୍ମୀ ନାରାୟଣ ମହାରଣା, ଉପସଭାପତି ରାବଣା ସୱାମୀ, ସିଏଚ.ଦାଶରଥି ରେଡ୍ଡୀ, ବିନୋଦ କୁମାର ବେହେରା ଉପସ୍ଥିତ ଥିଲେ।

## ବିପଦ ବଢ଼ାଉଛି ମୁକୁଳା ଟ୍ରାନ୍ସଫର୍ମର

ବୁଗୁଡ଼ା,୨।୬ (କାଳିଚରଣ ଦାଶ)

ବୁଗୁଡ଼ା ଏନ୍ଏସିର ପରିବା ବଜାର ନିକଟ ବାଲିପିଣ୍ଡି ସାହି ରାସ୍ତା କଡ଼ରେ ବିଦ୍ୟୁତ୍ ଟ୍ରନ୍ସଫର୍ମର ମୁକୁଳା ଭାବରେ ପଡ଼ି ରହିଛି। ଏହି ଟ୍ରନ୍ସଫର୍ମର ଉପରେ ଲଟାବୁଦା ମାଡ଼ିଯିବା ଯୋଗୁ ବର୍ଷା ହେଲେ ଗଛରେ ବିଦ୍ୟୁତ ପ୍ରବାହ ହେଉଛି। ଏନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିବା ସତ୍ତ୍ୱେ ସ୍ଥାନୀୟ ବିଭାଗ ଚେଇଁ ଶୋଇଥିବା ପରି ମନେ ହେଉଛି। ସେହି ପାଖ ଦେଇ ଗାଈଗୋରୁ ଏବଂ ଲୋକେ ଯାତାୟତ କରୁଥିବାରୁ ବିପଦ ଆଶଙ୍କା ଦେଖାଦେଇଛି। ମେ ୨୭ ରାତିରେ ହଳେ ଗାଈ ଓ ଷଣ୍ଢ ସେହି ଖୋଲାଥିବା ଟ୍ରାନ୍ସଫର୍ମର ନିକଟକୁ ଚାଲି ଯାଇଥିଲେ। ଏ ନେଇ ବିଦ୍ୟୁତ ବିଭାଗକୁ ଖବର ଦିଆଯିବା ପରେ ସଙ୍ଗେ ସଙ୍ଗେ ବିଦ୍ୟୁତ କାଟ ହୋଇଥିଲା ଏବଂ କର୍ମଚାରୀ ସେଠାରେ ପହଞ୍ଚି ଗାଈ ଓ ଷଣ୍ଢକୁ ସେଠାରୁ ବାହାର କରିଥିଲେ। ବିଭିନ୍ନ ସ୍ଥାନରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ବାଡ଼ବନ୍ଦୀ ସହ କୌଣସି ଅଘଟଣ ଯେପରି ନ ଘଟେ ସେଥିପ୍ରତି ଯତ୍ନବାନ ହେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ହେଁ ବୁଗୁଡ଼ା ବିଦ୍ୟୁତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥବା ଅଭିଯୋଗ ହୋଇଛି। ତେଣୁ ବିଦ୍ୟୁତ୍ ବିଭାଗ ତୁରନ୍ତ ଏହି ମୁକୁଳା ଟ୍ରାନ୍ସଫର୍ମରରେ ବାଡ଼ବନ୍ଦି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## କଲେଜ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ଆସିକା,୨।୬(ସୁରେନ୍ଦ୍ର ନାଥ ସାହୁ) ଆସିକା ବିଜ୍ଞାନ ମହାବିଦ୍ୟାଳୟର ରସାୟନ ବିଭାଗର ମୁଖ୍ୟ ଡ. ସନ୍ତୋଷ କୁମାର ଚୌଧୁରୀ ରବିବାରଠାରୁ ଏହି କଲେଜର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅବସର ଗ୍ରହଣ ପରେ ଚୌଧୁରୀ ଏହି ପଦବୀରେ ଅବସ୍ଥାପିତ ହୋଇଛନ୍ତି। ଗଞ୍ଜାମ କଲେଜରୁ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କରିଥିବା ଚୌଧୁରୀ ପରବର୍ତ୍ତୀ ସମୟରେ କେନ୍ଦୁପଦର କଲେଜ ଏବଂ ବ୍ରହ୍ମପୁର ମହାମାୟୀ ମହାବିଦ୍ୟାଳୟରେ ଅଧ୍ୟାପନା କରିଥିଲେ । ମହାବିଦ୍ୟାଳୟର ସାମଗ୍ରିକ ବିକାଶ ଲାଗି ସେ ଉଦ୍ୟମ କରିବେ ବୋଲି କହିଛନ୍ତି।


भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान

I.C.A.R-Central Institute of Freshwater Aquaculture

कौशल्यागंग, भुवनेश्वर-751002, ओड़ीशा

Kausalyaganga, Bhubaneswar-751002, Odisha

Advertisement No. 10/2025-26 Date of Insertion : 02.06.2025

वॉक-इंन-इंटरव्यू

भा.कृ.अनु.प-केंद्रीय मीठाजल जीवपालन अनुसंधान संस्थान सीफ, कौशल्यागंग, भुवनेश्वर, ओडिशा में **01((एक)) यंग प्रोफेशनल-I** पद भर्ती के लिए दिनांक **18.06.2025 को पू.10.00 बजे** चल-साक्षात्कार आयोजित किया जायेगा। अधिक जानकारी हेतु कृपया भा.कृ.अनु.प-सीफा वेबसाइट **http://www.cifa.nic.in** पर जाएं।

WALK-IN INTERVIEW

A Walk-in-Interview will be held on **18.06.2025 at ICAR-CIFA, Bhubaneswar** at 10.00 A.M for **01 (One) no. of Young Professional -I (YP-I),** (purely on contractual basis) to work under the TSP project at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to Institute website: **http://www.cifa.nic.in**

Coordinator


# ସୁସ୍ଥ ସମାଜ ଗଠନରେ ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ରାଜ୍ୟସ୍ତରୀୟ ଅଗ୍ରଦୂତ ଛାତ୍ର ସମ୍ମିଳନୀ ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨।୬(ଗିରିଧାରୀ ପରିଛା)

ପାରଳାଖେମୁଣ୍ଡିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର (ମାତୃପୀଠ)ଠାରେ ୩୬ତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ଅଗ୍ରଦୂତ ପାଠଚକ୍ର ସମ୍ମିଳନୀ ଉଦ୍‌ଘାଟିତ ହୋଇଛି। ୪ ଦିନ ଧରି ହେବାକୁ ଥିବା ଏହି ସମ୍ମିଳନୀରେ ସମଗ୍ର ଓଡ଼ିଶାରୁ ୩୫ଟି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ୩୫୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ଓଡ଼ିଶା ତଥା ବିଭିନ୍ନ ରାଜ୍ୟରୁ ବିଶିଷ୍ଟ ସାଧକମାନେ ଯୋଗ ଦେଇଛନ୍ତି। ଓଡ଼ିଶାର ବିଭିନ୍ନ ଜିଲାରେ ଏହି ସମ୍ମିଳନୀ ଦୀର୍ଘ ୩୫ ବର୍ଷ ଧରି ଆୟୋଜନ ହେଉଥିବା ବେଳେ ଚଳିତ ଥର ଗଜପତି ଜିଲାରେ ପାରଳାଖେମୁଣ୍ଡି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଛି। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପ୍ରାଧ୍ୟାପକ ମନ ମୋହନ ପାତ୍ର ଫଟୋ ଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ଉତ୍ସବରେ ଗଜପତି ଜିଲାପାଳ ବିଜୟ କୁମାର ଦାସ ମୁଖ୍ୟଅତିଥି ରୂପେ ଯୋଗଦେଇ ନୂତନ ପୂର୍ଣ୍ଣାଙ୍ଗ ସମାଜ ଗଠନରେ ଅଗ୍ରଦୂତ ଭାବେ କାର୍ଯ୍ୟ କରି ଦେଶ ଗଠନ ସହ ସୁସ୍ଥ ସମାଜ ଗଠନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପୁରାତନ ଛାତ୍ରୀଛାତ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବରେ କଟକ ମାତୃଭବନ ସମ୍ପାଦକ ପ୍ରସାଦ ତ୍ରିପାଠୀ, ପଣ୍ଡିଚେରୀ ଆଶ୍ରମ ଆରୋଭିଲରୁ ବରିଷ୍ଠ ସାଧକ ରାମ ନାରାୟଣ ପାତ୍ର, ବ୍ରହ୍ମପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସଭାପତି ଭାଗିରଥି ମହାପାତ୍ରଙ୍କ ସହ ମାତୃପୀଠ ସଭାପତି ବିଜୟ ମୁନି, ସମ୍ପାଦକ ଗୌରହରି ପଟ୍ଟନାୟକ ଏବଂ ଅନୁଷ୍ଠାନର ଅଧ୍ୟକ୍ଷା ଗୀତାଞ୍ଜଳି ଦାସ ଉପସ୍ଥିତ ରହି ଶ୍ରୀଅରବିନ୍ଦଙ୍କ ଦର୍ଶନ ଏବଂ ଅଗ୍ରଦୂତଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅଗ୍ରଦୂତ ରାଜ୍ୟ ଆବାହକ ସ୍ୱରାଜ ଭାଇ ଏବଂ ବିଜୟାନନ୍ଦ ଭାଇ, ବିକାଶ ରଞ୍ଜନ ଭାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନ ସଦସ୍ୟ ଗିରିଶ ଚନ୍ଦ୍ର ଦାସ ବିଷୋୟୀ କୃତଜ୍ଞତା ଜ୍ଞାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ପୁରାତନ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ ଶିକ୍ଷକ ଓ ପୁରାତନ ଶିକ୍ଷକମାନେ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରକାଶିତ ଏକ ବାର୍ଷିକ ସ୍ମରଣିକା 'ଦା ପାୟୋନିର'କୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ।




ଅତିଥି ଜଣଙ୍କୁ ସମ୍ମାନିତ କରୁଛନ୍ତି।

## ନାଟକ ମଞ୍ଚସ୍ଥ

ଆସିକା,୨।୬(ସୁରେନ୍ଦ୍ର ନାଥ ସାହୁ):

ଆସିକା ବ୍ଲକ କେନ୍ଦୁପଦର ପଞ୍ଚାୟତ ଅନ୍ତର୍ଗତ ଚାଟୁଳା ଗ୍ରାମରେ ନେତାଜୀ ଯୁବକ ସଂଘ ପକ୍ଷରୁ ୨୭ତମ ଅବଦାନ ସାମାଜିକ ନାଟକ 'ସୁନ୍ଦରୀଙ୍କ ହସ ଦେଖିବ ଆସ' ରବିବାର ରାତିରେ ଉଦଘାଟିତ ହୋଇଛି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲିକ ନାଟକକୁ ଉଦଘାଟନ କରିଥିଲା ବେଳେ ମୁଖ୍ୟ ଅତିଥି ଭାବେ ଗଂଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଓକିଲ ସଂଘ ସଭାପତି ଅଜିତ କୁମାର ଚୌଧୁରୀ ଯୋଗଦେଇଥିଲେ । ଇଂ. ଆଶୁତୋଷ ମହାପାତ୍ରଙ୍କ ରଚିତ ଏହି ନାଟକକୁ କେନ୍ଦୁପଦର ସରପଞ୍ଚ ତଥା ମଞ୍ଚ ନିର୍ଦ୍ଦେଶକ ଭବାନୀ ଶଙ୍କର ମଲିକ (ଟୁଟୁ ଭାଇ) ନିର୍ଦ୍ଦେଶନା ଦେଇଥିଲେ । ନାଟକ ମଞ୍ଚକଳାକୁ ବଞ୍ଚାଇ ରଖିବା ନିମନ୍ତେ ପ୍ରୟାସ ଜାରି ରଖି ଥିବାରୁ ନିର୍ଦ୍ଦେଶକ ଭବାନୀ ଶଙ୍କରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆଖପାଖ ଗ୍ରାମାଞ୍ଚଳର ଲୋକେ ନାଟକକୁ ଉପଭୋଗ କରିଥିଲେ।

# ମା' ପାଟଖଣ୍ଡା ଠାକୁରାଣୀଙ୍କ ସୁନାପାଙ୍ଗା ପରିଭ୍ରମଣ

ବାଲିଗୁଡ଼ା,୨।୬ (ସଞ୍ଜୟ କୁମାର ପାଣିଗ୍ରାହୀ)ବାଲିଗୁଡ଼ା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ସୋମବାର ୨୮ ଦିନରେ ପହଞ୍ଚିଛି। ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଚାଲିଥିବା ବେଳେ ଚଳିତ ମାସ ୬ତାରିଖ ଦିନ ମା' ମାନେ ନିଜ ନିଜ ପୀଠକୁ ପ୍ରତ୍ୟାବର୍ତ୍ତନ କରିବେ। ଗାନ୍ଧୀ ଛକ ସ୍ଥିତ ମା' ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପ ସମେତ ସମଗ୍ର ଅଞ୍ଚଳରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇ ଶେଷ ପର୍ଯ୍ୟାୟ ହୋଇଥିବାରୁ ଭକ୍ତଙ୍କ ଭିଡ଼ ଲାଗି ରହୁଛି। ଅସ୍ଥାୟୀ ପୀଠରେ ମା 'ପାଟଖଣ୍ଡାଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣକାଳୀ ବିରାଜ ମାନ ଅଛନ୍ତି। ବିଭିନ୍ନ ବାଜା ବାଜଣା, ନୃତ୍ୟ ଗୀତରେ ଅସ୍ଥାୟୀ ପୀଠ ଠାରୁ ବାହାରି ଗାନ୍ଧୀ ଛକ ଦେଇ ସୁନାପାଙ୍ଗାର ପ୍ରବେଶ କରି ଅସ୍ଥାୟୀ ପୂଜା ମଣ୍ଡପରେ ପହଞ୍ଚିଥିଲେ। ଶେଷରେ ଅନ୍ନ ପ୍ରସାଦ ବଣ୍ଟନ ର ବ୍ୟବସ୍ଥା କରାଯାଇଥିଲା । ମଙ୍ଗଳବାର ଦଣ୍ଡପଦର ଅଞ୍ଚଳ କୁ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ଥିବା ବେଳେ ବୁଧବାର ବଜାର ସାହିର ଆଚାର୍ଯ୍ୟ କଲୋନୀକୁ ମା'ଙ୍କ ଆଗମନ କରିଛନ୍ତି।

## ଟିପ୍ପର ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଛତ୍ରପୁର,୨।୬(ସନ୍ତୋଷ ପାଢ଼ୀ):

ଚମାଖଣ୍ଡି ଥାନା ରଘୁନାଥପୁର ନିକଟରେ ଟିପର ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ବ୍ରହ୍ମପୁର ଅଳକପୁରୀର ଅବିନାଶ ସାହୁ (୩୫ ବର୍ଷ)। ତାଙ୍କୁ ଉଦ୍ଧାର ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ସୂଚନାନୁଯାୟୀ, ଅବିନାଶ ବାଇକ ଯୋଗେ ଛତ୍ରପୁର ଆସୁଥିବା ବେଳେ ରଘୁନାଥପୁର ନିକଟରେ ଟିପର ଧକ୍କା ଦେଇଥିଲା। ଖବରପାଇ ପୋଲିସ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ଅବିନାଶଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଛି।


No.C-420

WATCO

OFFICE OF THE GENERAL MANAGER, WATCO DIVISION-II, BHUBANESWAR

Near Rajiv Bhawan, Unit-V, Bhubaneswar-751001, Odisha, India

Telefax : +91-674-2390322, E-mail - gmdivtwowatco@gmail.com

NATIONAL COMPETITIVE BIDDING THROUGH e-PROCUREMENT

Invitation for Bids (IFB)

Dtd.28.05.2025

| | | |
|---|---|---|
| 01 | Name of the Work | : **11 Nos. (Eleven nos. works)** |
| 02 | Estimate cost | : Rs.19.80 Lakhs to 79.66 Lakhs |
| 03 | Period of completion | : 12 (Twelve Months) |
| 04 | Class of contractor | : C & B Class |
| 05 | Date & Time of availability of bid document In the portal | : From 11.00 A.M. of Dt. 02.06.2025 to 5.00 P.M. of 17.06.2025 |
| 06 | Last date / time of receipt of bids in the portal | : 5.00 P.M. of 17.06.2025 |
| 07 | Last date & time of seeking clarification | : 5.00 P.M. of 06.06.2025 |
| 08 | Date & Time of opening of bids | : At 12.30 P.M. of 18.06.2025 |
| 09 | Name and Address of the Officer Inviting Bid | : General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in".

Sd./- GENERAL MANAGER (SEPH)
WATCO DIVISION-II, BHUBANESWAR

ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଉପ ମୁଖ୍ୟ ସିଗ୍ନାଲ ଓ ଟେଲିକମ୍ ଯନ୍ତ୍ରୀ/ସିଓଏନ୍/ଏଚ୍‌କ୍ୟୁ/ଗାର୍ଡେନ ରିଚ୍ – ୭୦୦୦୪୩, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **ଏନ୍‌ଆଇଟି ନଂ.: ଏସ୍‌ଟି-ସିଓଏନ୍-ଆର୍‌ଓୟୁ-ଟିଏଟିଆଇ-କେଏନ୍‌ଆର୍‌ଏନ୍-ଏଏଲ୍‌ଟି ସମାପ୍ତି ତାରିଖ/ସମୟ: ୨୫।୦୬।୨୦୨୫, ୧୫.୦୦; କାର୍ଯ୍ୟର ନାମ:** ଦକ୍ଷିଣ ପୂର୍ବ ରେଳପଥର ରାଞ୍ଚି ଡିଭିଜନରେ ହାଟିଆ (ଏଚ୍‌ଟିଇ) – ଓର୍ଗା (ଓଆରଜିଏ) ସେକ୍ସନରେ କେଏନ୍‌ଆର୍‌ଏନ୍–ଟିଏଟିଆଇ–ପିବିବି ମଧ୍ୟରେ ଦୋହରୀକରଣ ସଂକ୍ରାନ୍ତରେ ୟାର୍ଡ ରିମଡେଲିଂ କାର୍ଯ୍ୟ ସମେତ କନରୋଆଁ (କେଏନ୍‌ଆର୍‌ଏନ୍), ତାଟି (ଟିଏଟିଆଇ) ଏବଂ ପରବାଟୋନିଆ (ପିବିବି) ଷ୍ଟେଶନଠାରେ ବିଦ୍ୟମାନ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ ସିଷ୍ଟମରେ ଉଭୟ ଇନ୍‌ଡୋର୍ ଓ ଆଉଟ୍‌ଡୋର୍ ଏସ୍ ଆଣ୍ଡ ଟି କାର୍ଯ୍ୟର ଡିଜାଇନ, ଯୋଗାଣ, ସ୍ଥାପନ, ନିର୍ବାହ, ପରୀକ୍ଷଣ ଏବଂ କମିଶନିଂ । **ଟେଣ୍ଡରର ବିଜ୍ଞାପିତ ମୂଲ୍ୟ: ₹୭,୨୪,୪୯,୦୬୦.୯୪; ଅମାନତ ରାଶି: ₹୫,୧୨,୩୦୦.୦୦; ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୦.୦୦; ଟେଣ୍ଡର ପ୍ରକାର:** ଖୋଲା; **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୫।୦୬।୨୦୨୫, ୧୫.୦୦ । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ। **(PR-224)**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଇଏନ୍‌ଜିଜି.), ଦକ୍ଷିଣ ପୂର୍ବ ରେଳପଥ, ରାଞ୍ଚି–୮୩୪୦୦୩ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: **କ୍ର.ସଂ.; ବିଜ୍ଞପ୍ତି ନଂ.; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ; ଇଏମ୍‌ଡି ମୂଲ୍ୟ; [୧]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୩୬-୨୦୨୫;** ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ ଏଲ୍‌ଏଡି ଅଧୀନରେ ଅନ୍ୟାନ୍ୟ ଭିତ୍ତିଭୂମିଗତ ସୁବିଧା ସହିତ ବିଭିନ୍ନ ୟାର୍ଡଗୁଡ଼ିକର ୟାର୍ଡ ଉନ୍ନତୀକରଣ/ଅପ୍‌ଗ୍ରେଡେଶନ୍ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ ସାଇଡିଂର ବିକାଶ; **₹୯,୦୦,୪୨,୬୫୬.୩୮; ₹୬,୦୦,୨୦୦.୦୦; ୨୩।୦୬।୨୦୨୫, ୧୫.୦୦ ଘଟିକାରେ । [୨]; ଡିଆର୍‌ଏମ୍‌ଇଏନ୍‌ଜିଜିଆର୍‌ଏନ୍‌ସି-୩୭-୨୦୨୫;** ରାଞ୍ଚି ମଣ୍ଡଳର ପିଡବ୍ଲ୍ୟୁଆଇ/ ଜିବିଏକ୍ସ ଅଧୀନରେ ଅନ୍ୟାନ୍ୟ ଭିତ୍ତିଭୂମିଗତ ସୁବିଧା ସହିତ ବିଭିନ୍ନ ୟାର୍ଡଗୁଡ଼ିକର ୟାର୍ଡ ଉନ୍ନତୀକରଣ/ଅପ୍‌ଗ୍ରେଡେଶନ୍ କାର୍ଯ୍ୟ ଏବଂ ଟ୍ରାକ୍ ମେଶିନ ସାଇଡିଂର ବିକାଶ; **₹୮,୯୬,୩୧,୩୨୬.୯୪; ₹୫,୯୮,୨୦୦.୦୦; ୨୩।୦୬।୨୦୨୫, ୧୫.୦୦ ଘଟିକାରେ ।** ଅନ୍‌ଲାଇନ୍ ଟେଣ୍ଡରିଂ ପାଇଁ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ। **(PR-226)**

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.12-SBP-TRD-OT-2025-26 ତା.28.05.2025ରିଖ

**କାର୍ଯ୍ୟର ନାମ :** (1) ସମ୍ବଲପୁର ମଣ୍ଡଳର ସରଳା-ଦେଓଗାଁ ରୋଡ଼୍ ସେକ୍ସନରେ **PSC** ସ୍ଲାବ୍ ଦ୍ୱାରା **12.20** ମିଟର ସ୍ପାନ୍ ବିଶିଷ୍ଟ **13** ଗୋଟି ଷ୍ଟିଲ୍ ଗର୍ଡର ପୋଲଗୁଡ଼ିକର ସ୍ଥାନାନ୍ତରଣ। (2) ସମ୍ବଲପୁର ମଣ୍ଡଳରେ ଅତାବିରା-ଦେବାହାଲ ମଧ୍ୟରେ କି.ମି.**587/37-39** ଠାରେ **JT-36**, ଖଲିଆପାଲି-ଲୋଇସିଂହା ମଧ୍ୟରେ କି.ମି.**658/13-14** ଠାରେ **JT-80**, ସରଳା-ସମ୍ବଲପୁର ମଧ୍ୟରେ କି.ମି.**557/20-22** ଠାରେ **JT-24**, ଦେବାହାଲ-ବରଗଡ଼୍ ରୋଡ଼୍ ମଧ୍ୟରେ କି.ମି.**619/32-34** ଠାରେ **JT-56**, ଅତାବିରା-ଦେବାହାଲ ମଧ୍ୟରେ କି.ମି.**592/3-5** ଠାରେ **JT-39**, ଅତାବିରା-ଦେବାହାଲ ମଧ୍ୟରେ କି.ମି.**588/28-30** ଠାରେ **JT-37**, ଦେବାହାଲ-ବରଗଡ଼୍ ରୋଡ଼୍ ମଧ୍ୟରେ କି.ମି. **595/05-07** ଠାରେ **JT-41**, ହୀରାକୁଦ-ଗୋଡ଼୍‌ଭଗା ମଧ୍ୟରେ କି.ମି.**572/08-10** ଠାରେ **JT-29**, ବରପାଲି-ଡୁଙ୍ଗୁରିପାଲି ମଧ୍ୟରେ କି.ମି.**637/10-11** ଠାରେ **JT-69**, ବରଗଡ଼୍ ରୋଡ଼୍-ବରପାଲି ମଧ୍ୟରେ କି.ମି.**609/13-14** ଠାରେ **JT-51** ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ **(LHS)**ର ବ୍ୟବସ୍ଥା ସମ୍ବନ୍ଧୀୟ **TRD** ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ (ଟଙ୍କାରେ) : 42,87,202.20, EMD (ଟଙ୍କାରେ) : 85,800/-, ଶେଷ ହେବା ଅବଧି : 12 ମାସ।**

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.19.06.2025 ରିଖ 1530 ଘଟିକାରେ ।**

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ।

**ଦ୍ରଷ୍ଟବ୍ୟ:** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-189/Q/25-26

GOVT. OF ODISHA No.A-240

DEPARTMENT OF WATER RESOURCES

OFFICE OF THE CHIEF ENGINEER, DRAINAGE CUTTACK, GANDARPUR-753003

E-PROCUREMENT NOTICE NO.CE-DR-CTC-02/2025-26

email Id : cedrainage@gmail.com

| | | |
|---|---|---|
| 1. | Name of Works | : Clearing of water way and Construction of river training wall with associated structure in Bahadanalla near Haripur |
| 2. | Total number of Packages | : 1No. individual package. |
| 3. | Estimated Cost | : **Rs.5955.91 Lakh** |
| 4. | Bid Identification No. | : CE-DR-CTC/DD-BAM-02/2025-26 |
| 5. | Period of completion | : 30(Thirty) Calendar months |
| 6. | Availability of Tender On-Line | : 05.06.2025, 16.30 hours to 04.07.2025, 17.00 hours. |
| 7. | Date of Opening of Technical Bid | : 05.07.2025 at 11.30 hours in the O/o the Chief Engineer, Drainage, Cuttack |
| 8. | Class of Contractor | : Super Class |
| 9. | Bid Security/EMD | : **Rs.59,56,000/- (To be remitted online)** |
| 10. | Cost of Tender paper | : Rs.10,000/- |
| 11. | Procurement Officer | : Chief Engineer, Drainage, Cuttack, Gandarpur-753003 |

Further details can be seen from the Govt. website www.tendersorissa.gov.in. Addendum/Corrigendum/Cancellation if any required will be published only in Govt. website www.tendersorissa.gov.in

Sd./- Chief Engineer, Drainage Cuttack

OIPR-32174/11/0027/2526

इण्डिआन् ଓଭରସିଜ୍ ବ୍ୟାଙ୍କ



ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

କ୍ଷେତ୍ରୀୟ କାର୍ଯ୍ୟାଳୟ: ବି-୨/(ପଶ୍ଚିମ) ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍-୦୬୭୪-୨୫୪୧୪୦୬/୨୫୪୦୦୩୨/୨୫୪୬୧୬୮

ସୁନା ନିଲାମ ବିକ୍ରୟ ବିଜ୍ଞପ୍ତି

ନିମ୍ନଲିଖିତ ଋଣଗ୍ରହୀତା, ସେମାନଙ୍କର ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ଋଣଗ୍ରହୀତାମାନେ ସ୍ୱର୍ଣ୍ଣ ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି। ବ୍ୟାଙ୍କ ବାରମ୍ବାର ନୋଟିସ୍ ଦେବା ସତ୍ତ୍ୱେ ଋଣଗ୍ରହୀତାମାନେ ଯଥା ସମୟରେ ସେମାନଙ୍କର ସୁନା ଋଣ ପରିଶୋଧ କରୁନାହାଁନ୍ତି । ଯଦି ସେମାନେ ନିଲାମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ସହିତ ତତ୍‌ପରବର୍ତ୍ତୀ ସୁଧ ଓ ଆନୁସଙ୍ଗିକ ସମସ୍ତ ଖର୍ଚ୍ଚ ସହିତ ପରିଶୋଧ ନ କରନ୍ତି ତେବେ ସେମାନେ ବନ୍ଧକ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ସ୍ଥିର କରାଯାଇଥିବା ନିମ୍ନ ଦର୍ଶିତ ତାରିଖରେ ସର୍ବସାଧାରଣରେ ନିଲାମ କରାଯିବ ଏବଂ ବ୍ୟାଙ୍କ ଏ ସମ୍ବନ୍ଧୀୟ କୌଣସି ଅସୁବିଧା, ଆପତ୍ତି, ଅଭିଯୋଗ ବା କ୍ଷତି ପାଇଁ ଦାୟୀ ହେବନାହିଁ ଏବଂ ଯଦି କିଛି ବକେୟା ରହିଯାଏ ତାହା ଆଇନ ଅନୁସାରେ ଋଣଗ୍ରହୀତାଙ୍କ ଠାରୁ ଆଦାୟ କରାଯିବ।

| କ୍ର. ନଂ. | ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. | ଏନ୍‌ପିଏ ତାରିଖ | ଋଣଗ୍ରହୀତାମାନଙ୍କ ନାମ | ବର୍ତ୍ତମାନ ବକେୟା ରାଶି | ସୁନା ମୋଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|---|---|
| **୧. ସତ୍ୟ ନଗର ଶାଖା, ଫୋନ: ୮୯୨୫୯୫୧୦୬୦** | | | | | |
| ୧ | ୧୦୬୦୦୩୪୬୨୦୦୦୫୭୩ | ୧୪.୦୩.୨୦୨୫ | ମୀରା ଦାଶ | ଟ.୨,୮୧,୩୯୭.୪୨ | ୭୩.୮୦୦ |
| ୨ | ୧୦୬୦୦୩୪୬୨୦୦୦୫୭୪ | ୧୫.୦୩.୨୦୨୫ | ମନୋଜ କୁମାର ସାହୁ | ଟ.୧୬,୮୯୯.୯୯ | ୫.୪୦୦ |
| **୨. କଣ୍ଟୋଳ ଶାଖା, ଫୋନ: ୮୯୨୫୯୫୧୦୯୫** | | | | | |
| ୧ | ୧୦୯୫୦୩୨୧୪୦୦୦୮୫୨ | ୧୩.୧୦.୨୦୨୪ | ପ୍ରଶାନ୍ତ ସାହୁ | ଟ.୬୨,୧୩୫/- | ୧୩.୧୦୦ |
| ୨ | ୧୦୯୫୦୩୨୧୪୦୦୧୨୨୦ | ୨୭.୦୭.୨୦୨୪ | ସୁଧୀର କୁମାର ସ୍ୱାଇଁ | ଟ.୫୫,୦୦୦/- | ୧୨.୪୦୦ |
| **୩. ମୁଳି ସିଂହ ଶାଖା, ଫୋନ: ୮୯୨୫୯୫୩୪୭୮** | | | | | |
| ୧ | ୩୪୭୮୦୩୨୧୪୦୦୨୦୬୮ | ୨୪.୦୬.୨୦୨୪ | ହରପ୍ରିୟା ମହାନ୍ତି | ଟ.୫୩,୧୬୧/- | ୧୨.୨୦୦ |
| **୪. ଯୋଡା ଶାଖା, ଫୋନ: ୮୯୨୫୯୫୨୬୨୧** | | | | | |
| ୧ | ୨୬୨୧୦୩୧୩୨୦୦୦୦୮୮ | ୦୨.୦୬.୨୦୨୩ | ଲିପୁ ଦାସ | ଟ.୧୦,୪୭୦/- | ୨.୮୫୦ |
| ୨ | ୨୬୨୧୦୩୧୩୨୦୦୦୧୯୦ | ୦୨.୦୯.୨୦୨୨ | ସୁନୀତା କରୁଆଁ | ଟ.୧୧,୧୨୯/- | ୪.୧୬୦ |
| ୩ | ୨୬୨୧୦୩୧୩୨୦୦୦୩୫୮ | ୦୬.୦୮.୨୦୨୪ | ଜୟ ବଦେିକ | ଟ.୧୬,୦୯୪/- | ୪.୮୧୦ |
| ୪ | ୨୬୨୧୦୩୪୬୨୦୦୦୭୨୨ | ୧୪.୦୨.୨୦୨୫ | ଅନୀକେତ ବରୁଆ | ଟ.୧୩,୮୦୯/- | ୫.୦୯୦ |
| ୫ | ୨୬୨୧୦୩୪୬୨୦୦୦୫୩୪ | ୧୧.୦୩.୨୦୨୪ | କୌଶଲ୍ୟା ପାତ୍ର | ଟ.୭,୭୫୬/- | ୨.୭୨୦ |
| **୫. ଯାଜପୁର ରୋଡ୍ ଶାଖା, ଫୋନ: ୮୯୨୫୯୫୧୨୮୬** | | | | | |
| ୧ | ୧୨୮୬୦୩୧୩୨୦୦୦୩୩୩ | ୧୮.୧୨.୨୦୨୨ | ସିଲୁ ରାଉତ | ଟ.୩୬,୧୨୨/- | ୮.୬୨୦ |
| **୬. ଧୁରୁକୁଡିଆ ଶାଖା, ଫୋନ: ୮୯୨୫୯୫୧୧୨୪** | | | | | |
| ୧ | ୧୧୨୪୦୩୨୧୪୦୦୦୫୫୮ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୨୪,୭୨୪/- | ୨୮.୪୦୦ |
| ୨ | ୧୧୨୪୦୩୨୧୪୦୦୦୮୩୭ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୮୨,୦୦୦/- | ୩୯.୧୦୦ |
| ୩ | ୧୧୨୪୦୩୨୧୪୦୦୦୮୩୯ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୧,୨୭,୦୦୦/- | ୨୭.୪୦୦ |
| ୪ | ୧୧୨୪୦୩୨୧୪୦୦୦୮୪୧ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୬୪,୦୦୦/- | ୧୩.୬୦୦ |
| ୫ | ୧୧୨୪୦୩୨୧୪୦୦୦୮୪୪ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୩୮,୦୦୦/- | ୮.୨୦୦ |
| ୬ | ୧୧୨୪୦୩୨୧୪୦୦୦୯୭୯ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୫୪,୦୦୦/- | ୧୧.୪୦୦ |
| ୭ | ୧୧୨୪୦୩୨୧୪୦୦୦୯୮୦ | ୧୩.୦୩.୨୦୨୫ | ବର୍ଷାରାଣୀ ସ୍ୱାଇଁ | ଟ.୬୭,୦୦୦/- | ୧୫.୬୦୦ |
| ୮ | ୧୧୨୪୦୩୨୫୭୦୦୧୦୮୧ | ୦୧.୦୫.୨୦୨୫ | ହରେକୃଷ୍ଣ ସାହୁ | ଟ.୧,୧୮,୦୦୦/- | ୨୪.୧୦୦ |
| **୭. ବାଲୁଗାଁ ଶାଖା, ଫୋନ: ୮୯୨୫୯୫୦୯୨୭** | | | | | |
| ୧ | ୦୯୨୭୦୩୧୩୨୦୦୦୫୪୧ | ୧୮.୦୨.୨୦୨୪ | ଶୁଭାଶିଷ ପ୍ରଧାନ | ଟ.୧୯,୩୩୧/- | ୫.୪୦୦ |
| **୮. କଣାସ ଶାଖା, ଫୋନ: ୮୯୨୫୯୫୧୧୯୪** | | | | | |
| ୧ | ୧୧୯୪୦୩୧୩୨୦୦୦୪୬୫ | ୨୧.୦୩.୨୦୨୫ | ରମେଶ ଚନ୍ଦ୍ର ମଣ୍ଡଳ | ଟ.୬୬,୫୨୭/- | ୧୯.୩୫୦ |
| ୨ | ୧୧୯୪୦୩୪୬୨୦୦୩୪୪୭ | ୨୧.୦୩.୨୦୨୫ | ରମେଶ ଚନ୍ଦ୍ର ମଣ୍ଡଳ | ଟ.୭୩,୬୮୮/- | ୧୯.୯୫୦ |
| **୯. ଖୋର୍ଦ୍ଧା ଶାଖା, ଫୋନ: ୮୯୨୫୯୫୨୨୯୧** | | | | | |
| ୧ | ୨୨୯୧୦୩୧୩୨୦୦୧୫୬୨ | ୦୯.୦୪.୨୦୨୫ | ମନୋଜ କୁମାର ସେଠୀ | ଟ.୫୦,୫୩୨/- | ୧୪.୩୦୦ |

ନିଲାମ ତାରିଖ : ୨୦.୦୬.୨୦୨୫

ନିଲାମ ସ୍ଥାନ: ସମ୍ପୃକ୍ତ ଶାଖା ପରିସରରେ | ସମୟ : ଅପରାହ୍ନ ୨.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା

୧. ଇଚ୍ଛୁକ ନିଲାମଧାରୀମାନେ ଉପରଦର୍ଶିତ ନିଲାମ ତାରିଖ ଦିନ ଉପରୋକ୍ତ ଶାଖାରେ ସେମାନଙ୍କର ପାନ୍ କାର୍ଡ ଏବଂ ଆଧାର କାର୍ଡ ସହିତ ଫଟୋଗ୍ରାଫ, ବୈଧ ଫଟୋ ପରିଚୟ ପତ୍ର ଏବଂ ଠିକଣା ପ୍ରମାଣ ପତ୍ର ସହିତ ଉପସ୍ଥିତ ରହିବେ। ୨. ନିଲାମଧାରୀମାନେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ଅଳଙ୍କାର ଗୁଡ଼ିକର ଓଜନ ଏବଂ ବିଶୁଦ୍ଧତା ଇତ୍ୟାଦି ଯାଞ୍ଚ କରି ସନ୍ତୁଷ୍ଟ ହେବା ଉଚିତ୍ ଏବଂ ଏ ବିଷୟରେ କୌଣସି ଆପତ୍ତି/ ଅଭିଯୋଗ/ଦାବି ନିଲାମ ପରେ ପ୍ରଶୟ ଦିଆଯିବ ନାହିଁ। ୩. ଇଚ୍ଛୁକ ନିଲାମଧାରୀ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ନିମନ୍ତେ ଅମାନତ ରାଶି **ଟ.୫,୦୦୦/- (ପାଞ୍ଚ ହଜାର ଟଙ୍କା)** କ୍ୟାସ/ବ୍ୟାଙ୍କ ଡ୍ରାଫ୍ଟ/ ବ୍ୟାଙ୍କର୍ସ ଚେକ୍ ଆକାରରେ ଶାଖା ପ୍ରବନ୍ଧକଙ୍କ ନିକଟରେ ଦାଖଲ କରିବା ଆବଶ୍ୟକ। ୪. ଯଦି କୌଣସି ଏକ ନିର୍ଦ୍ଦିଷ୍ଟ ଅଳଙ୍କାର ନିମନ୍ତେ ଏକରୁ ଅଧିକ ନିଲାମଧାରୀ ଅଂଶଗ୍ରହଣ କରନ୍ତି ତେବେ ସର୍ବୋଚ୍ଚ ନିଲାମଧାରୀଙ୍କୁ ସଫଳ ନିଲାମଧାରୀ ଭାବେ ଘୋଷଣା କରାଯିବ। ୫. ସଫଳ ନିଲାମଧାରୀମାନେ ସେମାନଙ୍କ ସପକ୍ଷରେ ନିଲାମ ଚୂଡ଼ାନ୍ତ ହେବା ପରେ ଉକ୍ତ ଦିନ କିମ୍ବା ପରବର୍ତ୍ତୀ କାର୍ଯ୍ୟ ଦିବସ ଦିନ ସମସ୍ତ ନିଲାମ ରାଶି ବ୍ୟାଙ୍କ ଡ୍ରାଫ୍ଟ / ବ୍ୟାଙ୍କର୍ସ ଚେକ୍ / କ୍ୟାସ୍ ଆକାରରେ ସମ୍ପୃକ୍ତ ଶାଖାରେ ଦାଖଲ କରିବେ। ୬. ଯଦି ସଫଳ ନିଲାମଧାରୀ ଧାର୍ଯ୍ୟ ୨୪ ଘଣ୍ଟା ମଧ୍ୟରେ ନିଲାମ ରାଶି ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କୁ କୌଣସି ସୂଚନା ନ ଦେଇ ଅମାନତ ରାଶି ସହିତ ଦାଖଲ ରାଶି ବାଜ୍ୟାପ୍ତି କରାଯିବ। ୭. ସମ୍ପୂର୍ଣ୍ଣ ନିଲାମ ରାଶି ପ୍ରଦାନ କରିବା ପରେ ସର୍ବୋଚ୍ଚ ନିଲାମଧାରୀଙ୍କୁ **୭ ଦିନ** ମଧ୍ୟରେ ଅଳଙ୍କାର ହସ୍ତାନ୍ତରିତ କରାଯିବ। ୮. ସଫଳ ନିଲାମଧାରୀଙ୍କୁ ଅଳଙ୍କାର ଥରେ ବିକ୍ରି ହୋଇଯିବା ପରେ କୌଣସି ପରିସ୍ଥିତିରେ ବ୍ୟାଙ୍କ ଦ୍ୱାରା ତାହା ଫେରସ୍ତ ନିଆଯିବ ନାହିଁ ଏବଂ ଏ ବାବଦରେ କୌଣସି ଦାବି/ ଅଭିଯୋଗ/ ବିବାଦକୁ ପ୍ରଶୟ ଦିଆଯିବ ନାହିଁ। ୯. ଅସଫଳ ନିଲାମଧାରୀଙ୍କୁ ନିଲାମ ପରେ ଅମାନତ ରାଶି ସଙ୍ଗେ ସଙ୍ଗେ ଫେରସ୍ତ କରାଯିବ। ୧୦. ବିଳମ୍ବିତ ତାରିଖରେ ନିଲାମ ରାଶି ଗ୍ରହଣ କରିବା ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ଅଟେ। ୧୧. ବ୍ୟାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। ୧୨. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ଅଳଙ୍କାରର ନିଲାମକୁ ଗ୍ରହଣ/ବାତିଲ/ସ୍ଥଗିତ/ରଦ୍ଦ/ବନ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛି ଏବଂ ବ୍ୟାଙ୍କ ଏ ବାବଦରେ କାହା ନିକଟରେ ଉତ୍ତରଦାୟୀ ନୁହନ୍ତି ଏବଂ ଅମାନତ ରାଶି ନିଲାମଧାରୀଙ୍କୁ ଫେରସ୍ତ କରାଯିବ। ୧୩. ଦ୍ରଷ୍ଟବ୍ୟ ଏହି କି ଯେ ଋଣଗ୍ରହୀତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନ ଦେଇ ନିଲାମ ହୋଇନଥିବା ଅଳଙ୍କାରଗୁଡ଼ିକ ଅନ୍ୟ କୌଣସି ତାରିଖରେ ନିଲାମ କରାଯିବ। ୧୪. ବ୍ୟାଙ୍କ ଅଳଙ୍କାର / କଏନ୍‌ର ବିଶୁଦ୍ଧତା / ଓଜନର କୌଣସି ଗ୍ୟାରେଣ୍ଟି ଦିଏନାହିଁ। ୧୫. ଆଗ୍ରହୀ ନିଲାମଧାରୀମାନେ ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖା କିମ୍ବା କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱରର କ୍ଷମତାପ୍ରାପ୍ତ ଅଧିକାରୀଙ୍କୁ ଯୋଗାଯୋଗ କରିପାରିବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୨.୦୬.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

भारतीय रिज़र्व बैंक

पर्यवेक्षण विभाग

पं. जवाहरलाल नेहरु मार्ग, भुवनेश्वर – 751 001

www.rbi.org.in

सार्वजनिक सूचना

**अधिकार माइक्रोफाइनेंस प्राइवेट लिमिटेड को जारी पंजीकरण प्रमाणपत्र (सीओआर) रद्द किया जाना**

भारतीय रिज़र्व बैंक अधिनियम, 1934 (अधिनियम) की धारा 45-IA (6) के तहत प्रदत्त शक्तियों का प्रयोग करते हुए, भारतीय रिज़र्व बैंक ने 20 मई, 2025 के अपने आदेश द्वारा भारतीय रिज़र्व बैंक अधिनियम की धारा 45-I(a) के तहत परिभाषित गैर-बैंकिंग वित्तीय संस्थान के कारोबार को निष्पादित करने के लिए **'अधिकार माइक्रोफाइनेंस प्राइवेट लिमिटेड'** (CIN No: U65923OR1997PTC010452) जिसका पंजीकृत कार्यालय प्लॉट नंबर-77/180/970, सुबुद्धिपुर, टोमांडो, भुवनेश्वर, ओडिशा, भारत, 752054 में स्थित है, को जारी पंजीकरण प्रमाणपत्र (सीओआर) संख्या 04.00021 दिनांकित 22 अक्टूबर, 2013 को रद्द कर दिया है। इसके परिणामस्वरुप उक्त अधिनियम के तहत यह कंपनी गैर-बैंकिंग वित्तीय संस्थान का कारोबार नहीं कर सकती है।

यह सूचना जनहित में जारी की गई है।

स्थान: भुवनेश्वर
दिनांक: 03 जून, 2025

हस्ता/-
(सीमा बेहेरा)
महाप्रबंधक

झारखण्ड सरकार
पेयजल एवं स्वच्छता विभाग

अल्पकालीन ई-प्रोक्योरमेन्ट सूचना

निविदा सूचना संख्या – DHN-1/12/2025-26 दिनांक – 02.06.2025

| Name of Work | प्राक्कलित राशि (लाख में) | अग्रधन की राशि (लाख में) | परिमाण विपत्र का मूल्य (रूपये में) | कार्य पूर्ण करने की अवधि |
|---|---|---|---|---|
| SUPPLYING AND LAYING OF DIFFERENT DIA D.I PIPE K-9 FROM WTP BHELATAND TO EXISTING SUMP AT IIT ISM DHANABD UNDER D.W. & S. DIVISION NO.1, DHANBAD | 496.19932 | 4.97 | 10000.00 | 6 माह |

| | | |
|---|---|---|
| 2 | वेबसाइट पर निविदा प्रकाशन की तिथि | 06.06.2025 समय 04.00 बजे अपराहन् तक |
| 3 | प्री बीड मीटिंग की तिथि एवं समय | 11.06.2025, 11.30 बजे पूर्वाहन क्षेत्रीय मुख्य अभियन्ता का कार्यालय, पेयजल एवं स्वच्छता विभाग, दुमका प्रक्षेत्र, दुमका |
| 4 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 21.06.2025 समय 05.00 बजे अपराहन् तक |
| 5 | सरकार के सचिव, सूचना प्रौद्योगिकी एवं ई- गवर्नेस, झारखण्ड मंत्रालय, के ज्ञापांक 120 दिनांक 03.10.2023 के आलोक में विपत्र का मूल्य एवं अग्रधन की राशि Online जमा करने की अन्तिम तिथि एवं समय | 21.06.2025 समय 05.00 बजे अपराहन् तक |
| 6 | तकनीकी बिड खोलने की तिथि एवं समय | 23.06.2025 समय 05.00 बजे अपराहन् |
| 7 | तकनीकी बिड खोलने का स्थान | कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद |
| 8 | निविदा आमंत्रित करने वाले पदाधिकारी का नाम/पदनाम :- रणजीत कुमार ठाकुर, कार्यपालक अभियंता, पेयजल एवं स्वचछता प्रमंडल सं.1, धनबाद | |
| 9 | निविदा आमंत्रित करने वाले कार्यालय का टेलिफोन नं0 : 0326-3148874 | |
| 10 | ई- प्रोक्यूरमेन्ट सेल का हेल्प लाईन सं0 : 0651-2480345 | |

नोट – (1) केवल ई निविदा ही स्वीकार किये जायेंगे।
(2) प्राक्कलित राशि घट-बढ़ सकती है तदनुसार अग्रधन की राशि एवं परिमाण विपत्र का मूल्य भुगतेय होगी।
अधिक जानकारी के लिए वेबसाईट http://jharkhandtenders.gov.in पर देखा जा सकता है।

PR 354103 (Drinking Water and Sanitation) 25-26 (D)

कार्यपालक अभियन्ता
पेयजल एवं स्वच्छता प्रमंडल सं.1, धनबाद

See Career Appointment on every Wednesday & Saturday

## ନୂତନ ଅଧୀକ୍ଷଣ ଯନ୍ତ୍ରୀଙ୍କ ଦାୟିତ୍ୱ ଗ୍ରହଣ

ମୋହନା,(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଡିଭିଜନରେ ସୋମବାର ନୂତନ ଅଧୀକ୍ଷଣ ଯନ୍ତ୍ରୀ ରୂପେ ଇଂ.ଦୀପକ ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୋହନାରେ ଥିବା ଅଧୀକ୍ଷଣ ଯନ୍ତ୍ରୀ ଇଂ.ଉମାଶଙ୍କର ମଲ୍ଲିକଙ୍କ ଏଠାରୁ ବାଲେଶ୍ୱର ଜଲାର ଜଳେଶ୍ୱରକୁ ବଦଳି ହୋଇଛି। ଇଂ ପାଣିଗ୍ରାହୀ ଏହା ପୂର୍ବରୁ ଭଦ୍ରକ ପୂର୍ତ୍ତ ବିଭାଗରେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ପରେ ସେ ମୋହନା ଅଞ୍ଚଳରେ ବିଭାଗ ଦ୍ୱାରା ହେଉଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକ ବିଭାଗୀୟ ଅଧିକାରୀମାନଙ୍କ ସହ ବୁଲି ଦେଖିଛନ୍ତି।

**ସଂକ୍ଷେପରେ**

## ବ୍ୟାଟମିଣ୍ଟନ ତାଲିମ ଶିବିର ଉଦ୍‌ଯାପିତ

ଦିଗପହଣ୍ଡି,୨।୬ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖି ଇଣ୍ଡୋର ଷ୍ଟାଡିୟମ ପରିସରରେ ଚାଲିଥିବା ଗ୍ରୀଷ୍ମକାଳୀନ ବ୍ୟାଟମିଣ୍ଟନ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। ପ୍ରଶିକ୍ଷକ ନୀଳମାଧବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବିଧାୟକ ଡ଼.ସିଦ୍ଧାନ୍ତ ମହାପାତ୍ର, ବିଡ଼ିଓ ଅନାମିକା ପାଣ୍ଡେ ଏବଂ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା ଅତିଥିଭାବେ ଯୋଗଦେଇ ୫୦ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ବଣ୍ଟନ କରିଥିଲେ। ବାଳିକା ବିଭାଗରେ ସ୍ୱିଟି ଏବଂ ଶିଖା, ବାଳକ ବିଭାଗରେ ରିଷଭ ଏବଂ ଦେବାଶିଷ ଶ୍ରେଷ୍ଠ ପ୍ରତିଭା ଭାବେ ବିବେଚିତ ହୋଇଛନ୍ତି।

## ଓଡ୍ରଖଣ୍ଡାୟତ କାଳିଞ୍ଜି ସମାଜ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ

କବିସୂର୍ଯ୍ୟନଗର,୨।୬(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏମ. ଚମ୍ପେୟତ ଶିବମନ୍ଦିର ପ୍ରାଙ୍ଗଣରେ ଓଡ୍ରଖଣ୍ଡାୟତ କାଳିଞ୍ଜି ସମାଜର ଶ୍ରୀଶ୍ରୀ ସିଦ୍ଧେଶ୍ୱର ଆଞ୍ଚଳିକ ପରିଷଦର କର୍ମକର୍ତ୍ତା ଚୟନ ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି । ଆଞ୍ଚଳିକ ସଭାପତି ମହେଶ୍ୱର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ରୂପେ ସଭାପତି ସନ୍ତୋଷ ଜେନା, ସମ୍ମାନିତ ଅତିଥି ରୂପେ ଉପସଭାପତି ବୃନ୍ଦାବନ ଖଟେଇ, ପରିଷଦ ସମ୍ପାଦକ ନୀଳାଞ୍ଚଳ ପୋଲାଇ, କୋଷାଧକ୍ଷ ବିଭୂତି ଭୂଷଣ ଜେନା, ଉପଦେଷ୍ଟା କାଳିଚରଣ ନାୟକ, ନିମନ୍ତ୍ରିତ ସଭ୍ୟ ଜଗବନ୍ଧୁ ଜେନା ଯୋଗ ଦେଇଥିଲେ। ଆଞ୍ଚଳିକ ପରିଷଦ ଅନ୍ତର୍ଗତ ୫୪ଟି ଗ୍ରାମ୍ୟ କମିଟି ସଦସ୍ୟଙ୍କୁ ମୁଖ୍ୟ ଅତିଥି ବିଧାୟକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଯୋଗୀନ୍ଦ୍ର ବିଷୋୟୀ, ଉପସଭାପତି ମହେଶ୍ୱର ଭୂୟାଁ, ସମ୍ପାଦକ ପ୍ରକାଶ ଚନ୍ଦ୍ର ଭୂୟାଁ, ସଙ୍ଗଠନ ସମ୍ପାଦକ ମନୋଜ ପ୍ରଧାନ, ସଙ୍ଗଠକ ଗୌରୀ ସାମନ୍ତରା, କୋଷାଧକ୍ଷ ପ୍ରଭାକର ନାୟକ ଓ ଉପଦେଷ୍ଟା ରୂପେ ନୀଳାଞ୍ଚଳ ସ୍ୱାଇଁଙ୍କୁ ଚୟନ କରାଯାଇଥିଲା । ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ୪୧ବରପୁତ୍ରଙ୍କ ପ୍ରତିମୂର୍ତ୍ତି ୫ରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ରମ୍ଭା,୧।୬(ବନବାସୀ ସେଠୀ)

ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ୱାମୀ ଶଙ୍କରାନନ୍ଦ ଗିରି ମହାରାଜଙ୍କ ଅଧ୍ୟକ୍ଷତାରେ ସୋମବାର ୪୧ ଜଣ ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୦୨, ୧୯୦୩ରେ ତତ୍କାଳୀନ ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଦେଓଙ୍କ ଆହ୍ୱାନରେ ରମ୍ଭା ରାଜବାଟିରେ ଉତ୍କଳର ବରପୁତ୍ରମାନଙ୍କ ଏକ ବୈଠକ ହୋଇଥିଲା। ଓଡିଶା ପ୍ରଦେଶ ଗଠନ, ଭାଷା, ସାହିତ୍ୟ, ସଂସ୍କୃତିକୁ ଅଭିବୃଦ୍ଧି କରିବା ପାଇଁ ଏଥିରେ ଆଲୋଚନା କରାଯାଇଥିଲା। ଏହି ପରପୁତ୍ରମାନଙ୍କ ସ୍ମୃତିରେ ନିର୍ମିତ ପ୍ରତିମୂର୍ତ୍ତିକୁ ଚଳିତ ମାସ ୫ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ବାଣିଜ୍ୟ ପରିବହନ ଖଣିଜ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରମୁଖ ଯୋଗଦେବାକୁ ସମ୍ମତି ପ୍ରକାଶ କରିଥିବା ସାମାଜିକ କର୍ମୀ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି। ବୈଠକରେ ରମ୍ଭା ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ର, ପୂଜ୍ୟପୂଜା ସଂସଦ, ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର କର୍ମକର୍ତ୍ତା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରସାଦ ରାଓ ପୃଷ୍ଟି, ପ୍ରସନ୍ନ ମିଶ୍ର, ପଞ୍ଚାନନ ଖଟୁଆ, ଶେଷଦେବ ବେହେରା, ଏନଏସ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳା, ଅମୂଲ୍ୟ ସେନାପତି, ମହେନ୍ଦ୍ର ସେନାପତି, ନଗେନ ସେନାପତି, ରାମଚନ୍ଦ୍ର ବାଡତ୍ୟା, ସୁବାସ ଚନ୍ଦ୍ର ପତି, ଜଗନ୍ନାଥ ଦାସ, ପୂର୍ଣ୍ଣଚନ୍ଦ୍ର ବେହେରା, ଭୀମସେନ ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରମ୍ଭା ଉଚ୍ଚ ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ଧନ୍ୟବାଦ ଦେଇଥିଲେ।

# ତିଳିସିଙ୍ଗି ଲଣ୍ଡା ପାହାଡ଼ ହେଲା ସବୁଜ ବନାନୀ



ଲଣ୍ଡାପାହାଡ଼ ସବୁଜ ବନାନୀ ପାଲଟିଛି।

ଭଞ୍ଜନଗର,୨।୬(ବାବୁଲା ପ୍ରଧାନ): ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡରେ ସରକାରଙ୍କ ଗୋଟିଏ ଯୋଜନା ସଫଳ ହେଉଥିବା ବେଳେ ଆଉ ଗୋଟିଏ ଫେଲ ମାରିଥିବା ଲକ୍ଷ୍ୟ କରାଯାଇଛି। ଏହି ବନଖଣ୍ଡର ଗାଲେରି ରେଞ୍ଜର ତିଳିସିଙ୍ଗିରେ ଥିବା ଲଣ୍ଡା ପାହାଡ଼କୁ ବନ କର୍ମଚାରୀ ଏକ ବର୍ଷ ମଧ୍ୟରେ ସବୁଜ ବନାନୀରେ ପରିଣତ କରି ପାରିଛନ୍ତି । ଯାହାକି ଅନ୍ୟ ରେଞ୍ଜ ପାଇଁ ଉଦାହରଣ ପାଲଟିଛି।

ତିଳିସିଙ୍ଗି ପାହାଡଟି ରାଜସ୍ୱ ବିଭାଗ ଅଧୀନରେ ଥିଲା। ରାଜସ୍ୱ ବିଭାଗ ଅଧିକାରୀମାନେ ବିଗତ ଦିନରେ ଉକ୍ତ ପାହାଡ଼ର ସୁରକ୍ଷା ପ୍ରତି ଦୃଷ୍ଟି ଦେଇ ନ ଥିଲେ। ଗତବର୍ଷ ବନ ବିଭାଗ ଅଧିକାରୀ ଉକ୍ତ ଲଣ୍ଡା ପାହାଡ଼କୁ ବନୀକରଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ୫ ହେକ୍ଟର ଲଣ୍ଡା ପାହାଡ଼ରେ ପ୍ରାୟ ୮ ହଜାର ଚାରା ଲଗାଯାଇଥିଲା। ବର୍ତ୍ତମାନ ଚାରାଗୁଡ଼ିକ ବହୁତ ବଡ ହେବା ସହ ପାହାଡ଼ଟି ସବୁଜ ବନାନୀରେ ପରିଣତ ହୋଇଛି। ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ଆଶାଲତା ଦିଗାଲ, ବନପାଳ ଶୁଭସ୍ମିତା ପାତ୍ରଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଆଜି ଲଣ୍ଡା ପାହାଡ଼ ସବୁଜ ବନାନୀ ହୋଇପାରିଛି। କିନ୍ତୁ ଉକ୍ତ ପାହାଡ଼କୁ ଲାଗି ଏବେ ବି ଆହୁରି ଅନେକ ହେକ୍ଟର ଜମି ପଡିଆ ପଡ଼ିଛି। ସେଥିରେ ମଧ୍ୟ ଗଛ ଲାଗାଇବା ପାଇଁ ଦାବି ହୋଇଛି। ଅନ୍ୟପଟେ ଏହି ବନଖଣ୍ଡର ତାରସିଂ ରେଞ୍ଜ କାର୍ଯ୍ୟାଳୟ ଠାରୁ ମାତ୍ର ୫ ଶହ ମିଟର ଦୂରରେ ଥିବା ସଂରକ୍ଷିତ ଜଙ୍ଗଲରୁ ଦିନ ବେଳେ ଜାତୀୟ ରାଜପଥ କଡ଼ରୁ କାଠ ଚୋରି ହେଉଛି। ଲୋକେ ବିଭିନ୍ନ ସମୟରେ ଜଙ୍ଗଲକୁ ଯାଇ ବଡ କାଠ ଗଣ୍ଡିକୁ ଜାଳେଣି କାଠ ଭାବେ କାଟି ଜଙ୍ଗଲରେ ପକାଇ ଦିଅନ୍ତି। କାଠ ଗୁଡ଼ିକ ଶୁଖିଲା ପରେ ତାକୁ ସୁବିଧା ଦେଖି ବିଭିନ୍ନ ମାଧ୍ୟମରେ ନେଇଥାନ୍ତି। କିଛି ମାସ ପୂର୍ବେ ରେଞ୍ଜ କାର୍ଯ୍ୟାଳୟକୁ ଲାଗିଥିବା ଏକ ସ୍ଥାନରୁ ଏକାଧିକ ଚନ୍ଦନ ଗଛ ଚୋରି ହୋଇଥିଲା। ଏହି ମାମଲାରେ ବନ ବିଭାଗ କାହାରିକୁ ମଧ୍ୟ ଗିରଫ କରିନାହିଁ। ଉକ୍ତ ରେଞ୍ଜରେ ଲୋକେ ଜଙ୍ଗଲରୁ ଅନେକ ସମୟରେ ମୂଲ୍ୟବାନ କାଠ କାଟି ନେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପାଟ୍ରୋଲିଂ କଡାକଡି କରିବାକୁ ଦାବି ହୋଇଛି।

## ଖଲିଗୁଡୁରିରେ ଓଡ଼ିଆ ଫିଲ୍ମ 'ଲଢେଇ'ର ଶୁଟିଂ



ଫିଲ୍ମ ସୁଟିଂରେ ସାମିଲ ହୋଇଥିବା କଳାକାର ଓ ଅନ୍ୟମାନେ।

ଖଜୁରିପଡ଼ା, ୨।୬ (ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ବଲସକୁମ୍ପା ପଞ୍ଚାୟତର ଖଲିଗୁଡୁରିରେ ଓଡ଼ିଆ ଫିଲ୍ମ ଶୁଟିଂ କରାଯାଇଛି। ଏହି ଗାଁରେ ଥିବା ବିଲମାଳ ଗୁଡ଼ିକରେ ଧାନ ଚାଷ କରାଯାଇଛି। ଯାହାର ଦୃଶ୍ୟ ବେଶ ମନୋରମ ତେଣୁ ସୋମବାର ଦିନ ସକାଳେ ନିର୍ଦ୍ଦେଶକ ଅଶୋକ ପତିଙ୍କ ଓଡ଼ିଆ ଫିଲ୍ମ 'ଲଢେଇ'ର କିଛି ଦୃଶ୍ୟ ଶୁଟିଂ କରାଯାଇଛି। ଏହି ଫିଲ୍ମର ପ୍ରଯୋଜକ ଦେବାଶିଷ ପଟ୍ଟନାୟକ ରହିଥିବା ବେଳେ ମୁଖ୍ୟ ଅଭିନେତା ଲୋହିତ ଅକ୍ଷୟ ପଟ୍ଟନାୟକ ରହିଛନ୍ତି। ଏଥିରେ ଅଭିଲିପ୍ସା ରାଉଳ ଅଭିନେତ୍ରୀ ଭୂମିକାରେ ଅଭିନୟ କରୁଥିବା ବେଳେ ଖଳ ଭୂମିକାରେ କେକେ, ସମ୍ପୁ, ମିଳନ କହଁର ଅଭିନୟ କରୁଛନ୍ତି। ଏହି ଫିଲ୍ମର କିଛି ଦୃଶ୍ୟ ଖଲିଗୁଡୁରିରେ ଶୁଟିଂ ହେବା ପରେ ଆଉ କିଛି ଦୃଶ୍ୟ ମିଣିଆ ଡ୍ୟାମ ଏବଂ ସୂର୍ଯ୍ୟ ମୁଖି ବଗିଚାରେ ଶୁଟିଂ କରାଯାଇଛି। ଏଥିରେ ଡିଓବି ବିଶ୍ୱଜିତ୍ କୁଲ୍ଡି ଓ କୋରିୟଗ୍ରଫର୍ ଅମିତ୍ ନାୟକ ଅଛନ୍ତି।

## ବରଳା ଦେବୀଙ୍କୁ ଲାଗିହେଲା ମହାପ୍ରସାଦ

ଖଜୁରିପଡ଼ା, ୨।୬ (ବିଦୁର ବେହେରା)

ଶ୍ରୀକ୍ଷେତ୍ର ପୁରୀରୁ ମହାପ୍ରଭୁଙ୍କ ମହାପ୍ରସାଦ ମା' ବରାଳ ଦେବୀଙ୍କ ପୀଠରେ ପହଞ୍ଚିଛି। ମହାପ୍ରଭୁଙ୍କ ଚୁନରା ସେବକ, ବାନା ବାନ୍ଧିବା ଗରୁଡ ସେବକ ଡ.ଶରତ ମହାନ୍ତି ମା'ଙ୍କ କରୁଣା ଜାଣି ପରିବାର ସହିତ ବଲସକୁମ୍ପା ବରାଳ ଦେବୀ ମନ୍ଦିରରେ ପହଞ୍ଚି ମାଙ୍କୁ ଦର୍ଶନ କରିଛନ୍ତି। ମନ୍ଦିର ସେବାୟତ ଦିଲ୍ଲୀପ ଦଳବେହେରା, ସେବକ ରଘୁନାଥ ସାହାଣୀ ଏବଂ ମନ୍ଦିର ପୂଜକଙ୍କ ସହିତ ଆଲୋଚନା ହୋଇଥିଲା। ଉକ୍ତଷାର ସହିତ ମା'ଙ୍କ ମହିମା ଏବଂ ପ୍ରତ୍ୟକ୍ଷ ଉପରେ ପଚାରି ବୁଝିଛନ୍ତି। ମା'ଙ୍କ ମହିମା ଜାଣିବା ପରେ ଚୁନାର ସେବକ ତଥା ବାନା ବାନ୍ଧିବା ଗରୁଡ ସେବକ ଡ.ଶରତ କହିଛନ୍ତି ଯେ, ମା'ଙ୍କ ମହିମା କୈବଲ୍ୟ ଲୁଲୁପିନି ମା' ସ୍ନେହ ମୟୀ ମା'ଙ୍କୁ ମହାପ୍ରସାଦ ଅତି ପସନ୍ଦ ତେଣୁ ମହାପ୍ରସାଦ ଆଣିବା ସହିତ ଶ୍ରୀମନ୍ଦିର ଚୂଡ଼ର ନୀଳଚକ୍ର ବାନା ଏବଂ ବିରିରେ ପ୍ରସ୍ତୁତ ଝିଲି, ମହାପ୍ରଭୁଙ୍କ କୋଠ ଭୋଗ, ଶ୍ରୀଅଙ୍ଗ ଲାଗି ହୋଇଥିବା ମାଳ ଆଣିଥିଲି। ସେ ସବୁ ମା'ଙ୍କୁ ସମର୍ପଣ କରି ଦର୍ଶନ କରିଛୁ। ମା'ବରାଳ ଦେବୀ ବହୁ ଅନାଦି କାଳରୁ ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ବଲସକୁମ୍ପା ଗ୍ରାମରେ ରହି ପୂଜା ପାଉଛନ୍ତି। ମାଙ୍କ ଦର୍ଶନ ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ଭକ୍ତଙ୍କ ଭିଡ ଜମିଥାଏ।

## କଲଭର୍ଟ, ରାସ୍ତା ନିର୍ମାଣ ଦାବିରେ ଧାରଣା




ରାସ୍ତା ଉପରେ ଧାରଣାରେ ବସିଛନ୍ତି ସ୍ଥାନୀୟ ବାସିନ୍ଦା ।

ଦିଗପହଣ୍ଡି,୨।୬ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ପୁଞ୍ଜିଙ୍କୟା ଛକ ଆସିକା- ଦିଗପହଣ୍ଡି ୩୨୬ ନଂ. ଜାତୀୟ ରାଜପଥ ମୁଖ୍ୟରାସ୍ତାରେ କଲଭର୍ଟ ଓ ଡ୍ରେନ ନିର୍ମାଣ ଦାବି ହୋଇଛି। ଏନେଇ ଏନ୍‌ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ନଗର କଂଗ୍ରେସ ସଭାପତି ଦୀପକ ମିଶ୍ର, ସୁନୀଲ ପଣ୍ଡା, କାଉନସିଲର ପ୍ରତିନିଧି ରଞ୍ଜିତ ବେହେରା, ଇ.ଶଙ୍କର, ଆଇନଜୀବୀ ମନୋଜ ପଣ୍ଡା, ପ୍ରକାଶ ପାଣିଗ୍ରାହୀ, ବାବୁ ପାଢ଼ୀ, ଭୀମ ପଟ୍ଟନାୟକ, ଗୌରଚନ୍ଦ୍ର ପୂଜାରୀ, ଟିଙ୍କିନା ପଟ୍ଟନାୟକ, ଶିବ ପ୍ରଧାନ, ଗଙ୍ଗା ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ ଟାରୁ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡ଼ି ମୋଟର ଅଟକି ରହିଥିଲା। ସ୍ଥାନୀୟ ତହସିଲଦାର ସନ୍ତୋଷ ସାହୁ, ଆଇଆଇସି ପ୍ରଶାନ୍ତ ପାତ୍ର ଘଟଣାସ୍ଥଳରେ ପହଞ୍ଚି ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଦୀର୍ଘଦିନ ହେଲା ରାସ୍ତା ନିର୍ମାଣ କରାଯାଉନି। କଲଭର୍ଟ ଏବଂ ରାସ୍ତାର ଉଭୟ କଡ଼ରେ ଡ୍ରେନ ନିର୍ମାଣ କରାଯାଉ ନ ଥିବାରୁ ବର୍ଷା ହେଲେ ନର୍ଦ୍ଦମା ପାଣି ଲୋକଙ୍କ ଘରେ ପଶୁଛି। ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ସେଥିପ୍ରତି କର୍ଣ୍ଣପାତ କରୁ ନ ଥିବା ପ୍ରତିବାଦରେ ଲୋକେ ରାସ୍ତା ଅବରୋଧ କରିଥିଲେ ବୋଲି ଏନ୍‌ଏସି ଅଧକ୍ଷ କହିଛନ୍ତି। ପ୍ରତିଶ୍ରୁତି ମୁତାବକ ସପ୍ତାହକ ମଧ୍ୟରେ ସମସ୍ୟାର ସ୍ଥାୟୀ ସମାଧାନ କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ରାସ୍ତା ଅବରୋଧ କରାଯିବ ବୋଲି ନଗର କଂଗ୍ରେସ ସଭାପତି କହିଛନ୍ତି।

## ଉନ୍ନୟନ କାର୍ଯ୍ୟର ତଦାରଖ କଲେ ଜିଲାପାଳ

ପାରଳାଖେମୁଣ୍ଡି,୨।୬(ଗିରିଧାରୀପରିଛା)

ଗଜପତି ଜିଲା ଗୁମ୍ମା ବ୍ଲକ ଗସ୍ତ କରି ସୋମବାର ଜିଲାପାଳ ବିଜୟ କୁମାର ଦାଶ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ତଦାରଖ କରିଛନ୍ତି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ, ଯୁବ ଉଦ୍ୟୋଗୀ ପରିଚାଳିତ ଟେଲରିଂ ୟୁନିଟ, କୁକୁଡ଼ା ଫାର୍ମ, ପିଏମ- ଜନମନ ଗୃହ ଓ ଛାତ୍ରୀଛାତ୍ରଙ୍କ ହଷ୍ଟେଲ ଆଦି ପରିଦର୍ଶନ କରି ଜିଲାପାଳ ଦେଖିଥିଲେ। ଏହି ଅବସରରେ ସେ ହିତାଧିକାରୀ ଓ ଜନସାଧାରଣଙ୍କ ସହିତ ଆଲେଚନା କରିଛନ୍ତି। ଏହି ଗସ୍ତ ସମୟରେ ପ୍ରକଳ୍ପ ପ୍ରଶାସକ, ଗୁମ୍ମା ବିଡିଓ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମା' ବ୍ରାହ୍ମଣ ଦେବୀଙ୍କ ଯାତ୍ରା ଉଦ୍‌ଯାପିତ

ବେଲଗୁଣ୍ଠା,୨।୬ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବାପ ଘରକୁ ଆସି ମା'ବ୍ରାହ୍ମଣ ଦେବୀ ଦୀର୍ଘ ଏକ ମାସର ଦେବୀଲୀଳା ସମ୍ପନ୍ନ କରି ନିଜସ୍ୱ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ସହିତ ବେଲଗୁଣ୍ଠା ବାସୀ ମା'ଙ୍କୁ ବିଦାୟ ଜଣାଇଛନ୍ତି। ପବିତ୍ର ଅକ୍ଷୟ ତୃତୀୟା ଠାରୁ ମା'ବେଲଗୁଣ୍ଠା ଆଗମନ କରିଥିଲେ। ମେ୨୯ରେ ଅସ୍ଥାୟୀ ପୀଠରେ ଶାନ୍ତି ହୋମ ହୋଇଥିଲା। ରବିବାର ମା' ବ୍ରାହ୍ମଣ ଉତ୍ତରାୟଣ ଯାତ୍ରା କରି ସିଂହବାହିନୀ ବେଶରେ ବେଲଗୁଣ୍ଠା ଆରାଧ ଦେବ ଲକ୍ଷ୍ମୀ ନୃସିଂହଙ୍କ ପୀଠରେ ବିରାଜ ମାନ କରିଥିଲେ। ପରମ୍ପରା ଅନୁଯାୟୀ ବଡ଼ଦାଣ୍ଡରେ ଗୋଟିଏ ଭରତ ଲୀଳା, ଗୋଟିଏ ରାମାୟଣ ନାଟକ ପରିବେଷଣ କରାଯାଇଥିଲା। ମା'ଙ୍କୁ ସିଂହ ବାହିନୀ ରୂପେ ହଜାର ହଜାର ଶ୍ରଦ୍ଧାଳୁ ଦର୍ଶନ କରିଥିଲେ। ରାତିରେ ମା'ବଡ଼ଦାଣ୍ଡ ପରିକ୍ରମା କରି ଅସ୍ଥାୟୀ ମନ୍ଦିରରେ ବିଜେ କରିଥିଲେ। ପରେ ଆରମ୍ଭ ହୋଇଥିଲା ମେଲାଣି ନେଇଥିଲେ। ବେଲଗୁଣ୍ଠା ଯାତ୍ରା ପରମ୍ପରା ଅନୁଯାୟୀ ମା'ଙ୍କ ମେଲାଣି ବେଳେ ନିଶାର୍ଦ୍ଧ ରାତିରେ ସହର ନିଶବ୍ଦ ହେବା ସହିତ ଗୋଟିଏ ଫଟା ଘଣ୍ଟ ବଜାଇ ବଜାଇ ନିଆଯାଇଥାଏ।

## ମାଟ୍ରିକ ପାସ କଲେ, କଲେଜରେ ପଢିପାରିବେନି ରଶ୍ମିତା

### ଆର୍ଥାଭାବ ପାଲଟିଛି ପଢାରେ ପ୍ରତିବନ୍ଧକ

ମୋହନା,୨।୬(ମନମ୍ଥ ମିଶ୍ର)



ପାଠ ପଢ଼ିବାକୁ ମନରେ ପ୍ରବଳ ଇଚ୍ଛା ଅଛି, ହେଲେ ମାଟ୍ରିକ ପାସ ପରେ କଲେଜରେ ନାମ ଲେଖାଇବାକୁ ପାଖରେ ନାହିଁ ଅର୍ଥ । ସପ୍ନ ଥିଲେ ମଧ ରଶ୍ମିତାଙ୍କ ପାଇଁ ଅର୍ଥ ସାଜିଛି ବାଧକ । ନିଜେ କୁଲି ଗଲେ ଘରର ଚୁଲି ଜଳୁଛି । ସରକାର ସହାୟତା ମିଳିଲେ କଲେଜ ରେ ପଢିବାକୁ ଆଶା ରଖିଥିବା କହିଛନ୍ତି ରଶ୍ମିତା । ଏଭଳି ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କେନ୍ଦୁପଦା ସୌରା ସାହିରେ। ମୃତ ହରି ଗମାଙ୍ଗଙ୍କ ଝିଅ ରଶ୍ମିତା ଚଳିତ ମାଟ୍ରିକ ପରୀକ୍ଷାରେ ୪୧୯ ନମ୍ବର୍ ରଖି ବି -୨ ଗ୍ରେଡ଼ରେ ପାସ କରିଛନ୍ତି । ହେଲେ କଲେଜରେ ପଢିବାକୁ ତାଙ୍କ ପାଇଁ ଅର୍ଥ ସାଜିଛି ବାଧକ। ଦୁଇ ବର୍ଷ ପୂର୍ବରୁ ବାପା ଚାଲିଯିବା ପରେ ଘରର ଆର୍ଥିକ ସ୍ଥିତ ଖରାପ ହୋଇଯାଇଥିଲା। ବଡ଼ ଭାଇ ମାଟ୍ରିକ ପାସ ପରେ କଲେଜରେ ପଢି ନ ପାରି ପାଠ ଛାଡି ଦାଦନ ଖଟିବାକୁ ଗୋଆ ଯାଇଛନ୍ତି। ଘରର ପରିସ୍ଥିତି ଖରାପ ହେତୁ ରଶ୍ମିତାଙ୍କ ଜଣେ ଭଉଣୀ ଓ ସାନଭାଇ ଏବେ ପାଠ ଛାଡ଼ି ଘରେ ରହୁଛନ୍ତି । ଏଭଳି ସ୍ଥିତିରେ କୁଲି ଖଟି ଘର ଚଳାଇବା ସହ ଗୋବିନ୍ଦପୁର

ହାଇସ୍କୁଲରେ ପଢି ୧୦ମ ଶ୍ରେଣୀ ପରୀକ୍ଷା ଦେଇଥିଲେ ରଶ୍ମିତା। ସରକାର କିମ୍ବା କେହି ବଦାନ୍ୟ ବ୍ୟକ୍ତି ସହାୟତା କଲେ ସେ କଲେଜରେ ପଢି ପାରିବେ ବୋଲି ଆଶା ରଖି ନିବେଦନ କରିଛନ୍ତି ରଶ୍ମିତା। ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ ତ୍ରିପାଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ପରିବାର ପରିସ୍ଥିତି ଯୋଗୁ ରଶ୍ମିତା ପାଠ ପଢ଼ିବା ପାଇଁ ଅକ୍ଷମ ହେଉଥିବା ଜାଣି ଦୁଃଖ ଲାଗୁଛି। ଆମେ ତାଙ୍କୁ ଯଶୋଦା ଯୋଜନାରେ ଅନ୍ତର୍ଭୁକ୍ତ କରି ପାଠ ପଢ଼ିବା ପାଇଁ ସହାୟତା ପ୍ରଦାନ କରିବୁ ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି।

## ବିକଶିତ କୃଷି ସଂକଳ୍ପ ଅଭିଯାନ



ଟିକିଟିରେ ହୋଇଥିବା କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ମଞ୍ଚାସିନ ଅତିଥି।

ଟିକିଟି/ଗୋପାଳପୁର,୨।୬ (ପ୍ରକାଶ ଚନ୍ଦ୍ର ସାହୁ /ନବୀନ ରାଜ ଆଚାରୀ)

ଟିକିଟି ବ୍ଲକ କଳବାଡ଼ ପଞ୍ଚାୟତ ଅନ୍ତର୍ଗତ ବରାହୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। ଟିକିଟି ବ୍ଲକ କୃଷି ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅଭିଯାନରେ ମୁଖ୍ୟ ଅତିଥିଭାବେ ଟିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରା, ସମ୍ମାନିତ ଅତିଥିଭାବେ ବୈଜ୍ଞାନିକ ଡ଼କ୍ଟର ବୀରକିଶୋର ସେଠୀ, କୃଷି ବିଜ୍ଞାନ କେନ୍ଦ୍ର ଗଞ୍ଜାମ ଦୁଇର ବୈଜ୍ଞାନିକ ଡ଼କ୍ଟର ସିଦ୍ଧାର୍ଥ ଶଙ୍କର ଦାସ ଓ ସସ୍ମିତା ପ୍ରିୟଦର୍ଶନୀ, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ପ୍ରିୟବ୍ରତ ଦାସ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଆଲୋକ ବେହେରା, ସହକାରୀ କୃଷି ଅଧିକାରୀ ମୀରାବାଈ ନାୟକ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଗୀତାଞ୍ଜଳି ପାତ୍ର ଯୋଗ ଦେଇ ନୂତନ ଜ୍ଞାକୌଶଳ ପ୍ରୟୋଗରେ କିପରି ଅମଳ ବୃଦ୍ଧି କରିବା, ମୃତ୍ତିକା ପରୀକ୍ଷା ଓ ସମନ୍ୱିତ ଖାଦ୍ୟସାର ପରିଚାଳନା, ମାଛ, ପ୍ରାଣୀପାଳନରେ ଉତ୍ପାଦିକା ବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକର ବିଭିନ୍ନ ଗ୍ରାମରୁ ବହୁ ଚାଷୀ ଉପସ୍ଥିତ ଥିଲେ।

ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ୍ ଲୁହାଝର ପଞ୍ଚାୟତ ଶୀତଳାପଲ୍ଲୀ ଗ୍ରାମରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ପ୍ରଦୀପ ପଟ୍ଟନାୟକ, ବୈଜ୍ଞାନିକ ଡ.ସୁମନ୍ତ ମିଶ୍ର, ଆଇସିଏଆର-ସିଆଇଏଫଆଇ ବୈଜ୍ଞାନିକ ଡ଼.ବୀର କିଶୋର ସେଠି, ବୈଜ୍ଞାନିକ ଡ଼.ଶୈଳେସ ସୋରଭ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ଼.ସୁଜିତ ନାଥ, କେବିକେ ବୈଜ୍ଞାନିକ ଡ଼.ସସ୍ମିତା ପ୍ରିୟଦର୍ଶିନୀ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ କୃଷି ଅଧିକାରୀ ଶୁଭଶ୍ରୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଆଧୁନିକ ପ୍ରଯୁକ୍ତି ଜ୍ଞାନ ଓ ନୂତନ ଜ୍ଞାନ କୌଶଳରେ ପ୍ରୟୋଗ କରି କିଭଳି ଅଧିକ ଉତ୍ପାଦନ କରାଯାଇପାରିବ ସେନେଇ ଚାଷୀଙ୍କୁ ବୁଝାଯାଇଥିଲା। ବ୍ଲକ ଉଦ୍ୟାନ ଅଧିକାରୀ, ସରପଞ୍ଚ ପି.କମଳା ରେଡ୍ଡୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅବକାରୀ ବିଭାଗର ସଚେତନତା ରଥ ଶୁଭାରମ୍ଭ



ଛତ୍ରପୁର,୨।୬(ଦିଲୀପ ସାମଲ): ଅବକାରୀ ବିଭାଗ ପକ୍ଷରୁ ସଚେତନତା ରଥକୁ ଛତ୍ରପୁର ସ୍ଥିତ ଡୁଡା କାର୍ଯ୍ୟାଳୟ ପରିସରରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଶୁଭାରମ୍ଭ କରିଛନ୍ତି। ଅନ୍ୟ ଏକ ରଥକୁ ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ କାର୍ଯ୍ୟାଳୟ ପରିସରରେ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ୨ଟି ରଥ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜିଲାର ପ୍ରତ୍ୟେକ ଅଞ୍ଚଳ ବୁଲି ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ମାଦକ ଦ୍ରବ୍ୟ ବିରୋଧରେ ଲୋକଙ୍କୁ ସଚେତନ କରାଇବ। ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଗଞ୍ଜାମ ଅବକାରୀ ଅଧୀକ୍ଷକ ଅମେରେନ୍ଦ୍ର ଜେନା, ବ୍ରହ୍ମପୁର ଅବକାରୀ ଅଧୀକ୍ଷକ ପ୍ରବୀଣ କୁମାର ପ୍ରଧାନ, ଡେପୁଟି ଅବକାରୀ ଅଧୀକ୍ଷକ ଅଳକା ସୁନା, ସ୍ୱାଧୀନ ସାହୁଙ୍କ ସମେତ ବହୁ ଅବକାରୀ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

**■ଜନ ପ୍ରତିନିଧିଙ୍କୁ ଅଣଦେଖା ଅଭିଯୋଗ**



ଛତ୍ରପୁର,୨।୬(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲା ପାତ୍ରପୁର, ଗଞ୍ଜାମ, ଛତ୍ରପୁର ଓ ସୋରଡା ଆଦି ବିଭିନ୍ନ ବ୍ଲକରେ ଜନ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଛି। ଏପରିକି ମହିଳା ଜନ ପ୍ରତିନିଧିମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବା ବିଜେଡି ଅଭିଯୋଗ କରିଛି। ସୋମବାର ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ପାତ୍ରପୁର ପଞ୍ଚାୟତ ସମିତି ବୈଠକରେ ଗଣ୍ଡଗୋଳ, ବାହାର ଲୋକଙ୍କ ଦ୍ୱାରା ମହିଳା ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଓ ଜନ ପ୍ରତିନିଧିମାନଙ୍କୁ ଅଣଦେଖା କରାଯାଉଥିବା ସମ୍ପର୍କରେ ଟିକିଟି ଯୁବନେତା ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହିଳା ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି । ସୋରଡା ବ୍ଲକ ଅଧ୍ୟକ୍ଷାଙ୍କ ଦସ୍ତଖତ ଜାଲିଆତି କରି ଦୁଇଟି ବିଲ କରାଯାଇଥିବା ଅଭିଯୋଗ ହୋଇଛି । ସେହିପରି ଛତ୍ରପୁର ଓ ଗଞ୍ଜାମ ବ୍ଲକରେ ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯିବା ସହ ରାଜନୈତିକ ହସ୍ତକ୍ଷେପ କରି ସେମାନଙ୍କ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଗଞ୍ଜାମ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଜିଲାପାଳଙ୍କୁ ଜଣାଇଥିଲେ । ବିଭିନ୍ନ ବ୍ଲକରେ ବିଡିଓ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଭାଜପାର ବ୍ଲକ ସଭାପତି ଭଳି କାର୍ଯ୍ୟ କରୁଥିବା ମଧ୍ୟ ଏହି ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି। ନବୀନ ସରକାର ଅମଳରେ ଯାହା କାର୍ଯ୍ୟ ହୋଇଥିଲା ତାର ବକେୟା ବିଲକୁ ରାଜନୈତିକ ଚାପ ପକାଇ ଏ ପର୍ଯ୍ୟନ୍ତ ପ୍ରଦାନ କରାଯାଉନାହିଁ । ଏହାକୁ କେବେ ବି ବରଦାସ୍ତ କରାଯିବ ନାହିଁ ଲୋକଙ୍କ ସମସ୍ୟାର ସମାଧାନ ଓ ହିତ ନିମନ୍ତେ ଆବଶ୍ୟକ ହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଭୃଗୁ କହିଛନ୍ତି। ଜିଲ୍ଲାପାଳଙ୍କ ସହ ଆଲୋଚନା ବେଳେ ଛତ୍ରପୁରର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ କୁମାର କର, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ସମିତିସଭ୍ୟ ଏସ. ଚକ୍ରପାଣି ରେଡ୍ଡୀଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ ।

# ବାପାଙ୍କ ସହ ମିଶି ସ୍ୱାମୀଙ୍କୁ ଛୁରି ଭୁସି ହତ୍ୟା କଲେ ସ୍ତ୍ରୀ

**ବଢ଼ିବାରେ ଲାଗିଛି ପାରିବାରିକ ହିଂସା। କୌଣସି ଘଟଣାକୁ ସହ୍ୟ କରିବାର ମାନସିକତା ଲୋକଙ୍କ ମଧ୍ୟରେ ଆଉ ଦେଖିବାକୁ ମିଳୁନାହିଁ। ଯାହାଫଳରେ ନିଜର ସମ୍ପର୍କୀୟଙ୍କୁ ମଧ୍ୟ ହତ୍ୟା କରିବାକୁ ପଛାଉ ନାହାନ୍ତି। ଗତ ୩ ଦିନ ତଳେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜର ଫରେଷ୍ଟର ଶିଶିର କୁମାର ସାହୁଙ୍କୁ ସ୍ତ୍ରୀ ଏବଂ ପୁଅ ପେଟ୍ରୋଲ୍ ଢାଳି ଜିଅନ୍ତା ଜାଳି ଦେଇଥିଲେ। ସୋମବାର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ରବିବାର ରାତିରେ ଜଣେ ଯୁବକଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ସ୍ତ୍ରୀ ଓ ଶ୍ୱଶୁର(ବାପଝିଅ) ମିଶି ତାଙ୍କୁ ଏପରି ହତ୍ୟା କରିଥିବା ଜଣାପଡ଼ିଛି। ମୃତକ ହେଲେ କାଳିଆ ସେଠୀ। ପୋଲିସ ମୃତଦେହ ଜବତ କରିଛି। ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ୱାମୀଙ୍କୁ ହତ୍ୟା କରିବାକୁ ସ୍ତ୍ରୀ ପଛାଇଲେ ନାହିଁ ବୋଲି ଅଭିଯୋଗ ହୋଇଛି।**

## ପରକୀୟା ପ୍ରୀତିକୁ ବିରୋଧ କରିବାରୁ ହତ୍ୟାକାଣ୍ଡ


ପୋଲିସ ତଦନ୍ତ କରୁଥିବା ବେଳେ ଅଭିମନ୍ୟୁ ଏତଲାପତ୍ର ଦେଉଛନ୍ତି।

କବିସୂର୍ଯ୍ୟନଗର, ୨।୬(କୃପାସିନ୍ଧୁ ସ୍ୱାଇଁ)

ଗୋବିନ୍ଦପୁର ଗ୍ରାମର କାଳିଆ ସେଠୀ ଗତ ୧୩ ବର୍ଷ ତଳେ ପୋଲସରା ଥାନା ଡିମ୍ବିରିଆ ଗ୍ରାମର ମୋଚିରାମ ସେଠୀଙ୍କ ଝିଅ ପୂଜା ସେଠୀଙ୍କୁ ଭଲ ପାଇ ବିବାହ କରିଥିଲେ । କିଛି ଦିନ ଭଲରେ ଚଳିବା ପରେ ଉଭୟଙ୍କ ମଧ୍ୟରେ ଅଶାନ୍ତି ଆରମ୍ଭ ହୋଇଥିଲା। ସ୍ୱାମୀ କାମ କରିବାକୁ ଯିବା ପରେ ପୂଜା ଅନ୍ୟ କାହା ସହ ଫୋନରେ ଦୀର୍ଘ ସମୟ ଧରି କଥା ହେଉଥିବା ଜାଣି କାଳିଆ ବାରଣ କରିଥିଲେ। ଏହାକୁ ନେଇ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ବିଭିନ୍ନ ସମୟରେ ଝଗଡ଼ା ହୋଇଥିଲା। ଏପରି କି ଦୁଇଥର ବାଲିଛାଇ ଫାଣ୍ଡିରେ ଘଟଣା ପହଞ୍ଚି ସମାଧାନ ମଧ୍ୟ ହୋଇଥିଲା। ତଥାପି କଥା ସେତିକିରେ ସରି ନ ଥିଲା। ସ୍ୱାମୀଙ୍କୁ ଜୀବନରୁ ମାରିଦେବାକୁ ଚିନ୍ତା କରିଥିଲେ ସ୍ତ୍ରୀ ଏବଂ ଶ୍ୱଶୁର। ଶେଷରେ କାଳିଆଙ୍କ ସ୍ତ୍ରୀ ପୂଜା ଓ ଶ୍ୱଶୁର ମୋଚିରାମ ପୁଅକୁ ହତ୍ୟା କରିଥିବା ବାପା ଅଭିମନ୍ୟୁ ସେଠୀ କହିଛନ୍ତି।

ଅଭିମନ୍ୟୁଙ୍କ ଅଭିଯୋଗ ଅନୁସାରେ, ଗତ ଫେବୃଆରୀ ମାସରେ ପୂଜା ବାପଘରକୁ ଯାଇ ଆଉ ଶାଶୁଘରକୁ ଫେରି ନ ଥିଲେ। ସେ ବାରମ୍ବାର ଫୋନରେ କାଳିଆଙ୍କୁ ଧମକଚମକ ଦେଉଥିଲେ। ଗତ ରବିବାର ରାତିରେ କାଳିଆ ଘରେ ଶୋଇଥିଲେ। ଘରର କବାଟ ଆଉଜା ହୋଇଥିଲା। ଏହାର ସୁଯୋଗ ନେଇ ବିଳମ୍ବିତ ରାତିରେ ପୂଜା ଓ ତାଙ୍କ ବାପା ଆସି ଛୁରିରେ କାଳିଆଙ୍କ ଛାତି ଏବଂ ହାତକୁ ଭୁସି ଫେରାର ହୋଇଯାଇଥିଲେ। ଖବର ପାଇ କବିସୂର୍ଯ୍ୟନଗର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଅଭିମନ୍ୟୁଙ୍କ ଅଭିଯୋଗ ଆଧାରରେ ପୋଲିସ ବିଏନ୍ଏସ୍ ଦଫା ୧୦୩(ହତ୍ୟା) ର ଏକ ମାମଲା(ନଂ. ୩୯୫/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୁରୁଷୋତ୍ତମପୁର ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବାପା ନିଜ ଝିଅର ସିନ୍ଦୂର ପୋଛିଦେବା ପରି ସ୍ପର୍ଶକାତର ଘଟଣା ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ମୃତ କାଳିଆଙ୍କ ୧୦ ବର୍ଷର ଏକ ପୁଅ ରହିଛି।

# ୫୦ ଲକ୍ଷ ଟଙ୍କାର ୨ ହାତୀଦାନ୍ତ ଜବତ, ଜଣେ ଗିରଫ

ବୌଦ୍ଧ,(ଅଜିତ କୁମାର ବାରିକ)/
ଭୁବନେଶ୍ୱର,୨।୬ (ସତ୍ୟଜିତ୍ ରାଉତ)


ଅଭିଯୁକ୍ତ ପ୍ରମୋଦ ପରିଡ଼ା ଧରିଥିବା ହାତୀ ଦାନ୍ତ।

## ବୌଦ୍ଧରେ ଏସ୍‌ଟିଏଫ୍ ଚଢ଼ାଉ

କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ବୌଦ୍ଧରେ ଚଢ଼ାଉ କରି ଜଣେ ଅଭିଯୁକ୍ତଙ୍କଠାରୁ ୫୦ଲକ୍ଷ ଟଙ୍କାର ଦୁଇଟି ହାତୀଦାନ୍ତ ଜବତ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୌଦ୍ଧ ଜିଲା ଚରଦା ଗ୍ରାମର ପ୍ରମୋଦ ପରିଡ଼ା (୪୫)। ଜବତ ହାତୀଦାନ୍ତ ମଧ୍ୟରେ ଗୋଟିଏ ୪୨ ଇଞ୍ଚ ଓ ଅନ୍ୟଟି ୪୮ ଇଞ୍ଚ ବୋଲି ଜଣାପଡ଼ିଛି। ବୌଦ୍ଧ-ସୋନପୁର ରୋଡ଼(ଜାତୀୟ ରାଜପଥ-୫୭)ର ତେଲିବନ୍ଧ ଛକ ନିକଟରେ ରବିବାର ସନ୍ଧ୍ୟାରେ ଏସ୍‌ଟିଏଫ୍ ଟିମ୍ ବୌଦ୍ଧ ଫରେଷ୍ଟ ରେଞ୍ଜ ଅଧିକାରୀଙ୍କ ସହ ମିଳିତ ଚଢ଼ାଉରେ ଏହି ସଫଳତା ପାଇଛି। ଅଭିଯୁକ୍ତ ପ୍ରମୋଦଙ୍କୁ ବୌଦ୍ଧ ବନ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ବନ ବିଭାଗ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ପ୍ରମୋଦଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରମୋଦ କିଛିଦିନ ହେଲା ହାତୀଦାନ୍ତ ଦୁଇଟିକୁ ବିକ୍ରି କରିବାକୁ ଗ୍ରାହକ ଖୋଜୁଥିଲେ। ଏନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ପ୍ରମୋଦ ହାତୀଦାନ୍ତକୁ ନେଇ ଜାତୀୟ ରାଜପଥ ପାର୍ଶ୍ୱରେ ଯାଉଥିବାବେଳେ ମିଳିତ ଟିମ୍ ଚଢ଼ାଉ କରିଥିଲା। ତେବେ ହାତୀଦାନ୍ତ ଦୁଇଟି କେତେବର୍ଷ ହାତୀର ଓ କେଉଁ ହାତୀର ଦାନ୍ତ ତାହା ଜଣାପଡ଼ିନାହିଁ। ଏପରିକି ବହୁ ପୁରୁଣା ଦାନ୍ତ ବୋଲି ସନ୍ଦେହ କରାଯାଉଛି। ଏନେଇ ଏସ୍‌ଟିଏଫ୍ ଡିଆଇଜି ପିନାକ ମିଶ୍ର କହିଛନ୍ତି, ଜବତ ହାତୀଦାନ୍ତକୁ ଫରେନ୍‌ସିକ୍ ଲ୍ୟାବକୁ ପଠାଯାଇ ତଥ୍ୟ ହାସଲ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଲିଙ୍କ୍‌ରେ ଅନ୍ୟ କାହାର ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ ହେବାପରେ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ଡକାୟତି ଯୋଜନା ବେଳେ ଚଢ଼ାଉ

# ୬ ଆନ୍ତଃରାଜ୍ୟ ଡକାୟତ ଗିରଫ

ବନ୍ଧମୁଣ୍ଡା/ରାଉରକେଲା,୨।୬
(ସୁବ୍ରତ ଡେ/ସଙ୍ଗୀତା ଜେନା)

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବନ୍ଧମୁଣ୍ଡା ମଶାଣି ନିକଟସ୍ଥ ପ୍ରେମନଗର ଖେଳ ପଡ଼ିଆରେ ରବିବାର ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବାବେଳେ ପୋଲିସ ଏକ ଡକାୟତ ଗ୍ୟାଙ୍ଗର ୬ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଟୁ ତନ୍ତି (୨୬), ଅଂଶୁ କୁମାର (୨୧), ୱାଇ. କ୍ରିଷ୍ଣା(୨୬), ଅଜୟ ପଟ୍ଟନାୟକ(୩୦), ବିବେକ ମୋଦକ(୩୬) ଏବଂ ଅତନୁ ମୁଖୀ(୪୩)। ଏ ନେଇ ବନ୍ଧମୁଣ୍ଡା ଥାନାରେ ଏକ ମାମଲା (ନଂ.୧୨୫/୨୫) ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କଠାରୁ ୪ଟି ଦେଶୀ ପିସ୍ତଲ, ଗୋଟିଏ ଦେଶୀ ରିଭଲବର, ୪ଟି ଖାଲି ମାଗାଜିନ୍, ୧୫ ଜୀବନ୍ତ ଗୁଳି, ଦୁଇଟି ଖଣ୍ଡା, ଗୋଟିଏ ରଡ୍, ଗୋଟିଏ ଟର୍ଚ୍ଚ, ୫ଟି ମୋବାଇଲ୍ ଫୋନ୍ ଏବଂ ୬ଟି ଖାଲି ବିୟର ବୋତଲ ଜବତ କରାଯାଇଛି। ଏ ନେଇ ସୋମବାର ମଧ୍ୟାହ୍ନ ସାଢେ ୧୨ଟାରେ ବନ୍ଧମୁଣ୍ଡା ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ସୂଚନା ପ୍ରଦାନ କରିଛନ୍ତି।

ଅତିରିକ୍ତ ଏସ୍‌ପି ମିଶ୍ର ସୂଚନା ଦେଇ କହିଲେ, ରବିବାର ବିଳମ୍ବିତ ରାତିରେ ବନ୍ଧମୁଣ୍ଡା ମଶାଣି ନିକଟସ୍ଥ ପ୍ରେମନଗର ଖେଳପଡ଼ିଆରେ ଅଭିଯୁକ୍ତମାନେ ସଶସ୍ତ୍ର ଡକାୟତିପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ବନ୍ଧମୁଣ୍ଡା ଥାନାଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିଥିଲା। ଡକାୟତ ଗ୍ୟାଙ୍ଗ୍‌ର ମୁଖ୍ୟ ବିଟୁ ଚୋରି, ଡକାୟତି, ହତ୍ୟା, ଆକ୍ରମଣ ଏବଂ ମହିଳା ବିରୋଧୀ ଅପରାଧ ସମେତ ମୋଟ ୩୪ରୁ ଅଧିକ ମାମଲାରେ ଜଡ଼ିତ ଅଛନ୍ତି। ସେହିପରି ପୂର୍ବରୁ ଅଂଶୁଙ୍କ ନାଁରେ ବ୍ରାହ୍ମଣୀତରଙ୍ଗ ଥାନାରେ ଗୋଟିଏ, ଅଜୟଙ୍କ ନାଁରେ ବନ୍ଧମୁଣ୍ଡା ଥାନାରେ ୨ଟି, ଅତନୁଙ୍କ ନାଁରେ ବିଶ୍ରା ଥାନାରେ ଗୋଟିଏ ଆପରାଧିକ ମାମଲା ରହିଛି। ଏହି ଡକାୟତ ଗ୍ୟାଙ୍ଗ୍‌ର ସଦସ୍ୟମାନେ ଝାଡ଼ଖଣ୍ଡ ଏବଂ ବିହାରରୁ ବେଆଇନ ଅସ୍ତ୍ରଶସ୍ତ୍ର କିଣି ବନ୍ଧମୁଣ୍ଡା ଏବଂ ରାଉରକେଲା ଅଞ୍ଚଳକୁ ଚୋରାଚାଲାଣ କରୁଥିଲେ। ଦୀର୍ଘଦିନ ଧରି ଅଞ୍ଚଳରେ ସକ୍ରିୟ ରହି ସାଧାରଣ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଥିଲେ। ଏହି ଚଢ଼ାଉରେ ଏସ୍‌ଆଇ ମନୋଜ ବାରା, ସିଦ୍ଧାର୍ଥ ପ୍ରଧାନ, ଅର୍ଜୁନ ସେଠୀ, ଏଏସଆଇ ରତ୍ନାକର ମୁଣ୍ଡା ପ୍ରମୁଖ ସାମିଲ ଥିଲେ। ଖବରଦାତା ସମ୍ମିଳନୀରେ ଡିଏସ୍‌ପି ଅମରେନ୍ଦ୍ର ଷଣ୍ଢ ଉପସ୍ଥିତ ଥିଲେ।

# ହତ୍ୟାର ଡେମୋ ଦେଖାଇଲେ ଅଭିଯୁକ୍ତ ବୁଲୁ

ଭୁବନେଶ୍ୱର,୨।୬(ସତ୍ୟଜିତ୍ ରାଉତ)

## ବିଲ୍ଡର ସସ୍ମିତ ବିଶ୍ୱାଳ ହତ୍ୟା ଘଟଣା

ଜମି ବିବାଦକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୧୧ରେ ଏୟାରଫିଲ୍ଡ ଥାନା ଅଞ୍ଚଳ ପ୍ରଧାନସାହି ନିକଟ କାଜୁ ଜଙ୍ଗଲରେ ବିଲ୍ଡର ସସ୍ମିତ ବିଶ୍ୱାଳ ଓରଫ ଟିନୁ(୪୭)ଙ୍କୁ ହତ୍ୟା ଘଟଣାରେ ପୋଲିସ ଅଧିକ ଖୋଳତାଡ଼ କରୁଛି। ଏହି ଘଟଣାର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନସାହିର ଦେବଦତ୍ତ ପରିଡ଼ା ଓରଫ ବୁଲୁଙ୍କୁ ପୋଲିସ ହତ୍ୟାକାଣ୍ଡସ୍ଥଳକୁ ନେଇ ସୋମବାର କ୍ରାଇମ୍ ସିନ୍ ରିକ୍ରିଏଟ୍ କରିଛି। ବୁଲୁ ହତ୍ୟାକାଣ୍ଡ ପରେ ଫେରାର ହୋଇଯାଇଥିଲେ। ସେ ଗତ ୨୭ ତାରିଖରେ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପୋଲିସ ତାଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାରେ ଲାଗିଛି। ବୁଲୁଙ୍କୁ ପୋଲିସ ଟିମ୍ କାଜୁଜଙ୍ଗଲକୁ ନେଇଥିଲା। ବୁଲୁ ହାତଠାରି ହତ୍ୟାର ଡେମୋ ଦେଖାଇଥିଲେ। ଏଥିସହ ହତ୍ୟାରେ ବ୍ୟବହୃତ ବାଡ଼ିକୁ ସେ ଯେଉଁଠି ଫିଙ୍ଗିଥିଲେ, ଉକ୍ତ ସ୍ଥାନ ଚିହ୍ନାଇଥିଲେ। ପୋଲିସ ସେଠାରୁ ଉକ୍ତ ବାଡ଼ିକୁ ଜବତ କରିଛି।

ଏୟାରଫିଲ୍ଡ ଥାନାଧିକାରୀ ଶଶିକାନ୍ତ ରାଉତ କହିଛନ୍ତି, କେମିକାଲ୍ ଟେଷ୍ଟ ପାଇଁ ଜବତ ବାଡ଼ିକୁ ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଲାବରେଟୋରି (ଏସ୍‌ଏଫ୍‌ଏସ୍‌ଏଲ୍)କୁ ପଠାଯିବ। ଏହି ମାମଲାରେ ଗତ ମାର୍ଚ୍ଚ ୧୨ରେ ହୋମଗାର୍ଡ ସୁକାନ୍ତ ବେହେରାଙ୍କ ସମେତ ୪ଜଣ ଗିରଫ ହୋଇ ଜେଲରେ ଥିବାବେଳେ ଗିରଫଦାରି ସଂଖ୍ୟା ୫ରେ ପହଞ୍ଚିଛି। ତେବେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ପ୍ରଧାନସାହିର ଟୁଲୁ ମହାନ୍ତିଙ୍କ ସମେତ ୮ରୁ ୯ ଜଣ ଅଦ୍ୟାବଧି ଫେରାର ଅଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଜମି ବ୍ୟବସାୟରେ ସସ୍ମିତଙ୍କ ପାର୍ଟନର ଥିଲେ ଟୁଲୁ। କିଛିମାସ ତଳେ ପ୍ରଧାନସାହି ମୌଜାରେ ସସ୍ମିତ ଏକ ବଡ଼ ଜମି କିଣିଥିଲେ। ଉକ୍ତ ଜମିକୁ ଲାଗି ହୋମଗାର୍ଡ ସୁକାନ୍ତଙ୍କ ଏକ ପ୍ଲଟ୍ ଥିବା ବେଳେ ସେଥିରୁ ସସ୍ମିତଙ୍କୁ ରାସ୍ତା ଦେବେ ବୋଲି ଏଗ୍ରିମେଣ୍ଟ ହୋଇଥିଲା। ଏଥିପାଇଁ ସୁକାନ୍ତ ଲକ୍ଷାଧିକ ଟଙ୍କା ଦାବି କରି ନେଇଥିଲେ। ହେଲେ ଟୁଲୁଙ୍କ କଥାରେ ପଡ଼ି ସୁକାନ୍ତ ଆଉ ଧରା ଛୁଆଁ ଦେଇ ନ ଥିଲେ। ସସ୍ମିତ ସେଠାରେ ରାସ୍ତା ସହ ପାଚେରି କରିବା ବେଳେ ସୁକାନ୍ତ ଓ ଟୁଲୁ ବିରୋଧ କରିଥିଲେ। ଘଟଣା ଦିନ ସକାଳେ ସସ୍ମିତ ସ୍କୁଟି ଯୋଗେ ସେଠାକୁ ଯାଉଥିବାବେଳେ ସୁକାନ୍ତ, ଟୁଲୁ, ବୁଲୁ ଓ ଅନ୍ୟମାନେ ତାଙ୍କୁ ପିଟି ହତ୍ୟା କରିଥିଲେ।

## BUSINESS

# ଦୁଇଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି

**୨୦୨୫-୨୬ ଆର୍ଥିକବର୍ଷରେ ଧରୁ ୭% ବୃଦ୍ଧି ଆକଳନ**

ନୂଆଦିଲ୍ଲୀ,୨।୬:



କ୍ରମାଗତ ଭାବେ ଘରୋଇ ବଜାରରେ ଦୁଇଚକିଆ ଯାନ ବିକ୍ରିରେ ବୃଦ୍ଧି ପରିଲକ୍ଷିତ କରାଯାଉଛି। ଏପରି କି ୨୦୨୪ ପାର୍ବଣଠାରୁ ଦୁଇ ଚକିଆ ଯାନ ବିକ୍ରିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। ବିଶେଷ କରି ଦେଶର ଗ୍ରାମାଞ୍ଚଳରେ ଦୁଇଚକିଆ ଯାନର ବିକ୍ରି ପରିମାଣ ଅଟୋ ଶିଳ୍ପର ମାସିକ ଯାନ ବିକ୍ରି ଫଳାଫଳରୁ ସ୍ପଷ୍ଟ ଜଣାପଡ଼ିଛି। ଅପରପକ୍ଷରେ ଦୁଇ ଚକିଆ ଯାନ ବ୍ରାଣ୍ଡ ବଜାଜ, ଟିଭିଏସ, ହିରୋ, ହୋଣ୍ଡା, ସୁଜୁକି, ରୟାଲ ଏନ୍‌ଫିଲ୍ଡ, ୟାମାହା ଏବଂ ଅନ୍ୟ ପ୍ରମୁଖ ଦୁଇ ଚକିଆ ଗାଡ଼ିର ଚାହିଦା ଓ ବଜାର ଆବଶ୍ୟକତା ବୃଦ୍ଧି ପାଉଛି। ସେହିଭଳି ଦୁଇ ଚକିଆର ବର ଓ ଅଫର ସାଙ୍ଗକୁ ଆବଶ୍ୟକ ସୁବିଧା ଓ ସରଞ୍ଜାମ ସହଜରେ ଉପଲବ୍ଧ ହେଉଥିବାରୁ ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ଗ୍ରାହକ ଦୁଇ ଚକିଆ ଯାନର ବ୍ୟବହାର ଓ କ୍ରୟକୁ ସର୍ବାଧିକ ପସନ୍ଦ କରୁଛନ୍ତି ଏପରି କି ଗାଡ଼ି ବିକ୍ରି ପରବର୍ତ୍ତୀ ସେବା ଓ ସହରରେ ଗାଡ଼ିର ଆବଶ୍ୟକ ସେବା ଓ ସୁବିଧା ଉପଲବ୍ଧ ହେଉଥିବାରୁ ଗ୍ରାହକ ଦୁଇ ଚକିଆ ଯାନକୁ ବେଶି ପସନ୍ଦ କରୁଥିବାବେଳେ ଉପଭୋକ୍ତା (ଗ୍ରାହକ)ଙ୍କର ଆବଶ୍ୟକତା ମଧ୍ୟ ପୂରଣ ହୋଇପାରୁଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷରେ ଦୁଇ ଚକିଆ ଯାନର ଚାହିଦା ବୃଦ୍ଧି ସାଙ୍ଗକୁ ଏହି ଅବଧି ମଧ୍ୟରେ ୪ରୁ ୭% ଗାଡ଼ି ବିକ୍ରି ବୃଦ୍ଧିର ଆକଳନ ଶିଳ୍ପ ପକ୍ଷରୁ କରାଯାଉଛି। ଏପରି କି ଆଉ କିଛି ମାସ ପରେ ପାର୍ବଣ ଋତୁ ସାଙ୍ଗକୁ ଅନ୍ୟାନ୍ୟ ମହୋତ୍ସବ ଆସିବ। ଅପରପକ୍ଷରେ ୨୦୨୫-୨୬ରେ ଉପରୋକ୍ତ ବ୍ରାଣ୍ଡର ନୂଆ ମଡେଲ ବଜାର ପ୍ରବେଶ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଶିଳ୍ପ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨।୬

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ କୋଟି ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୭ (୭୭.୨୬) ପଏଣ୍ଟ ହ୍ରାସ ଘଟି ୮୧,୩୭୪ (୮୧,୩୭୩.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୪ (୩୪.୧୦) ପଏଣ୍ଟ କମି ୨୪,୭୧୭ (୨୪,୭୧୬.୬୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ଼କ୍ୟାପ୍ ଓ ସ୍ମଲକ୍ୟାପ୍ ଇଣ୍ଡେକ୍ସଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ଼କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## ଶୈଳେଶ ଏଫ୍‌ଏଆଇର ନୂଆ ଅଧ୍ୟକ୍ଷ

ଭୁବନେଶ୍ୱର,୨।୬


ଶୈଳେଶ ସି. ମେହେଟା

ଫର୍ଟିଲାଇଜର ଆସୋସିଏସନ ଅଫ୍ ଇଣ୍ଡିଆ(ଏଫ୍‌ଏଆଇ)ର ନୂଆ ଅଧ୍ୟକ୍ଷ ଭାବେ ଉଦ୍ୟୋଗପତି ଶୈଳେଶ ସି. ମେହେଟା ନିର୍ବାଚିତ ହୋଇଛନ୍ତି। ଏପରିକି ଏହି ଶିଳ୍ପରେ ତାରି ଦଶନ୍ଧିରୁ ଅଧିକ କାଳ ଅଭିଜ୍ଞତା ଥିବା ମେହେଟା ମଧ୍ୟ ଫର୍ଟିଲାଇଜର ଆସୋସିଏସନ ଅଫ୍ ଇଣ୍ଡିଆ(ପଶ୍ଚିମାଞ୍ଚଳ)ର ଚେୟାରମ୍ୟାନ ଭାବେ ୫ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ସେହିଭଳି ଦୀପକ ଫର୍ଟିଲାଇଜର୍ସ ଆଣ୍ଡ ପେଟ୍ରୋକେମିକାଲ୍ସ କର୍ପୋରେସନ ଲିମିଟେଡ ଏବଂ ମହାଧନ ଏଗ୍ରିଟେକ ଲିମିଟେଡର ଚେୟାରମ୍ୟାନ ତଥା ମ୍ୟାନେଜିଂ ଡାଇରେକ୍ଟର ଶୈଳେଶ ସି. ମେହେଟାଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ଏହି ପରିପ୍ରେକ୍ଷୀରେ ମେହେଟା କହିଥିଲେ, ଭାରତର ଖାଦ୍ୟ ନିଅଣ୍ଟିଆ ସ୍ଥିତିରୁ ବୈଶ୍ୱିକ କୃଷି ରପ୍ତାନିକାରୀ ଭାବେ ଯାତ୍ରା ଉଲ୍ଲେଖନୀୟ। ଏଥିସହ ଏହି ଯାତ୍ରାରେ ସାର ଶିଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ନିରନ୍ତର ଜାରି ରଖିଛି ଏବଂ ସମ୍ପ୍ରତି ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ଅଧିକ ସନ୍ତୁଳିତ ଏବଂ ପୋଷକ-ଭରପୂର ସାର ଉପରେ ଦୃଷ୍ଟିନିବଦ୍ଧ କରୁଛି। ସରକାର, ଶିଳ୍ପ ଏବଂ ଆମ କୃଷକଙ୍କ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟକରିବାକୁ ନେଇ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। ବିଶେଷକରି ବିଶ୍ୱ ମାନଚିତ୍ରରେ ଭାରତୀୟ କୃଷକ ଏବଂ କୃଷି ଉତ୍ପାଦକତାକୁ ଉଚ୍ଚତର ସୋପାନକୁ ନେଇଯିବାରେ ଏକ ରୂପାନ୍ତରକାରୀ ଭୂମିକା ନିର୍ବାହ କରୁଛି। ଗତ ଦୁଇ ଦଶନ୍ଧିରେ ଭାରତର କୃଷି ଉତ୍ପାଦନ ଅଭିବୃଦ୍ଧିରେ ୬୦% ଏବଂ ଉଦ୍ୟାନକୃଷି ଉତ୍ପାଦନରେ ୪୦% ଅଭିବୃଦ୍ଧି ହାସଲ କରିବାରେ ସାର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ପୁରୀ ରଥଯାତ୍ରା ସେବାରେ ଭାରତୀୟ ବ୍ରାଣ୍ଡର ସମର୍ଥନ

ଭୁବନେଶ୍ୱର,୨।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପୁରୀ ରଥଯାତ୍ରାରେ ଟାଇପାନି ସାମିଲ ହେଉଛି। ଏପରିକି ଜିଲା ପ୍ରଶାସନ ନିର୍ଦ୍ଦେଶରେ ଟାଇପାନିକୁ ବ୍ରାଣ୍ଡ-ନେତୃତ୍ୱ ଏବଂ ସାମାଜିକ ପଦକ୍ଷେପଗୁଡ଼ିକର ସମନ୍ୱୟ ପାଇଁ ନିଯୁକ୍ତ କରାଯାଇଛି। ଅପରପକ୍ଷରେ ଚଳିତ ବର୍ଷର ପୁରୀ ରଥଯାତ୍ରା ବିଶ୍ୱାସ ଏବଂ କର୍ପୋରେଟ୍ ସଦ୍ଭାବନାର ଏକ ଅନନ୍ୟ ସଙ୍ଗମ ଦେଖିବାକୁ ଯାଉଛି। ପୁରୀ ଜିଲା ପ୍ରଶାସନ ଦ୍ୱାରା ଉପାସିତ ହୋଇ ଅନେକ ଭାରତୀୟ ବ୍ରାଣ୍ଡ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସେବା କାର୍ଯ୍ୟରେ ସାମିଲହୋଇ ପବିତ୍ର ପୁରୀ ସହରକୁ ସେମାନଙ୍କର ସମର୍ଥନ ପ୍ରଦାନ କରୁଛନ୍ତି। ଏପରିକି ଭିଭିଆଇପି, ଭିଆଇପି, ଏବଂ ସାର୍ବଜନୀନ ସେବା ସହାୟତାଠାରୁ ଆରମ୍ଭକରି ବହୁ ଲକ୍ଷ ଭକ୍ତଙ୍କ ପାଇଁ ଏକ ସୁଗମ ବ୍ୟବସ୍ଥା ଆୟୋଜନ କରାଯାଉଛି। ସେହିଭଳି ଆଧ୍ୟାତ୍ମିକ ସମୃଦ୍ଧ ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ବ୍ରାଣ୍ଡଗୁଡ଼ିକ ସେମାନଙ୍କର ସେବା ଏବଂ ସମ୍ବଳ ମଧ୍ୟ ପ୍ରଦାନ କରୁଛନ୍ତି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଉତ୍ତମ ଭିଡ଼ ପରିଚାଳନା ବ୍ୟବସ୍ଥା, ପାନୀୟ ଜଳ ଏବଂ ଛାଇ ଆଦିର ଉପଲବ୍ଧତାକୁ ଉନ୍ନତ କରିବା ସହିତ ଡିଜିଟାଲ ସେବାଗୁଡ଼ିକୁ ସକ୍ଷମ କରିବା ଏବଂ ପୁରୀ ରଥଯାତ୍ରାରେ ସ୍ୱଚ୍ଛତା ଓ ସାମାଜିକ ସମ୍ପର୍କକୁ ଯୋଗଦାନ ଦେବା। ଏହି ସନ୍ଦର୍ଭରେ ଟାଇପାନିର ପ୍ରତିଷ୍ଠାତା ଶ୍ରୁତି ଚତୁର୍ବେଦୀ କହିଛନ୍ତି, ପୁରୀ ରଥଯାତ୍ରା ଏକ ଜୀବନ୍ତ ପରମ୍ପରା, ଯାହା ବହୁ ଲକ୍ଷ ଲୋକଙ୍କୁ ଭାବପ୍ରବଣ କରିଦିଏ। ଆମେ ପ୍ରତ୍ୟେକ ବ୍ରାଣ୍ଡ ଏବଂ କର୍ପୋରେଟ୍ ଉପସ୍ଥିତିକୁ ପ୍ରକୃତ ତୀର୍ଥ ମୂଲ୍ୟରେ ପରିଣତ କରିବା ଏବଂ ହିନ୍ଦୁ ଧର୍ମର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରୁଛୁ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଏପରି ବ୍ରାଣ୍ଡ ସହଭାଗିତା ଆଣିବା ଯାହା ରଥଯାତ୍ରାକୁ ଭକ୍ତମାନଙ୍କ ପାଇଁ ଏକ ଉନ୍ନତ ଅଭିଜ୍ଞତାରେ ପରିଣତ କରିଥାଏ। ଏହି ସହଯୋଗିତାଗୁଡ଼ିକୁ ଉଦ୍ଦେଶ୍ୟମୂଳକ କରିବା ପାଇଁ ଜିଲା ପ୍ରଶାସନ ନିର୍ଦ୍ଦେଶରେ ଟାଇପାନିକୁ ବ୍ରାଣ୍ଡ-ନେତୃତ୍ୱ ଏବଂ ସାମାଜିକ ପଦକ୍ଷେପଗୁଡ଼ିକର ସମନ୍ୱୟ ପାଇଁ ନିଯୁକ୍ତ କରାଯାଇଛି।

## ଜେଇଇ-ଆଡ୍‌ଭାନ୍ସଡ୍‌ରେ ଆଲେନର ବାଜିମାତ




ଭୁବନେଶ୍ୱର,୨।୬ (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତବର୍ଷ ମଧ୍ୟ ଆଲେନ (ଆଲେନ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟ ପ୍ରାଇଭେଟ ଲିମିଟେଡ୍)ର ଛାତ୍ରଛାତ୍ରୀମାନେ ଜେଇଇ-ଆଡ୍‌ଭାନ୍ସଡ୍ ୨୦୨୫ର ଫଳାଫଳରେ ବାଜିମାତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଆଇଆଇଟି କାନପୁର ପକ୍ଷରୁ ସୋମବାର ଜେଇଇ-ଆଡ୍‌ଭାନ୍ସଡ୍ ୨୦୨୫ର ଫଳାଫଳ ଘୋଷଣା କରାଯାଇଛି। ଏହି ଫଳାଫଳ ଅନୁଯାୟୀ ଆଲେନ ଉଭୟ ସର୍ବଭାରତୀୟସ୍ତର ଓ ଭୁବନେଶ୍ୱର ଓଡ଼ିଶାରେ ଉତ୍କୃଷ୍ଟ ଫଳାଫଳ ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ଆଲେନ ଭୁବନେଶ୍ୱର କେନ୍ଦ୍ର ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ ସେଣ୍ଟର ଏବଂ ଷ୍ଟେଟ ଟପରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ନେଇ ଆଲେନ ଭୁବନେଶ୍ୱରର କେନ୍ଦ୍ର ମୁଖ୍ୟ ରଜନୀଶ ଶ୍ରୀବାସ୍ତବ କହିଛନ୍ତି, ଆମେ ଆମର ଶ୍ରେଷ୍ଠ ଫଳାଫଳ ହାସଲ କରିବେଶ୍ ଉତ୍ସାହିତ ଅଛୁ। ଏହି ଆଲେନ ଭୁବନେଶ୍ୱର କେନ୍ଦ୍ରର ହଂସ ଦାରୁଲା ଜେଇଇ-ଆଡ୍‌ଭାନ୍ସଡ୍ ୨୦୨୫ ଫଳାଫଳରେ ଅଲ୍ ଇଣ୍ଡିଆ ର୍ୟାଙ୍କ (ଏଆଇଆର) ୩୯ ହାସଲ କରିଛନ୍ତି। ସେହିପରି ଏହି କେନ୍ଦ୍ରରୁ ନବନୀତ ପ୍ରିୟଦର୍ଶୀ ଏଆଇଆର-୬୭, ସମନ ପୋଦାର ଏଆଇଆର-୭୧୧ ଏବଂ ଶ୍ରେୟସ ସାମନ୍ତରା ଏଆଇଆର-୧୦୦୦ ହାସଲ କରିଛନ୍ତି। ସେହିଭଳି ଆଲେନ କ୍ୟାରିୟର ଇନ୍‌ଷ୍ଟିଚ୍ୟୁଟର ସିଇଓ ନିତିନ କୁକ୍‌ରେଜା କହିଛନ୍ତି, ଆଲେନ କେବଳ ଅଲ୍ ଇଣ୍ଡିଆ ଟପ୍ପର ସୃଷ୍ଟି କରିନାହିଁ ବରଂ ଟପ୍-୧୦ରେ ମଧ୍ୟ ୪ଟି ସ୍ଥାନ ହାସଲ କରିଛି। ଅପରପକ୍ଷରେ ଆଲେନର କୋଟା ସେଣ୍ଟର ଛାତ୍ର ଲଗାତର ୨ୟ ବର୍ଷ ପାଇଁ ଅଲ୍ ଇଣ୍ଡିଆ ଟପ୍ପର ତାଲିକାରେ ସାମିଲ ହୋଇଛନ୍ତି।

## ଏଏସ୍ଆଇଏର ୪ର୍ଥ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର,୨।୬

ଇନ୍ଫୋସିସ୍ ଫାଉଣ୍ଡେସନର ବହୁ ପ୍ରତିଷ୍ଠିତ ପ୍ରତିଯୋଗିତା ଓ ଅଭିନବ କାର୍ଯ୍ୟକ୍ରମ ଆରୋହଣ ସୋସିଆଲ ଇନୋଭେସନ ଆୱାର୍ଡ(ଏଏସ୍ଆଇଏ)ର ୪ର୍ଥ ସଂସ୍କରଣ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଇନ୍ଫୋସିସ୍‌ର ଜନହିତକାରୀ ଓ ସିଏସ୍ଆର ଶାଖା 'ଇନ୍ଫୋସିସ୍ ଫାଉଣ୍ଡେସନ' ପକ୍ଷରୁ ଏଭଳି ଏକ ଅଭିନବ କାର୍ଯ୍ୟକ୍ରମ ଓ ଏଏସ୍ଆଇଏର ୪ର୍ଥ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଥିଲା। ବିଶେଷକରି ଭାରତରେ ସାମାଜିକ ଭାବନାକୁ ତ୍ୱରାନ୍ୱିତ କରିବା ପ୍ରତି ଏହାର ପ୍ରତିଶ୍ରୁତିବଦ୍ଧତାକୁ ବଜାୟ ରଖି ଇନ୍ଫୋସିସ୍ ଫାଉଣ୍ଡେସନ ଦେଶବ୍ୟାପୀ ଉଦ୍ଭାବନକାରୀ ସାମାଜିକ ଉଦ୍ୟୋଗୀମାନଙ୍କୁ ଏହି ଆହ୍ୱାନରେ ଅଂଶଗ୍ରହଣ କରିବା ପାଇଁ ଆମନ୍ତ୍ରଣ କରିଛି। ସେହିଭଳି ଏଏସ୍ଆଇଏ-୨୦୨୫ ଭାରତ ଓ ବ୍ୟାପକସ୍ତରରେ ବଞ୍ଚିତ ସମୁଦାୟଗୁଡ଼ିକ ଉପରେ ଏକ ଉଲ୍ଲେଖନୀୟ ପ୍ରଭାବ ସୃଷ୍ଟି କରିବା ପାଇଁ ସ୍ୱତନ୍ତ୍ର ଟେକ୍ନୋଲୋଜି-ଆଧାରିତ ସମାଧାନ ବିକଶିତ କରିଥିବା ବ୍ୟକ୍ତିବିଶେଷ, ଟିମ୍, ଏନ୍‌ଜିଓ ଓ ସାମାଜିକ ଉଦ୍ୟୋଗଗୁଡ଼ିକୁ ସ୍ୱୀକୃତି ଓ ପୁରସ୍କୃତ କରିବାକୁ ଲକ୍ଷ୍ୟ ରଖିଛି। ଏପରିକି ଇନ୍ଫୋସିସ୍ ଫାଉଣ୍ଡେସନ ମୋଟ ୨ କୋଟି ଟଙ୍କାର ପୁରସ୍କାର ରାଶି ସହିତ ପ୍ରତ୍ୟେକ ବିଜେତାଙ୍କୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ପ୍ରଦାନ କରିବା ପାଇଁ ପ୍ରତିବଦ୍ଧ ରହିଛି। ଏ ସମ୍ପର୍କରେ ଇନ୍ଫୋସିସ୍ ଫାଉଣ୍ଡେସନର ଟ୍ରଷ୍ଟି ସୁମିତ ବିରମାନି କହିଛନ୍ତି, ଏଏସ୍ଆଇଏ ମାଧ୍ୟମରେ ଆମେ ପରିବର୍ତ୍ତନକାରୀଙ୍କୁ ଚିହ୍ନଟ ଓ ସମର୍ଥନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛୁ। ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପରିବେଶ ସ୍ଥାୟିତ୍ୱ କ୍ଷେତ୍ରରେ ପ୍ରଭାବଶାଳୀ ସମାଧାନଗୁଡ଼ିକୁ ପରିଚାଳନା କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପୁଣି ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ

## ୮/୧୦ ଦିନରେ ଗଜପତି ଜିଲାରେ ୪ ଶ୍ରମିକଙ୍କ ହେଲାଣି ମୃତ୍ୟୁ

**ପାରଳାଖେମୁଣ୍ଡି, ୨।୬(ଗିରିଧାରୀ ପରିଚ୍ଛା)**

ଆନ୍ଧ୍ର ପ୍ରଦେଶକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଜପତି ଜିଲା ରାୟଗଡ଼ ବ୍ଲକ ଜିରାଙ୍ଗ ପଞ୍ଚାୟତ ରଘୁନାଥପୁର ଗ୍ରାମର ସହଦେବ ବଡ଼ ରଇତ (୨୨)। ସେ ଗ୍ରାମର ସୁବାସ ବଡ଼ରଇତଙ୍କ ବଡ଼ ପୁଅ। ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସହଦେବ ରୋଜଗାର କରିବାକୁ ଗତ ଏପ୍ରିଲରେ ଆନ୍ଧ୍ର ଯାଇଥିଲେ। ବିଶାଖାପାଟଣାର ଏକ ଘରୋଇ ସଂସ୍ଥାରେ ସିମେଣ୍ଟ ଢଳେଇ କାମରେ ନିୟୋଜିତ ଥିଲେ। ସେଠାରେ କାମ କରିବା ସମୟରେ ହଠାତ୍ ସହଦେବ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଗିତଏମ ନାମକ ମେଡିକାଲରେ ଚିକିତ୍ସା କରାଯାଉଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ତାଙ୍କ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ରୋଜଗାରିଆ ପୁଅକୁ ହରାଇ ମା'ବାପା ଭାଙ୍ଗି ପଡିଛନ୍ତି। ସହଦେବଙ୍କ ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ତାଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ତେବେ ଜିଲାରେ ୮/୧୦ ଦିନ ମଧ୍ୟରେ ୪ଜଣ ଦାଦନ ଶ୍ରମିକଙ୍କ ମୃତ୍ୟୁ ହେଲାଣି। ଶନିବାର ରାୟଗଡ଼ ବ୍ଲକର ସହଦେବଙ୍କ ମୃତ୍ୟୁ ଘଟିଥିବା ବେଳେ ଏହି ବ୍ଲକର କେରାଣ୍ଡି ପଞ୍ଚାୟତ ବାଉଶ ଗାଁର ଜଣେ ଦାଦନ ଶ୍ରମିକଙ୍କ ଆନ୍ଧ୍ରର ରାଜମୁନ୍ଦ୍ରିଠାରେ ପୂର୍ବରୁ ମୃତ୍ୟୁ ହୋଇଛି। ଆର୍. ଉଦୟଗିରି ବ୍ଲକ ରଣାଲାଇ ଗ୍ରାମର ଜଣେ ଯୁବତୀଙ୍କ ତାମିଲନାଡୁରେ ମୃତ୍ୟୁ ଘଟିଥିବା ବେଳେ ଗୁମ୍ମା ବ୍ଲକ ଶେରଙ୍ଗ ଗ୍ରାମ ଖ୍ରୀଷ୍ଟିଆନ ସାହିର ଜଣେ ଯୁବକଙ୍କ ହାଇଦ୍ରାବାଦରେ ଦାଦନ ଶ୍ରମିକ ରୂପେ କାମ କରିବାକୁ ଯାଇ ମୃତ୍ୟୁ ହୋଇଛି। ଅନ୍ୟପକ୍ଷରେ ଦାଦନ ଶ୍ରମିକଙ୍କ ସମ୍ପର୍କରେ ଜିଲା ପ୍ରଶାସନ ପାଖରେ ସେମିତି କିଛି ତଥ୍ୟ ରହୁନାହିଁ। ଗ୍ରାମାଞ୍ଚଳ ସ୍ତରରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ବାହାରୁ ଆସୁଥିବା ଦଲାଲଙ୍କ କଥାରେ ବିଶ୍ୱାସ କରି ସେମାନେ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବା ସହ ମୃତ୍ୟୁ ମୁଖରେ ପଡୁଛନ୍ତି।

# ସାଇକେଲ ଚାଳନା ବିଷୟରେ ଅବଗତ ହେବା ଜରୁରୀ


## ଆଜି ବିଶ୍ୱ ବାଇସାଇକେଲ ଦିବସ

ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଆମେ ନିଜକୁ ସୁସ୍ଥ ରଖିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଖାଦ୍ୟପେୟ ବ୍ୟତୀତ ଯେଉଁ ପ୍ରମୁଖ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡୁଛି ତାହା ହେଉଛି ବ୍ୟାୟାମ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲିବା, କିଛି ସମୟ ନିଜର ଶାରୀରିକ ସ୍ଥିତି ଅନୁସାରେ ବ୍ୟାୟାମ କଲେ ଆମେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ବ୍ୟାୟାମର ଆଉ ଏକ ଭାଗ ହେଉଛି ସାଇକେଲିଂ। ଆଜିକାଲି ଅନେକ ଏହାକୁ ଅନ୍ୟତମ ବ୍ୟାୟାମ ଭାବରେ ଗ୍ରହଣ କରିନେଇଛନ୍ତି। ଏପରି କି ସାଇକେଲ କ୍ଲବ୍ ଗଠନ କରାଯାଇ ଏହାର ମହତ୍ତ୍ୱକୁ ଆହୁରି ପ୍ରଚାର କରାଯାଉଛି। ଏ ନେଇ ଅଧିକ ଜନସଚେତନା ସୃଷ୍ଟିକରିବା ପାଇଁ ପ୍ରତିବର୍ଷ ଜୁନ୍ ୩ ତାରିଖକୁ 'ବିଶ୍ୱ ବାଇସାଇକେଲ ଦିବସ' ଭାବରେ ପାଳନ କରାଯାଇ ଆସୁଅଛନ୍ତି। ଆମେରିକାରେ



ରହି ସାମାଜିକ ବୈଜ୍ଞାନିକ ଭାବରେ କାର୍ଯ୍ୟ କରୁଥିବା ପୋଲାଣ୍ଡର ପ୍ରଫେସର ଲେସ୍‌ଜେକ୍ ସିବିଲିସ୍କି ପ୍ରଥମେ ଏଭଳି ଏକ ପ୍ରସ୍ତାବ ଦେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୮ ଏପ୍ରିଲ ମାସରେ ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଏ ନେଇ ଏକ ଆଲୋଚନା ହୋଇଥିଲା। ତା'ପରେ ଏହାର ସଦସ୍ୟଗଣ ପ୍ରତିବର୍ଷ ଜୁନ୍ ୩ ତାରିଖକୁ 'ବିଶ୍ୱ ବାଇସାଇକେଲ ଦିବସ' ଭାବରେ ପାଳନ କରିବାକୁ ସହମତି ପ୍ରକାଶ କରିଥିଲେ। ସାଇକେଲ ଚାଳନା ଏକ ସହଜ ଏବଂ ସରଳ ବ୍ୟାୟାମ। ପ୍ରତିଦିନ କିଛି ସମୟ ଜଣେ ଯଦି ସାଇକେଲିଂ କରନ୍ତି, ତେବେ ତାହା ଶରୀର ପାଇଁ ଅନେକାଂଶରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହାର ଉପକାରିତା ବିଷୟରେ ସମସ୍ତେ ଅବଗତ ହେବା ନିହାତି ଦରକାର। ତେଣୁ ଏହି ଦିବସ ପାଳନ ସମୟରେ ଜନସାଧାରଣଙ୍କୁ ସାଇକେଲ ଚଲାଇବା ଏବଂ ତାହାର ଉପକାରିତା ବିଷୟରେ ସଚେତନ କରାଯାଇଥାଏ।

> ଗତ ୬-୭ବର୍ଷ ହେବ ସାଇକେଲିଂ କରୁଛି। ମୋ ପାଇଁ ଏହା ଭଗବାନଙ୍କ ଆଶୀର୍ବାଦ। ସାଇକେଲିଂର ବହୁତ ଆଡ୍‌ଭାଣ୍ଟେଜ୍ ରହିଛି। ସାଇକେଲିଂ କେବଳ ଏକ ବ୍ୟାୟାମ ନୁହେଁ, ଏହା ମାନସିକସ୍ତରରେ ଶାନ୍ତି ପ୍ରଦାନ କରିଥାଏ। ସାଇକେଲିଂ କରିବା ସମୟରେ ଅନେକ ସମସ୍ୟାର ସାମ୍ନା କରିବାକୁ ପଡିଥାଏ। ଏହାର ସମ୍ମୁଖୀନ ହେବା ସମୟରେ ନିଜର ଆତ୍ମବିଶ୍ୱାସ ବଢ଼ିବା ସହ ବହୁତ କିଛି ଶିଖିବାକୁ ମିଳିଥାଏ। ସେହିପରି କମ୍ ଖର୍ଚ୍ଚରେ ବହୁତ ନୂଆ ଜାଗା ଦେଖିବା, ସେଠାକାର ଲୋକଙ୍କ ସହିତ ମିଶିବାକୁ ସୁଯୋଗ ଦେଇଥାଏ।



**- ସିପ୍ରା ହୋତା, ସାଇକେଲିଷ୍ଟ**

> ପୂର୍ବରୁ ଆମ ଯାତାୟାତର ମୂଳ ଆଧାର ଥିଲା ସାଇକେଲ୍। ସମୟ ସହିତ ଜୀବନଶୈଳୀରେ ପରିବର୍ତ୍ତନ ହୋଇଛି। ଗାଡ଼ି ମୋଟର ଏବଂ ଅନ୍ୟାନ୍ୟ ଯାନବାହନ ଏବେ ସାଇକେଲ୍‌ର ସ୍ଥାନ ନେଇଥିଲେ ହେଁ ଆଜି ବି ଏହାର ସ୍ଥାନ ସ୍ୱତନ୍ତ୍ର ରହିଛି। ଏହା ଆମକୁ ଶାରୀରିକ ଏବଂ ମାନସିକ ଉଭୟ ସ୍ତରରେ ସୁସ୍ଥ ରଖିଥାଏ। ସାଇକେଲ ଦ୍ୱାରା ସହଜରେ ଓ ବିନା ଖର୍ଚ୍ଚରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାଆସିବା ସମ୍ଭବ ହୋଇଥାଏ। ପୁଣି ସାଇକେଲ ଚାଳନା ଦ୍ୱାରା ପରିବେଶ ପ୍ରଦୂଷଣର ଭୟ ନ ଥାଏ। ତେଣୁ ପ୍ରତ୍ୟେକ ଲୋକ ସପ୍ତାହରେ ଅତି କମ୍‌ରେ ଦିନଟିଏ ସାଇକେଲ୍‌ରେ ଯାତାୟାତ କରିବା ଆବଶ୍ୟକ।



**- ସହଦେବ ସାହୁ, ସାଇକେଲିଷ୍ଟ**

# ୧୬ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨।୬(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକମା ଜିଲା ପୋଲିସ ନିକଟରେ ଦୁଇ ଦୁର୍ଦ୍ଦାନ୍ତ ଓ ୨୫ ଲକ୍ଷ ପୁରସ୍କାର ଘୋଷିତ ୬ ମାଓବାଦୀଙ୍କ ସହ ୧୬ ଜଣ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ମହିଳା ଓ ପୁରୁଷ ମାଓବାଦୀଙ୍କ ଉପରେ ୮ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର, ଜଣଙ୍କ ଉପରେ ୩ ଲକ୍ଷ ଓ ୩ ଜଣଙ୍କ ଉପରେ ୨ ଲକ୍ଷ ଲେଖାଏ ପୁରସ୍କାର ଘୋଷଣା କରାଯାଇଛି। ଏମାନଙ୍କ ମଧ୍ୟରୁ ୮ ଲକ୍ଷ ପୁରସ୍କାର ଘୋଷିତ ରିତା ଓରଫ ଡଡି ସୁକ୍କୀ ଓ ରାହୁଲ ପୁନେମ ରହିଛନ୍ତି। ସେହିପରି ୩ ଲକ୍ଷ ପୁରସ୍କାର ଘୋଷିତ ଲେକାମ ଲଖମା, ୨ ଲକ୍ଷ ସୋଡି ତୁଲା, ତେଲାମ କେଶା, ୨ ଲକ୍ଷ ପୁରସ୍କାର ଘୋଷିତ ଢୁଡି ହୁରାଙ୍କ ସହ ଅନ୍ୟ ୧୦ଜଣ ସୋମବାର ଆତ୍ମସମର୍ପଣ କରିଛନ୍ତି।

ଏମାନେ ବିଭିନ୍ନ ହିଂସାରେ ଜଡ଼ିତ ଥିଲେ। ବର୍ତ୍ତମାନ ସରକାରଙ୍କ ପୁନର୍ବାସ, ଘରକୁ ଫେରିଆସ, ଛତିଶଗଡ଼ ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇଛନ୍ତି। ଏଥିସହ ସଂଗଠନରେ ପୂର୍ବ ଆଦର୍ଶ ନ ଥିବା ବେଳେ ନିରୀହ ଆଦିବାସୀଙ୍କୁ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ହତ୍ୟା କରୁଥିବାରୁ ଏଥିରେ ଅତିଷ୍ଠ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସୁକ୍‌ମା ପୋଲିସ ପକ୍ଷରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି।


# Classified Everyday
0674-2580101, 9692975378




REAL ESTATE
SALE

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call-9861642492.** D-738

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266



FOR RENT

Ground Floor single room attached toilet for office space at VSS Nagar. 7873657633. D-781



Full body massage by experience therapist with homely atmosphere. 9114559860. D-780

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

Wellness relax body massage & joint pain treatment by trend therapist. 7327020180. D-76917

Newly open health benefits SPA by expert therapist. Contact-8280961126. D-76915

## AFFIDAVIT

By virtue of an affidavit before Notary Public, Kendrapara, CF No.-73AA476937 dtd-31.05.2025, I have been recognized, indentifiied & known as Minati Behura, D/o- Lambodar Behura, At- Nimapur Sasan, P.O.- Nimapur (Pattamundai), Dist.- Kendrapara instead of Minati Das for all purposes. D-788

I, Karttik Dasamahapatra S/o Late Gangadhar Daitapati Resident of Matimanadap Sahi, Nabatakhana gali, P.S.- Puri Town, P.O./ Dist.- Puri, Odisha, PIN-752001, declare by this affidavit No.- 04, dtd-27.02.2025 that now onwards I shall be known as **KARTIK KUMAR DASMOHAPATRA** for all future purposes. D-786

By virtue of an affidavit sworn before Executive Magistrate, BBSR, dated- 02.06.2025, I Buli Choudhuri, Address: Vill-Jilunda, P.O.- Badapur, P.S.- Jarada, Dist.- Ganjam, Odisha, PIN-761005, declare that I have changed my daughter's name from Yesmini Choudhuri to Jasmin Choudhuri. Henceforth, she shall be known as Jasmin Choudhuri for all purposes. D-783

I, Snigdha Rani Mohanty, W/o- Ashis Mohanty, resident of HIG- 30, Phase- 2, Gopabandhu Nagar, P.O./P.S.- Chhend, Rourkela, Dist.- Sundergarh, PIN- 769015, Odisha declare by this affidavit No.- 72AA 002332, dtd. 27.05.2025 that now onwards I shall be known as Snigdha Mohanty for all future purposes. D-791

I hereby declare that I will be named and identified as Manjulata Behera instead of Manjubala Behera, Village: Majhiakhanda, P.O.- Bhaliadihi, P.S.- Sarankul, Dist.- Nayagarh, PIN- 752092, Odisha. D-789

By virtue of an affidavit (No.-476), dated-27.05.2025 sworn before Executive Magistrate, Rayagada, I, Lokesh Halwa, Address- 9th Lane, Ramkrushna Nagar, Rayagada, Odisha, PIN-765001, Aged 18 years declare that I have changed my name from Lokesha Halwa to Lokesh Halwa & D.O.B- 19.07.2007 to 19.07.2006. Henceforth, I shall be known as Lokesh Halwa for all purposes. D-785

I, Biswajit Sahoo, S/o- Subash Chandra Sahu, resident of Vill/P.O.- Habaspur, P.S.-Junagarh, Dist.- Kalahandi, (Odisha), PIN-766023 declare by this affidavit No.-350, dt. 14.05.2025 that now onwards I shall be known as BISWAJIT SAHU for all future purposes. D-794

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, BBSR, dated- 28.06.2025, I, Alok Das, Address- Alok Das Gangada Bandhamunda, Deriki, Naugaon, Jagatsinghpur declare that I have changed the name of my daughter's Aradhya Das to Subhashree Das. Henceforth, she shall be known as Subhashree Das for all purposes.
Alok Das
D-782

By virtue of an affidavit sworn before the Notary, Balangir, No.-226, date 02.06.2025, I, Ahaladina Rana, W/o- Shibaram Rana, R/o. Village-Sihini, P.O.- Bahabal, P.S.- Belpada, Dist.- Balangir declare that I have changed my name from Ahaladina Rana to Allahadini Rana. Henceforth, I shall be known as Allahadini Rana for all purposes. D-793

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

## LEGAL NOTICE

NOTICE UNDER ORDER 5 RULE-20 OF C.P.C. READ WITH SECTION 372 OF INDIAN SUCCESSION ACT
IN THE COURT OF THE CIVIL JUDGE (SR.D.), DHENKANAL
Intestate case No.-4/2024
Minati Lenka & another
....Petitioners.
Versus
L.I.C. of India, Dhenkanal Branch
... Opp. Party

WHEREAS the Petitioners 1) Minati Lenka, W/o Lalit Kumar Lenka, 2) Lalit Kumar Lenka, S/o Late Kishore Lenka, both are of Village- Mahadia, P.O.- Belapada, P.S.-Motanga, Dist.- Dhenkanal have filed the above case for grant of succession certificate for getting the death claim amount of Rs. 1,00,000/- along with interest against the L.I.C. policy bearing No.-588632477, dt-4.09.2009 opened in the name of deceased Sudeshna Manjari Lenka from the L.I.C. of India, Dhenkanal Branch. Sudeshna Manjari Lenka has been expired on 04.07.2010.

As such it is hereby noticed that if any body else having any interest or objection for grant of such certificate, he/she/they may contest the case in support of his/her/their claim and to appear before the court in person or through his/her/their pleader on this the 20th day of June, 2025 at about 10.30A.M. failing which the case will be heard and determined in his/her/their absence.

Given under my hand and seal of this Court, this 19th day of April 2025.
Sd./- Civil Judge (Sr.D.), Dhenkanal.
D-787


# ରାଜ୍ୟରେ କୋଭିଡ୍ ଆକ୍ରାନ୍ତ ସଂଖ୍ୟା ୧୫କୁ ବୃଦ୍ଧି

## ସତର୍କତା ରହିବା ସହ ଗହଳି ଜାଗାକୁ ନ ଯିବାକୁ ପରାମର୍ଶ

**ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)**

ରାଜ୍ୟରେ ଲଗାତାର୍ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟ ପ୍ରତିଦିନ ଏକାଧିକ କୋଭିଡ୍ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ଗତ ୨୪ଘଣ୍ଟାରେ ରାଜ୍ୟରୁ ଆଉ ୩ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହେବା ସହ ଏହି ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ତେବେ ରାଜ୍ୟରେ କୋଭିଡ୍ ସଂକ୍ରମଣ ନିୟନ୍ତ୍ରଣରେ ରହିଛି ଓ ସଂଖ୍ୟା ଢେର ଅଧିକ ବଢ଼ିନି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି। ଏବେ ଲକ୍ଷଣ ଦେଖାଦେଲେ କେବଳ ଗୁରୁତର ଆକ୍ରାନ୍ତଙ୍କ କୋଭିଡ୍ ପରୀକ୍ଷା କରାଯାଉଛି। ଯେତିକି ପରୀକ୍ଷା ହେଉଛି, ସେଥିରୁ ବହୁତ କମ୍ ପଜିଟିଭ ଆସୁଛି। ତେଣୁ ଅଯଥାରେ ଭୟଭୀତ ହେବାର ଆବଶ୍ୟକତା ନାହିଁ। ସେହିପରି ଲୋକମାନେ ସତର୍କତା ଅବଲମ୍ବନ କରିବା ସହିତ ଗହଳି ଜାଗାକୁ ଯାଆନ୍ତୁ ନାହିଁ। ଆବଶ୍ୟକ ହେଲେ ମାସ୍କ ପିନ୍ଧିବା, ଗ୍ଲୋଭ୍‌ସ ବ୍ୟବହାର କରିବା ଏବଂ ହାତ ଧୋଇବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି। ଆଗକୁ ରଥଯାତ୍ରା ଆସୁଛି। ରଥଯାତ୍ରା ନେଇ ଖୁବ୍‌ଶୀଘ୍ର ପୁରୀରେ ସମୀକ୍ଷା ବୈଠକ ବସିବ। ଏଥିରେ ସ୍ୱାସ୍ଥ୍ୟ ବିଭାଗ ନିଜର ମତ ରଖିବ। ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯିବ ବୋଲି ଡା. ମିଶ୍ର କହିଛନ୍ତି।

# ସ୍ନାନପୂର୍ଣ୍ଣିମା ଯାଏ ଗରମ, ଗୁଳୁଗୁଳି

**ଭୁବନେଶ୍ୱର, ୨।୬(ବନ୍ଦନା ସେଠୀ)**

- ୩୯ ଡିଗ୍ରୀ ଉପରେ ୧୦ ସହର
- ୧୦ ପରେ ଲଘୁଚାପ ସୃଷ୍ଟି ସମ୍ଭାବନା

କିଛିଦିନର ଆଶ୍ୱସ୍ତି ପରେ ପୁଣି ଫେରିଛି ତାତି। ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଛନ୍ତି ରାଜ୍ୟବାସୀ। ବାୟୁମଣ୍ଡଳରେ ଆର୍ଦ୍ରତା ରହୁଥିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ସେପଟେ ଏବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗୁଆ ଓଡ଼ିଶା ଛୁଇଁଥିଲେ ମଧ୍ୟ ରାଜ୍ୟକୁ ପଶ୍ଚିମା ଶୁଷ୍କ ପବନ ବହିବା ଫଳରେ ମୌସୁମୀଜନିତ ବର୍ଷାରେ ବ୍ରେକ୍ ଲାଗିଛି। ଫଳରେ ତାପମାତ୍ରା ବଢ଼ି ଚାଲିଛି। ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଗରମ ଗୁଳୁଗୁଳି ଲାଗି ରହିବ ଏବଂ ଦିନ ତାପମାତ୍ରା ୪୦ରୁ ୪୧ ଡିଗ୍ରୀ ଯାଏ ପହଞ୍ଚିବ। ତେବେ ୧୦ ତାରିଖ ପରେ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୪ରୁ ୫ଦିନ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ସୋମବାର ରାଜ୍ୟର ୧୦ ସହରର ତାପମାତ୍ରା ୩୯ ଡିଗ୍ରୀ ପାର୍ କରିଥିବାବେଳେ ବାଲେଶ୍ୱର ୩୯.୮ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ରାଜଧାନୀ ଭୁବନେଶ୍ୱର ରହିଥିବାବେଳେ ସହରର ସର୍ବୋଚ୍ଚ ତାପମାତ୍ରା ୩୯.୬ ଡିଗ୍ରୀ ଛୁଇଁଥିଲା। ଏଥିସହ ଆସନ୍ତା ୫ଦିନ ଅର୍ଥାତ୍ ଜୁନ୍ ୭ ପର୍ଯ୍ୟନ୍ତ ରାଜ୍ୟରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ବଢ଼ିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ୪ ଓ ୫ ତାରିଖରେ ପ୍ରବଳ ଗରମ ଓ ଗୁଳୁଗୁଳି ହେବାର ସମ୍ଭାବନା ରହିଛି।


## ମନେ ପଡ଼ନ୍ତି

ସପ୍ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାରଦା ସାହୁ**
ସ୍ୱାମୀ: ସ୍ୱର୍ଗତ ବାଇଧର ସାହୁ
ହାତିଆଣୁନୀ ଲେନ୍, ଭୁବନେଶ୍ୱର
ଆବିର୍ଭାବ-୨୩।୦୭।୧୯୪୪
ତିରୋଧାନ- ୦୩।୦୬।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୬୦୬୦


# କାରଖାନା ମାଲିକ, ଗାଡ଼ି ଚାଳକ ଗିରଫ

## ବିସ୍ଫୋରକ ଗାଡ଼ି ଜବତ ମାମଲା

**ରାଉରକେଲା, ୨।୬(ସଙ୍ଗୀତା ଜେନା)**

ରାଉରକେଲା ପୋଲିସ ଜିଲାର ରଘୁନାଥପାଲି ଥାନା ଅଧୀନ ଦେଓଗାଁ ପେଟ୍ରୋଲ ପମ୍ପରେ ରବିବାର ଅପରାହ୍ନରେ ବିସ୍ଫୋରକ ଗାଡ଼ି ଜବତ ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବିସ୍ଫୋରକ କାରଖାନା ମାଲିକ ଶ୍ରବଣ ଅଗ୍ରୱାଲ(୪୨) ଓ ଗାଡ଼ି ଚାଳକ ବିଶରା ସମଦ(୨୮)। ସୋମବାର ସନ୍ଧ୍ୟା ୬ଟାରେ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଅପରପକ୍ଷେ ବିସ୍ଫୋରକ କାରଖାନାର ଆର୍ଥିକ ତନାଘନା ପାଇଁ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ପକ୍ଷରୁ ବୁକ୍ସ ଅଫ୍ ଆକାଉଣ୍ଟ ଯାଞ୍ଚ କରାଯାଉଥିବା ଆସିଷ୍ଟାଣ୍ଟ କମିଶନର ଜଗଦୀଶ ସା କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ବିସ୍ଫୋରକ ବୋଝେଇ ଗାଡ଼ି ଦସ୍ତାବିଜ୍ ଦେଖାଇ ନ ପାରିବାରୁ ତାକୁ ଜବତ କରାଯାଇଥିଲା। ଏଥିରେ ଗୋଟିଏ ପ୍ୟାକେଟ ଡେଟୋନେଟର ଏବଂ ୧୧୬ ଖଣ୍ଡ ଜିଲେଟିନ ରହିଥିଲା।

ଫ୍ୟାଶନ

# ପୋଟ୍‌ଲୀ କ୍ଲଚ୍ ବ୍ୟାଗ୍

**ପାର୍ଟିକୁ ଯାଉଥିଲେ ଭଲ ଡ୍ରେସ୍ ସାଙ୍ଗକୁ ଡିଜାଇନ୍ ବ୍ୟାଗ୍‌ଟିଏ ଧରିଲେ ତାହା ଏକ ଭିନ୍ନ ଲୁକ୍ ଦେଇଥାଏ। ଏସବୁ ସ୍ଥାନରେ କିଭଳି ବ୍ୟାଗ୍ କ୍ୟାରି କରିବେ ଜାଣିରଖନ୍ତୁ।**

**ସାଇନଷ୍ଟୋନ୍ କ୍ରିଷ୍ଟାଲ ବ୍ୟାଗ୍:** ଏହି ଡିଜାଇନ ବ୍ୟାଗ୍ ଏତେ ସୁନ୍ଦର ଯେ ଆପଣଙ୍କ ହାତରେ ରହିଥିଲେ ବି ସମସ୍ତଙ୍କ ନଜର ପଡ଼ିବ। ବିଭିନ୍ନ ଷ୍ଟୋନ୍ ଲାଗି ଥିବାରୁ ଏହା ଚକମକ୍ ହୋଇଥାଏ। ଏହାକୁ ଆପଣ ଚାହିଁଲେ କାନ୍ଧରେ ପକାଇପାରିବେ ଓ ହାତରେ ମଧ ଧରିପାରିବେ। ଯଦି ସିଲ୍‌ଭର ଚଟ୍‌ଥିବା କୌଣସି ଡ୍ରେସ୍ କିମ୍ବା ଶାଢ଼ି



ପିନ୍ଧିଥିବେ ତା'ହେଲେ ଏହା ପୂରା ସୁଟ୍ କରିବ। ୱେଷ୍ଟର୍ନ ଓ ଏଥେନିକ୍ ଉଭୟ ଡ୍ରେସ୍‌ରେ କ୍ୟାରୀ କରିପାରିବେ।

**ମାର୍ବଲ କ୍ଲଚ୍:** ଏହା ଏତେ ସୁନ୍ଦର ଯେ ଏହାକୁ ଉଭୟ ମହିଳା ଓ ଯୁବତୀ ବ୍ୟବହାର କରିପାରିବେ। ଏହା ବିଭିନ୍ନ ରଙ୍ଗର ରହିଛି। ଗାଉନ, ଡ୍ରେସ୍ ଓ ୱେଷ୍ଟର୍ନ ସହ ଭଲ ଲାଗିବ। ଏହାର ହ୍ୟାଣ୍ଡେଲ ପର୍ଲ ଲୁକ୍‌ରେ ବହୁ ସୁନ୍ଦର ଦେଖାଯାଏ।

**ପର୍ଲ ବକେଟ ପୋଟଲୀ:** ମୋତି ଲାଗିଥିବା ଏହି ବକେଟ୍ ପୋଟଲୀ ବ୍ୟାଗ୍ ମଧ ବହୁତ ସୁନ୍ଦର। ଏହାର ହ୍ୟାଣ୍ଡେଲ ଓ ଷ୍ଟ୍ରେପ୍‌ରେ ସୁନ୍ଦର ଡିଜାଇନରେ ମୋତି ଲାଗିଥାଏ। ତେଣୁ ଏହା ଏକ ଲକ୍‌ଜୁରି ଲୁକ୍ ଦେବ।

**ବୋହୋ ଡେନିମ୍ କ୍ଲଚ୍:** ଏମ୍ବ୍ରୋଡୋରିର ପ୍ୟାଚ୍ ୱାର୍କ ଥିବା ଏହି ବ୍ୟାଗ୍ ବହୁତ ସୁନ୍ଦର। ଏହାକୁ ଫ୍ୟୁଜନ ଆଉଟ୍‌ଫିଟ୍ ସହ ବ୍ୟବହାର କଲେ



ଅଧିକ ଭଲ ଲାଗିବ।

**ମେଟାଲିକ୍ ଓ ଏମ୍ବ୍ରୋଡୋରି ବକ୍ସ କ୍ଲଚ୍:** କୌଣସି ବିବାହ କିମ୍ବା ଅନ୍ୟ ପାର୍ଟିରେ ଏହାକୁ କ୍ୟାରୀ କରିପାରିବେ। ଏଥିରେ ବିଭିନ୍ନ ରଙ୍ଗର ମେଟାଲ ବ୍ୟବହାର କରାଯାଏ ଓ ଏମ୍ବ୍ରୋଡୋରି ଡିଜାଇନ ଖୁବ ଆକର୍ଷଣୀୟ। ଏହା ହୁକ୍ ଓ ଲୁପ୍ କ୍ଲୋଜର ହୋଇଥାଏ। ଏଥିରେ ହ୍ୟାଣ୍ଡେଲ କିମ୍ବା ଚେନ୍ ଲାଗିଥାଏ।

# ଉଚ୍ଚ ରକ୍ତଚାପ ଥିଲେ...

**ସୁସ୍ଥ ଲାଇଫ୍‌ଷ୍ଟାଇଲ ସହ ଖାଦ୍ୟପେୟରେ ନିୟନ୍ତ୍ରଣ ରଖିପାରିଲେ ଉଚ୍ଚ ରକ୍ତଚାପକୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରେ। ଜାଣିରଖନ୍ତୁ ଏଭଳି କିଛି ଖାଦ୍ୟ ସମ୍ପର୍କରେ।**







**ବିଟ୍–** ଏହା ଏଭଳି ଏକ ସୁପର ଫୁଡ୍ ଯାହା ବିପି କମ୍ କରିବାରେ ସହାୟକ ହୋଇଥାଏ। ଏଥିରେ ନାଇଟ୍ରେଟ୍‌ର ମାତ୍ରା ଅଧିକ ରହିଥାଏ, ଯାହା ଶରୀରକୁ ଯିବା ପରେ ନାଇଟ୍ରିକ୍ ଅକ୍ସାଇଡ୍‌ରେ ରୂପାନ୍ତରିତ ହୋଇଯାଏ। ଶରୀରକୁ ଡିଟାକ୍ସ କରିବା ସହ ରକ୍ତକୁ ସଫା କରିବାରେ ସାହାଯ୍ୟ କରେ। ଏହାକୁ ଜୁସ୍ କିମ୍ବା ସିଝାଇ ଖାଇପାରିବେ।

**କଦଳୀ–** କଦଳୀ ଏକ ସ୍ୱାଦିଷ୍ଟ ତଥା ସ୍ୱାସ୍ଥ୍ୟବର୍ଦ୍ଧକ ଖାଦ୍ୟ। ଏହା ଶରୀରରେ ସୋଡିୟମର ପ୍ରଭାବକୁ ବାଲାନ୍ସ କରେ, ଫଳରେ ରକ୍ତଚାପ ନିୟନ୍ତ୍ରିତ ରହେ।

**ରସୁଣ–** ଆୟୁର୍ବେଦରେ ଏହାକୁ ଏକ ମେଡିସିନ କୁହାଯାଏ। ପ୍ରତିଦିନ ଖାଲିପେଟରେ ଏହାକୁ ଖାଇଲେ ଉଚ୍ଚ ରକ୍ତଚାପ ନିୟନ୍ତ୍ରିତ ହୋଇଥାଏ।

**ଓଟ୍‌ସ–** ପ୍ରଚୁର ଫାଇଭର ଥିବା ଓଟ୍‌ସ ଉଚ୍ଚ ରକ୍ତଚାପ ରୋଗୀଙ୍କ ନିମନ୍ତେ ଏକ ଭଲ ଖାଦ୍ୟ। ଏହାକୁ ଖାଇଲେ ଶରୀରରେ ଅଧିକ ଫ୍ୟାଟ୍ ହୁଏନି ଓ ସହଜରେ ହଜମ ହୋଇଥାଏ।

**ଟମାଟୋ, ପାଳଙ୍ଗ–** ଟମାଟୋରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ପାଳଙ୍ଗରେ ପୋଟାସିୟମ, ମ୍ୟାଗ୍ନେସିୟମ ଓ ଫୋଲେଟ୍ ପ୍ରଚୁର ମାତ୍ରାରେ ରହିଛି। ତେଣୁ ଏହି ଖାଦ୍ୟ ଉଚ୍ଚ ରକ୍ତଚାପ ରୋଗୀଙ୍କ ନିମନ୍ତେ ବହୁତ ଭଲ। ଏସବୁ ବ୍ୟତୀତ ଡାର୍କ ଚକୋଲେଟ୍, ଦହି, ତରଭୁଜ ଓ ଅଳସୀ ମଧ ଏମାନଙ୍କ ପାଇଁ ବହୁତ ଭଲ ଖାଦ୍ୟ ହୋଇଥାଏ। ତେଣୁ ନିୟମିତଭାବେ ଏସବୁ ଖାଦ୍ୟକୁ ସାମିଲକରିବା ଦରକାର।

# କେମିତି ବିତୁଛି ସମୟ...

**ଖରାଛୁଟି ପାଇଁ ଏବେ ପୂରା ସମୟ ଘରେ ରହୁଛନ୍ତି ପିଲା। ଏଥିପାଇଁ ବଦଳିଯାଇଛି ମା'ମାନଙ୍କ ରୁଟିନ୍ ଲାଇଫ୍। ସବୁ କାମ ଠିକ୍ ସମୟରେ କିପରି ହୋଇପାରିବ ସେହି ଚେଷ୍ଟାରେ ଅଛନ୍ତି, ଆଉ ସେହି ଅନୁସାରେ ଟାଇମ୍ ମ୍ୟାନେଜମେଣ୍ଟ ବି କରୁଛନ୍ତି...**





ସ୍କୁଲ ଛୁଟି ଥିବାରୁ ଏବେ ମା'ମାନଙ୍କ ଦାୟିତ୍ୱ ଢେର୍ ଅଧିକ ହୋଇଯାଇଛି। ପିଲାଙ୍କ ରୁଟିନ୍ ଲାଇଫ୍ ତ ବଦଳିଯାଇଛି, ତାଙ୍କ ସହିତ ଟାଇମ୍ ମ୍ୟାନେଜମେଣ୍ଟ କରୁଛନ୍ତି ମହିଳା। ଛୁଟିରେ ଯେମିତି ପିଲାଙ୍କ ପାଠପଢ଼ା ପୁରା ବନ୍ଦ ନ ହେବ ସେଥିପ୍ରତି ଦୃଷ୍ଟିଦେବା ସହିତ ସେମାନଙ୍କ କ୍ରିଏଟିଭିଟି ବଢାଇବାର ଚିନ୍ତା ବି ରହିଛି। ଏହା ଭିତରେ ସ୍କୁଲ ଖୋଲିବା ପୂର୍ବରୁ ସବୁ ପ୍ରସ୍ତୁତି ବି କରିବାକୁ ପଡୁଛି। ତେଣୁ ମହିଳାଙ୍କ ପାଇଁ ଏସବୁ ମ୍ୟାନେଜ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଛି। ଛୁଟି ସମୟକୁ ପିଲାମାନେ କିଭଳି ଉପଯୋଗ କରିବେ ସେଥିପ୍ରତି ସବୁବେଳେ ଦୃଷ୍ଟି ରଖିଥାନ୍ତି ମା'ମାନେ। ତେଣୁ ପିଲାଙ୍କୁ ବାରମ୍ବାର ସଚେତନ କରିବା ସହ ସେମାନଙ୍କ କାମକୁ ପରିବର୍ତ୍ତିତ କରିବା ପାଇଁ ବି ଚେଷ୍ଟା କରନ୍ତି। ଅର୍ଥାତ୍ ଛୁଟି ହୋଇଥିଲେ ବି ଘରେ ସବୁଦିନ ଠିକ୍ ସମୟରେ ନିତ୍ୟକର୍ମ କରିବା, ହଲିଡେ ହୋମ୍‌ୱାର୍କ କରିବା, ଖେଳିବା ଇତ୍ୟାଦି କରିବାକୁ ହେବ। ଏସବୁ କାମ କେଉଁ ସମୟରେ କରିବେ ସେମାନଙ୍କୁ ଜଣାଇବାକୁ ହୁଏ ମା'ମାନଙ୍କୁ। ସ୍କୁଲ ଛୁଟି ପାଇଁ ପିଲାମାନେ ପ୍ରଥମେ ନିଜ ଶୋଇବା ଟାଇମ୍ ବଦଳାଇ ଦିଅନ୍ତି। ସକାଳୁ ଶୀଘ୍ର ଉଠନ୍ତି ନାହିଁ। ହେଲେ ଅଧିକ ବିଳମ୍ବ ହେଲେ ନିତ୍ୟକର୍ମର ସମୟ ଏପଟସେପଟ ହୋଇଯିବ, ସେଥିପାଇଁ ସେମାନେ ସଚେତନ ରହିବା ସହ ପିଲାଙ୍କୁ ଉଠାନ୍ତି। ଆଉ ତା'ପରେ ଅନ୍ୟ କ'ଣ ସବୁ କାମ କରି ଛୁଟିରେ କ୍ୱାଲିଟି ଟାଇମ୍ ବିତାଇପାରିବେ ସେଥିପ୍ରତି ନଜର ରଖୁଛନ୍ତି। ଏସବୁ ଭିତରେ ଗୃହିଣୀ ଓ କର୍ମଜୀବୀ ମହିଳା କିଭଳି ସମୟ କଟାଉଛନ୍ତି ସେନେଇ କେତେଜଣ ଯାହା କୁହନ୍ତି...

## ଏମାନେ କ'ଣ କରନ୍ତି

**କାମ ବଢ଼ିଛି:** ପିଲାଙ୍କର ଛୁଟି ବୋଲି ଏବେ ମତେ ଅଧିକ ସମୟ କାମ କରିବାକୁ ପଡୁଛି। କାହିଁକିନା ବଡ଼ ପୁଅ ସମର କୋର୍ସରେ ଜଏନ୍ କରିଛି। ତେଣୁ ତାକୁ ଶୀଘ୍ର ୫ଟାରୁ ଉଠାଇବାକୁ ପଡୁଛି। ସେ ପ୍ରସ୍ତୁତ ହୋଇଯିବା ପରେ ସାନପୁଅ ୭ଟାରେ ଟ୍ୟୁଶନ ଯିବ। ତେଣୁ ତାକୁ ଉଠାଇ ପ୍ରସ୍ତୁତ କରିବା ପରେ ଘର କାମ କରୁଛି। ସବୁଦିନିଆ ନିତ୍ୟକର୍ମ ସାରିବା ବେଳକୁ ପିଲାମାନେ ଘରକୁ ଫେରିବେ, ସେମାନଙ୍କ ପାଇଁ ଜଳଖିଆ, ପୁଣି ରୋଷେଇ କରୁଛି। ତା' ଭିତରେ ପିଲାମାନେ ଉଠି ଖେଳୁଛନ୍ତି କ'ଣ କରୁଛନ୍ତି ସେଥିପ୍ରତି ନଜର କରିବାକୁ ପଡୁଛି। ଘରର ଅନ୍ୟ ସବୁ କାମ ବି କରୁଛି। କିଏ କ'ଣ ଖାଇବ, କେତେବେଳେ ପଢ଼ିବ ଆଉ କେତେବେଳେ ଖେଳିବାକୁ ଯିବ ସେସବୁ ଜଗିବାକୁ ପଡୁଛି। ତେଣୁ ଏବେ ମୋ କାମ ବହୁତ ବଢ଼ିଯାଇଛି।

*– ସୀମାରାଣୀ ସାହୁ, ଗୃହିଣୀ, ଟୋଲଙ୍ଗପାଟିଆ, ଯାଜପୁର*

**ସବୁ ପିଲାଙ୍କ ପାଇଁ:** ପିଲାଙ୍କ ସୁବିଧା ପାଇଁ ତ ସବୁ କାମ କରୁଛି। କେତେବେଳେ ଅନ୍‌ଲାଇନ କ୍ଲାସ୍ ହେବ, କେତେବେଳେ ଟ୍ୟୁଶନ ଯିବ ଆଉ ପିଲାଙ୍କର ହୋମ୍‌ୱାର୍କ କରିବା, ଟିଭି ଦେଖିବା, ଖେଳିବା ସବୁ କଥା ପ୍ରତି ନଜର ରଖୁଛି। ନ ହେଲେ ସେମାନେ ମନଇଚ୍ଛା କାମକରି ସବୁ ଟାଇମ୍ ଏପଟସେପଟ କରିଦେବେ। ଦିନ ସାରା ସେମାନଙ୍କ ପଛରେ ମୋର ସବୁଠୁ ବେଶି ସମୟ ଯାଉଛି। ତା' ଛଡ଼ା ଏବେ ଛୁଟି ଆଉ ଅଳ୍ପଦିନ ଅଛି। ଏବେଠୁ ସ୍କୁଲ ଖୋଲିବା ପାଇଁ ସବୁ ପ୍ରସ୍ତୁତି କରୁଛି। ସ୍କୁଲ ବ୍ୟାଗ୍, ୟୁନିଫର୍ମ, ଜୋତା ଆଦି ସବୁ କିଣାକିଣି କେମିତି ହେବ ସେଥିପ୍ରତି ଚେଷ୍ଟା କରୁଛି। ଏବେଠୁ ସବୁ କରି ରଖିବା ପରେ ସମସ୍ତେ ମିଶି ଗାଁକୁ ଯିବୁ। ଆସିବା ବେଳକୁ ସ୍କୁଲ ଖୋଲିଥିବ, ତେଣୁ ସବୁ ସଜାଡ଼ି ଦେଉଛି।

*– ଈଶ୍ୱରାମ୍ବା ପ୍ରିୟଦର୍ଶିନୀ ସାହୁ, ଗୃହିଣୀ, ତାଳଚେର, ଅନୁଗୋଳ*

**କାମ ବାଣ୍ଟି ଦେଇଛି:** ପିଲାମାନେ ଛୁଟିରେ ବେଶି ସମୟ ଘରେ ରହି ବୋର୍ ନ ହେବା ପାଇଁ ସେମାନଙ୍କୁ ବିଭିନ୍ନ ପ୍ରକାର କାମ ଦେଇଛି। ପୁଅକୁ ସବୁଦିନ ବାଡ଼ିରୁ ଫୁଲ ତୋଳିବା ଦାୟିତ୍ୱ ଦେଇଛି। ତା' ଛଡ଼ା ଘର ସଜାଡ଼ିବା, ଲୁଗାପଟା ସଜାଡ଼ି ରଖିବା ଭଳି ବିଭିନ୍ନ କାମ ବି ସେମାନଙ୍କ ଦ୍ୱାରା କରାଇ ଦେଉଛି। ହେଲେ ସବୁ କାମରେ ମତେ ଜଗିବାକୁ ପଡୁଛି ଆଉ ଠିକ୍ ଭାବରେ କଲେ କି ନାହିଁ ଦେଖୁଛି। ଏହାଦ୍ୱାରା ମୋର କାମ ଟିକେ ହାଲ୍‌କା ହେବା ସହ ସେମାନେ ବି କାମ ଶିଖିପାରୁଛନ୍ତି, ଯାହା ସେମାନଙ୍କ ଭବିଷ୍ୟତରେ କାମରେ ଆସିବ।

*– ଅର୍ଚ୍ଚନା ମିଶ୍ର, ଗୃହିଣୀ, ଲେବର କଲୋନି, ଖାରବେଳନଗର, ଭୁବନେଶ୍ୱର*

**ଛୁଟିରେ ମଜା:** ମୁଁ ଅଫିସ ଯିବା ପରେ ଛୁଟିରେ ମୋ ପିଲା ଘରେ ଅଧିକାଂଶ ସମୟ ଏକା ରହୁଥିଲା। ସେଥିପାଇଁ ତା' ପିଉସୀ ଓ ଭାଇକୁ ଆମ ଘରକୁ ଡକାଇ ଦେଇଛି। ଏବେ ମତେ ଆଉ ବେଶି କିଛି କରିବାକୁ ପଡୁନାହିଁ। ଛୁଆମାନେ ଖୁସିରେ ସେମାନଙ୍କ ସୁବିଧାରେ ସବୁ କାମ କରୁଛନ୍ତି। ଆଉ ମୁଁ ଯିବା ପରେ ତା' ପିଉସୀ ସେମାନଙ୍କ ଖିଆପିଆ ଓ ଅନ୍ୟ ସବୁ ଖବର ବୁଝୁଛନ୍ତି। ତେଣୁ ମୋର ଏବେ ପୂରା ଆରାମ। ଆଉ ଛୁଟିରେ ପାଠପଢ଼ା ଯେମିତି ପୂରା ବନ୍ଦ ନ ହେବ ସେଥିପାଇଁ ଘରକୁ ଜଣେ ଟ୍ୟୁଶନ କରିବାକୁ ଆସୁଛନ୍ତି। ସପ୍ତାହକୁ ଥରେ ଆମେ ମିଶିକି ବାହାରକୁ ବୁଲିବାକୁ ଯାଇ ଖିଆପିଆ କରି ଆସୁଛୁ। ତେଣୁ ଛୁଟିରେ ବେଶ୍ ମଜାରେ ସମସ୍ତେ ସମୟ କଟାଉଛନ୍ତି।

*– ରୀତାଞ୍ଜଳି ପୃଷ୍ଟି, କର୍ମଜୀବୀ, ଗୋଡ଼ିପାଟଣା, ଶଙ୍ଖଚିଲା, ଯାଜପୁର*

**ରଜରେ ଗାଁକୁ ଯିବି:** ଛୁଟିରେ ବହୁତ କିଛି କାମ ସାରିବାକୁ ପଡୁଛି। ଦୁଇ ଝିଅଙ୍କୁ ଟ୍ୟୁସନ୍‌ରେ ଛାଡିବା ଓ ସେମାନେ ହୋମୱାର୍କ କରିଲେ କି ନାହିଁ ଦେଖୁଛି। ଗଣିତର ବିଭିନ୍ନ ବିଷୟ ରିଭିଜନ କରିବା ପାଇଁ ଦୁଇଜଣଙ୍କୁ ବୈଦିକ ଗଣିତର ଶିକ୍ଷା ଦେବାକୁ ଜଣେ ସାର୍‌ଙ୍କୁ ଘରକୁ ଦୁଇମାସ ପାଇଁ ଡାକିଛି। ସିଏ ପଢାଇ ସାରି ଯିବା ପରେ ମୁଁ ସେମାନଙ୍କୁ ପୁଣିଥରେ ସେସବୁ ଗଣିତ ବୁଝିଛନ୍ତି କି ନାହିଁ ଦେଖୁଛି। ଏଥିପାଇଁ ଅଫିସରୁ ଫେରିବା ପରେ ସବୁଦିନ ତାଙ୍କ ପାଠପଢା ବିଷୟରେ ତାଙ୍କ ପାଖରେ କିଛି ସମୟ ବସି ପଚାରୁଛି। ଘରର ଅନ୍ୟ ସବୁ କାମ ଭିତରେ ଏସବୁ କାମ ମତେ ଟିକେ ଅଧିକ ହେଉଛି। ହେଲେ ରଜବେଳକୁ ୧୦ଦିନ ପାଇଁ ସବୁ କ୍ଲାସ୍ ବନ୍ଦକରି ଆମେ ଗାଁକୁ ବୁଲିବାକୁ ଯିବୁ। ସେତିକିବେଳେ ସବୁ ବୁଲାବୁଲି ଆଉ ମଜା କରିବୁ।

*– ସୁଚିତ୍ରା ମହାନ୍ତି, ଗୃହିଣୀ, ପିଏନଜି କ୍ଲିନିକ୍, କଟକ*


ଅର୍ଚ୍ଚନା ମିଶ୍ର


ଈଶ୍ୱରାମ୍ବା ପ୍ରିୟଦର୍ଶିନୀ


ରୀତାଞ୍ଜଳି ପୃଷ୍ଟି


ସୀମା ରାଣୀ ସାହୁ


ସୁଚିତ୍ରା ମହାନ୍ତି









ସୌନ୍ଦର୍ଯ୍ୟ

# ହେୟାର କେୟାର



**ଆଜିକାଲି ଅଧିକାଂଶ ମହିଳାଙ୍କ କେଶ ଉପୁଡ଼ିବା ସମସ୍ୟା ଦେଖାଦେଉଛି। ତେବେ ଘରୋଇ ଉପାୟରେ ମଧ ଏହି ସମସ୍ୟାର ସମାଧାନ କରାଯାଇପାରିବ...**

- କେଶ ଝଡ଼ିବା ସମସ୍ୟା ଦୂରକରିବା ପାଇଁ ପିଆଜ ରସ ବହୁ ଭଲ କାମ ଦେଇଥାଏ। ପିଆଜ ରସରେ ସଲ୍‌ଫର ଅଛି ଯାହା କେଶ ବୃଦ୍ଧିକରିବା ସହ ନୂଆ କେଶ ଉଠିବାରେ ମଧ ସହାୟକ ହୋଇଥାଏ। ତେଣୁ ପିଆଜକୁ ବାଟି ତା'ର ରସ ବାହାରକରି କେଶ ମୂଳରେ ଓ ଚନ୍ଦା ହୋଇଥିବା ସ୍ଥାନରେ ଲଗାଇ ଅଧଘଣ୍ଟା ଛାଡ଼ି ଦିଅନ୍ତୁ। ଶୁଖିଯିବା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୨ଥର ଏପରି କରନ୍ତୁ, କିଛିଦିନ ପରେ କେଶ ଝଡ଼ିବା ସମସ୍ୟା କମ୍ ହେବା ସହ ନୂଆ କେଶ ଉଠିବ।
- ଅଁଳା ଖାଇଲେ କେଶର ବିଭିନ୍ନ ସମସ୍ୟା ଦୂର ହୋଇଥାଏ। ତେବେ କେଶ ମଜଭୁତ କରିବାକୁ ଚାହୁଁଥିଲେ ଅଁଳାକୁ ଗୁଣ୍ଡକରି ନଡ଼ିଆତେଲରେ ମିଶାଇ କିଛି ସମୟ ଗରମ କରନ୍ତୁ। ଏହାକୁ ଥଣ୍ଡାକରି କେଶମୂଳରେ ଲଗାନ୍ତୁ। ସପ୍ତାହକୁ ୨ଥର ଏପରି କଲେ ଧୀରେ ଧୀରେ କେଶ ଅଧିକ ମଜଭୁତ ହେବା ସହ କଳା ଓ ଘନ ହେବ।



- କେଶ ନିମନ୍ତେ ଆଉ ଏକ ଭଲ ପୋଷଣ ହେଉଛି ଆଲୋଭେରା। କେଶ ଝଡ଼ିବା ସମସ୍ୟାକୁ ଏହା ବହୁ ପରିମାଣରେ କମ୍ କରିଥାଏ। ତେଣୁ ଏଲୋବେରା ଜୁସ୍ ବାହାର କରି ସଙ୍ଗେ ସଙ୍ଗେ ଏହାକୁ କେଶମୂଳରେ ଲଗାନ୍ତୁ। ୧ ଘଣ୍ଟା ପରେ କେଶ ଧୋଇଦିଅନ୍ତୁ। ସପ୍ତାହକୁ ୩ଥର ଏପରି କରନ୍ତୁ, ଦେଖିବେ କିଛିଦିନ ପରେ କେଶ ସମସ୍ୟା ଦୂର ହୋଇଯିବ।
- କେଶରେ କେମିକାଲ ପ୍ରଡକ୍ଟ ବ୍ୟବହାର କମ୍ କରନ୍ତୁ ଓ ପ୍ରଦୂଷଣରୁ ରକ୍ଷା କରନ୍ତୁ। କେଶ ଝଡ଼ିବା ସମସ୍ୟା କମ୍ ହେବ।



ଖାଦ୍ୟରୁଚି // **ସୋୟା କୋପ୍ତା କରି**



**ଆବଶ୍ୟକ ସାମଗ୍ରୀ:** ସୋୟାବିନ ୧ ବଡ଼ କପ୍, ବୁଟଡାଲି ୧ କପ୍, ସିଝା ଆଳୁ ୧ଟି, ରସୁଣ ୪ ରୁ ୫ କୋଳା, କଞ୍ଚାଲଙ୍କା ୩–୪ଟି, ପିଆଜ ୧ଟି ବଡ଼, ଜିରାଗୁଣ୍ଡ ୨ ଚାମଚ, ଧନିଆଗୁଣ୍ଡ ୧ ଚାମଚ, ଲଙ୍କାଗୁଣ୍ଡ ୧ ଚାମଚ, ଗରମ ମସଲା ୧ ଚାମଚ, ଗୁଜୁରାତି, ୨ଟି, ଲବଙ୍ଗ ୪ଟି, ଡାଲଚିନି ଖଣ୍ଡେ, ଅଦା ରସୁଣ ପେଷ୍ଟ ୨ ଚାମଚ, ଟମାଟୋ ଶସ୍ ୧ ଚାମଚ, ଧନିଆପତ୍ର ଅଳ୍ପ, ଆବଶ୍ୟକ ଅନୁସାରେ ଲୁଣ, ହଳଦୀ ଓ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସୋୟାବିନ୍‌କୁ ଗରମ ପାଣିରେ ୧୫ ମିନିଟ୍ ଭିଜାଇ ରଖନ୍ତୁ। ଏହାପରେ ସୋୟାବିନ୍‌କୁ ଭଲଭାବେ ଧୋଇ ଚିପୁଡ଼ି ଗ୍ରାଇଣ୍ଡରରେ ଦରଦର ପିସା ବାଟି ଦିଅନ୍ତୁ। ବୁଟଡାଲିକୁ ୫ ଘଣ୍ଟା ଭିଜାଇ ପାଣିରୁ ଛାଣି ସେଥିରେ ରସୁଣ, କଞ୍ଚାଲଙ୍କା ମିଶାଇ ବାଟି ଦିଅନ୍ତୁ। ଏବେ ଏଥିରେ ସୋୟାବିନ୍ ଓ ପିଆଜକୁ ଛୋଟ ଛୋଟ କାଟି ପକାନ୍ତୁ। ଧନିଆପତ୍ର, ଲୁଣ, ଜିରାଗୁଣ୍ଡ, ହଳଦୀଗୁଣ୍ଡ ଓ ଲଙ୍କାଗୁଣ୍ଡ ମିଶାଇ ଗୋଳାନ୍ତୁ। ଏବେ ଏହାକୁ ଛୋଟ ଛୋଟ ଗୋଲକରି ଗରମ ତେଲରେ ଛାଣିଦିଅନ୍ତୁ।

ଏବେ ଆଉ ଏକ କଡ଼େଇରେ ୧ ଚାମଚ ତେଲ ପକାଇ ସେଥିରେ ଗୋଟିଏ ଅଳେଇଚ, ଗୁଜୁରାତି, ଲବଙ୍ଗ ଓ ଡାଲଚିନି ପକାଇ ଅଳ୍ପ ଭାଜି ଦିଅନ୍ତୁ। ଏଥିରେ କଟାହୋଇଥିବା ଏକ ଟମାଟୋ, ଅଦାରସୁଣ ପେଷ୍ଟ ଓ ଲୁଣ, ହଳଦୀ ମିଶାନ୍ତୁ। ସେଥିରେ ଜିରାଗୁଣ୍ଡ, ଲଙ୍କାଗୁଣ୍ଡ ଓ ସିଝାଆଳୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏଥିରେ ଅଳ୍ପ ଟମାଟୋ ସସ୍ ପକାଇ ଭଲଭାବେ କଷାଇ ସେଥିରେ ପାଣି ଦେଇ ଫୁଟାନ୍ତୁ। କିଛି ସମୟ ଫୁଟିବା ପରେ ସେଥିରେ ଛଣା ହୋଇ ରହିଥିବା ସୋୟା କଟ୍‌ଲେଟ୍‌ଗୁଡିକୁ ପକାଇ ଅଳ୍ପ ସମୟ ଫୁଟାଇ ଓହ୍ଲାଇ ଦିଅନ୍ତୁ। ଏବେ ଏଥିରେ ଗରମ ମସଲା ଓ ଧନିଆପତ୍ର ପକାଇ ଓହ୍ଲାଇ ଦିଅନ୍ତୁ।

ଧରିତ୍ରୀ 51 Years
ଧରିତ୍ରୀ DHARITRI



# କିଙ୍ଗ୍ସ ବନାମ ଚ୍ୟାଲେଞ୍ଜର୍ସ



ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସୋମବାର ଟ୍ରଫି ସହ ଦୁଇ ଦଳର ଅଧିନାୟକ ଶ୍ରେୟସ ଆୟର ଓ ରଜତ ପାଟିଦାର।

## ଆଇପିଏଲ୍ ଫାଇନାଲ ଆଜି

### ୧୮ଶ ସଂସ୍କରଣରେ ହେବେ ନୂଆ ବିଜେତା

**ଅହମଦାବାଦ, ୨।୬ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୫ର ମେଗା ଫାଇନାଲ ମଙ୍ଗଳବାର ଏଠାରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ। ଆରସିବି କିମ୍ବା ପଞ୍ଜାବ ପୂର୍ବରୁ କେବେହେଲେ ଆଇପିଏଲ୍ ଟାଇଟଲ ହାସଲ କରି ନାହାନ୍ତି। ତେଣୁ ୧୮ଶ ସଂସ୍କରଣରେ ଆଇପିଏଲ୍‌କୁ ମିଳିବ ନୂଆ ବିଜେତା। ବିରାଟ କୋହଲିଙ୍କ ଜର୍ସି ନମ୍ବର ହେଉଛି ୧୮। ପାଖାପାଖି ଦୁଇ ଦଶନ୍ଧି ଧରି ଏହି ତାରକା ବ୍ୟାଟର ହାତରେ ଟ୍ରଫି ଧରିବାକୁ ଅପେକ୍ଷା କରି ରହିଛନ୍ତି। ବିରାଟ କ୍ୟାରିୟରର ୪ର୍ଥ ଆଇପିଏଲ୍ ଫାଇନାଲ ଖେଳିବାକୁ ଯାଉଛନ୍ତି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ହଜାର ହଜାର ଦର୍ଶକଙ୍କୁ ୧୮ ନମ୍ବର ଜର୍ସି ପିନ୍ଧିଥିବା ଦେଖିବାକୁ ମିଳିବ। ତେଣୁ ୧୮ଶ ସଂସ୍କରଣରେ ଟାଇଟଲ ଜିତି ବିଭିନ୍ନ ଦୃଷ୍ଟିକୋଣରୁ ଆଇପିଏଲ୍‌କୁ ସ୍ମରଣୀୟ କରିବା ଆଶାରେ ରହିଛି ଆରସିବି।

ପୂର୍ବରୁ ଆରସିବି ୨୦୦୯, ୨୦୧୧ ଓ ୨୦୧୬ରେ ଫାଇନାଲ ଖେଳିଥିଲେ ହେଁ ରନରଅପ୍‌ରେ ସନ୍ତୁଷ୍ଟ ରହିଥିଲା। ଅନ୍ୟପକ୍ଷରେ ପଞ୍ଜାବ ୨୦୧୪ରେ ରନରଅପ୍ ହୋଇଥିଲା। କୋହଲି ଅନ୍ତର୍ଜାତୀୟ ଟି୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ନେଇ ଯାଇଥିବାରୁ ଆଉ ଅଧିକ ସମୟ ପଡ଼ିଆରେ ଦେଖିବାକୁ ମିଳିବେ ନାହିଁ। ତେଣୁ ତାଙ୍କ ଖେଳ ଦେଖିବା ପାଇଁ ଦର୍ଶକଙ୍କ ଭାବାବେଗ ବଢ଼ିବା ସ୍ୱାଭାବିକ। କ୍ୱାଲିଫାୟର-୧ରେ ଆରସିବି ୮ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଥିଲା। ତେଣୁ ଦଳଠାରୁ ସେପରି ଆଉଏକ ଶ୍ରେଷ୍ଠ ପ୍ରଦର୍ଶନ ଆଶାରେ ରହିବେ କୋହଲିଙ୍କ ପ୍ରଶଂସକ। ପ୍ରତି ବର୍ଷ ଭଳି କୋହଲି ଚଳିତ ବର୍ଷ ମଧ୍ୟ ପ୍ରଚୁର ରନ ସଂଗ୍ରହ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୬୧୪ ରନ ସ୍କୋର କରି ଫର୍ମରେ ଥିବାର ପରିଚୟ ଦେଇଛନ୍ତି। ଏହି ସୁପରଷ୍ଟାରଙ୍କ ବ୍ୟତୀତ ଫିଲ୍ ସଲ୍ଟ, ମୟଙ୍କ ଅଗ୍ରୱାଲ, ଅଧିନାୟକ ରଜତ ପଟିଦାର ଓ ଜୀତେଶ ଶର୍ମାଙ୍କୁ ନେଇ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ରହିଛି। ଆହତ ସମସ୍ୟା ଯୋଗୁ ଗତ ୨ଟି ମ୍ୟାଚରେ ଖେଳିପାରି ନ ଥିବା ଟିମ୍ ଡାଭିଡ ଯଦି ଫିଟ୍ ହୁଅନ୍ତି ତେବେ ଡେଥ୍ ଓଭରରେ ସେ ଓ ରୋମାରିଓ ଶେଫର୍ଡ ଦଳକୁ ବହୁ ଫାଇଦାରେ ରଖି ପାରିବେ। ବ୍ୟାଟିଂରେ କୋହଲିଙ୍କ ଭଳି ବୋଲିଂରେ ଜୋଶ ହାଜେଲଉଡ୍ ୨୧ଟି ଉଇକେଟ ନେଇ ଆରସିବି ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି। ଏହି ଅଷ୍ଟ୍ରେଲୀୟ ଖେଳାଳିଙ୍କଠାରୁ ଆରସିବି ଆଉ ଏକ ଶ୍ରେଷ୍ଠ ପ୍ରଦର୍ଶନ ଆଶା କରିବ।

ଅନ୍ୟପକ୍ଷରେ କ୍ୱାଲିଫାୟର-୧ରେ ହାରିବା ପରେ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କ୍ୱାଲିଫାୟର-୨ରେ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇ ଦକ୍ଷତା ଦେଖାଇଛି। ଦୀର୍ଘ ୧୧ ବର୍ଷ ପରେ ପଞ୍ଜାବ ଫାଇନାଲରେ ପ୍ରବେଶ କରିଛି। ଅଧିନାୟକ ଆୟର ଓ କୋଚ୍ ରିକି ପଣ୍ଟିଂଙ୍କ କମ୍ବିନେଶନ ବେଶ୍ ଜମିଛି। ଆୟର ଗତବର୍ଷ ନିଜ ନେତୃତ୍ୱରେ କୋଲକାତା ନାଇଟ ରାଇଡର୍ସକୁ ଚାମ୍ପିୟନ କରାଇଥିଲେ। ସେ ମଧ୍ୟ ଚମତ୍କାର ଫର୍ମରେ ଥାଇ ୬୦୩ ରନ ସଂଗ୍ରହ କରି ସାରିଛନ୍ତି। ଆଇପିଏଲ୍‌ର ୧୮ ବର୍ଷ ଇତିହାସରେ ସେ ଏକମାତ୍ର ଅଧିନାୟକ ଭାବେ ୩ଟି ଭିନ୍ନଭିନ୍ନ ଦଳକୁ ଫାଇନାଲରେ ପହଞ୍ଚାଇଛନ୍ତି। ତୃତୀୟ ଦଳଟି ହେଉଛି ଦିଲ୍ଲୀ କ୍ୟାପିଟାଲ୍ସ। କିଛି ମାସତଳେ ପଞ୍ଜାବ ଦଳରେ ସାମିଲ ହୋଇଥିବା ଆୟର ନିଜ ନୂଆ ଫ୍ରାଞ୍ଚାଇଜ୍ ଦଳକୁ ଟ୍ରଫି ଜିତାଇବାକୁ ଭୋକିଲା ଅଛନ୍ତି। ଆୟରଙ୍କ ସହ ପ୍ରଭସିମରନ ସିଂ, ଜୋଶ ଇଂଲିଶ୍, ପ୍ରିୟଂଶ ଆର୍ଯ୍ୟ ଓ ଶଶାଙ୍କ ସିଂଙ୍କୁ ନେଇ ପଞ୍ଜାବ ଦଳର ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଆକ୍ରମଣାତ୍ମକ। ମର୍କୁସ ଜାନସେନଙ୍କ ଅନୁପସ୍ଥିତିରେ ଦଳର ବୋଲିଂ ବିଭାଗ ସାମାନ୍ୟ ଦୁର୍ବଳ ମନେହେଉଥିଲେ ହେଁ ମୁମ୍ବାଇକୁ ହରାଇବାପରେ ଦଳର ମନୋବଳ ବହୁ ଉପରେ ରହିଛି। ସ୍ପିନର ୟୁଜବେନ୍ଦ୍ର ଚହଲ ଏବେ ମଧ୍ୟ ହାତରେ ଆଘାତଜନିତ ସମସ୍ୟାରେ ଥିଲେ ହେଁ ନିଜ ପୂର୍ବ ଫ୍ରାଞ୍ଚାଇଜ୍ ଆରସିବି ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ଲକ୍ଷ୍ୟରେ ରହିବେ।

ଫାଇନାଲରେ ବର୍ଷା ହେବାର କୌଣସି ପୂର୍ବାନୁମାନ ନାହିଁ। ଯଦି ହୁଏ ତେବେ ଅତିରିକ୍ତ ୧୨୦ ମିନିଟରେ ଖେଳ ଶେଷ କରାଯିବାକୁ ଉଦ୍ୟମ କରାଯିବ। ଏହା ନ ହୋଇପାରିଲେ ରିଜର୍ଭ ଡେ'ରେ ଖେଳ ହେବ।



ଆଇପିଏଲ୍ ଫାଇନାଲ ପୂର୍ବରୁ ସୋମବାର ବିରାଟ କୋହଲିଙ୍କ ଅଭ୍ୟାସ।

## ଶୁକ୍ଳା ବିସିସିଆଇ କାର୍ଯ୍ୟକାରୀ ସଭାପତି ହେବେ

**ନୂଆଦିଲ୍ଲୀ, ୨।୬ (ପି.ଟି.):** ଆସନ୍ତାବର୍ଷ ରୋଜର ବିନ୍ନି ୭୦ ବର୍ଷ ବୟସରେ ପଦାର୍ପଣ କରିବେ। ତେଣୁ ତାଙ୍କ ସ୍ଥାନରେ ଭେଟେରାନ କ୍ରିକେଟ ପ୍ରଶାସକ ରାଜୀବ ଶୁକ୍ଳା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କାମଚଳା ସଭାପତି ଦାୟିତ୍ୱ ଗ୍ରହଣ କରିବେ। ବିସିସିଆଇ ସୂତ୍ରରୁ ସୋମବାର ଏବିଷୟରେ ସୂଚନା ଦିଆଯାଇଛି। ବିନ୍ନି ୨୦୨୨ରେ ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ବୋର୍ଡ ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ। ଜୁଲାଇ ୧୯ରେ ସେ ୭୦ବର୍ଷ ବୟସରେ ପଦାର୍ପଣ କରିବେ। ଏହାଦ୍ୱାରା ସେ ବିସିସିଆଇ କର୍ମକର୍ତ୍ତାଙ୍କ ଲାଗି ଉଦ୍ଦିଷ୍ଟ ବୟସ ସମୟସୀମା ଅତିକ୍ରମ କରିଯିବେ। ଶୁକ୍ଳାଙ୍କୁ ବର୍ତ୍ତମାନ ୬୫ ବର୍ଷ । ୨୦୨୦ରୁ ସେ ବିସିସିଆଇ ସଭାପତି ରହିଛନ୍ତି। ସେପ୍ଟେମ୍ବରରେ ହେବାକୁଥିବା ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍)ରେ ନିର୍ବାଚନ ହେବ। ଶୁକ୍ଳା ସବୁଠାରୁ ବରିଷ୍ଠ କର୍ମକର୍ତ୍ତା ହୋଇଥିବାରୁ ନିୟମାନୁସାରେ ସେ ପର୍ଯ୍ୟନ୍ତ ବିସିସିଆଇ ମୁଖ୍ୟ ଭାବେ ଦାୟିତ୍ୱ ତୁଲାଇବେ। କଂଗ୍ରେସ ପାର୍ଟିର ଏହି ରାଜ୍ୟ ସଭା ଏମ୍‌ପି ପୂର୍ବରୁ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଚେୟାରମ୍ୟାନ ଭାବେ କାର୍ଯ୍ୟ କରିଛନ୍ତି। ନିକଟ ଅତୀତରେ ସି.ଏସ୍. ଖାନ୍ନା ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ବିସିସିଆଇର କାମଚଳା ସଭାପତି ଭାବେ କାର୍ଯ୍ୟ କରିଛନ୍ତି।

## ମହୀତୋଷଙ୍କୁ ତୃତୀୟ ଆଇଏମ୍ ନର୍ମ

**ଭୁବନେଶ୍ୱର, ୨।୬ (ତପନ ସ୍ୱାଇଁ)**

ଓଡ଼ିଶାର ପ୍ରତିଭାସମ୍ପନ୍ନ ଚେସ୍ ଖେଳାଳି ମହୀତୋଷ ଦେ ତୃତୀୟ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍ ନର୍ମ) ହାସଲ କରିଛନ୍ତି। ନରୱେ ଅପନ୍ ଚେସ୍ ଟୁର୍ନାମେଣ୍ଟରେ ସେ ୨୨୪୦ ଏଲୋରେଟିଂରେ ୪୨ତମ ସ୍ଥାନରେ ରହି ଖେଳ ଆରମ୍ଭ କରିଥିଲେ ଏବଂ ୧୮ତମ ସ୍ଥାନକୁ ଉନ୍ନୀତ ହୋଇ ଏହି ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ସେ ମୋଟ ୬୧.୪୦ ଏଲୋରେଟିଂ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ୯ ରାଉଣ୍ଡ ବିଶିଷ୍ଟ ଟୁର୍ନାମେଣ୍ଟରେ ମହୀତୋଷ ୨ ଗ୍ରାଣ୍ଡମାଷ୍ଟର (ଜିଏମ୍)ଙ୍କୁ ପରାସ୍ତ କରିବା ସହିତ ଅନ୍ୟ ୨ଜଣଙ୍କ ସହିତ ବାଜି ଡ୍ର କରିଛନ୍ତ। ଅନୁରୂପଭାବେ ଜଣେ ଆଇଏମ୍‌ଙ୍କୁ ହରାଇବା ସହିତ ଆଉ ଜଣେ ଆଇଏମ୍‌ଙ୍କ ସହିତ ଖେଳ ଡ୍ର କରିଛନ୍ତି। ମହିଳା ଗ୍ରାଣ୍ଡମାଷ୍ଟର ଜିନଝୁ (୨୫୪୧ ଏଲୋରେଟିଂ)ଙ୍କୁ ହରାଇ ସେ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ଚେସ୍‌ରେ ଆଇଏମ୍ ଟାଇଟଲ ପାଇଁ ୩ଟି ନର୍ମ ଓ ୨୪୦୦ ଏଲୋରେଟିଂ ହାସଲ କରିବାକୁ ପଡ଼ିଥାଏ। ମହୀତୋଷ ସର୍ବିୟାର ଆରେଣ୍ଡ ଜେଲୋଭାକ୍‌ଠାରେ ପ୍ରଥମ ଏବଂ ପୋଲାଣ୍ଡର କ୍ରାକୋ ଅନ୍ତର୍ଜାତୀୟ ଚେସ ଟୁର୍ନାମେଣ୍ଟରେ ଦ୍ୱିତୀୟ ଆଇଏମ୍



ମହୀତୋଷ ଦେ

ନର୍ମ ପାଇଥିଲେ। ମେ ୨୬ରୁ ଜୁନ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ନରୱେ ଓପନ ଚେସ -୨୦୨୫ରେ ଭାଗ ନେଇ ନିଜର ବହୁ ପ୍ରତୀକ୍ଷିତ ତୃତୀୟ ଆଇଏମ୍ ନର୍ମ ହାସଲ କରିଛନ୍ତି। ନରୱେ ଚେସ୍ ପରେ ତାଙ୍କର ଏଲୋରେଟିଂ ୨୩୨୨ରେ ପହଞ୍ଚିଛି। ୨୪୦୦ ଏଲୋରେଟିଂ ଛୁଇଁଲେ ସେ ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିବେ। ଭୁବନେଶ୍ୱର ବମିଖାଲ ସାଇ ବିହାରରେ ରହୁଥିବା ମହୀତୋଷଙ୍କ ମା'ଙ୍କ ନାମ ଅପର୍ଣ୍ଣା ସାମଲ ଓ ବାପା ମଧୁସୂଦନ ଦେ।

## ଫ୍ରେଞ୍ଚ୍ ଓପନ୍

### କ୍ୱାର୍ଟରରେ ଗଫ୍, ପେଗୁଲା ଆଉଟ୍

**ପ୍ୟାରିସ,୨।୬:** ୨୦୨୩ ସଂସ୍କରଣର ୟୁଏସ୍ ଓପନ ଚାମ୍ପିୟନ କୋକୋ ଗଫ ଫ୍ରେଞ୍ଚ ଓପନ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ୱାର୍ଲ୍ଡ ନଂ-୩ ଜେସିକା ପେଗୁଲ ପରାଜୟ ସହ ବିଦାୟ ନେଇଛନ୍ତି। ସୋମବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଗଫ ୬-୦, ୭-୫ ସେଟ୍‌ରେ ୨୦ତମ ସିଡ୍ ଇକାଟେରିନା ଆଲେଜାଣ୍ଡ୍ରୋଭାଙ୍କୁ ହରାଇଛନ୍ତି। ସେହିଭଳି ମିରା ଆଣ୍ଡ୍ରିଭା ୬-୩, ୭-୫ ସେଟ୍‌ରେ ଡାରିଆ କାସ୍କଟକିନଙ୍କୁ ଓ ଆମେରିକାର ମାଡିସନ କିଜ ୬-୩, ୭-୫ ସିଧାସଳଖ ସେଟ୍‌ରେ ହେଲି ବାପ୍ଟିଷ୍ଟେଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚ୍‌ରେ ପେଗୁଲା ୬-୩, ୪-୬, ୪-୬ ସେଟ୍‌ରେ ଫ୍ରାନ୍ସର ଲୋଇସ ବୋଇସନଙ୍କଠାରୁ ପରାସ୍ତ ହୋଇଛନ୍ତି। ପୁରୁଷ ସିଙ୍ଗଲ୍ସ ବିଭାଗରେ ଆଲେକ୍‌ଜାଣ୍ଡର ଜେଭରେଭ ୱାକଓଭର ପାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେ ୬-୪, ୩-୦ ସେଟ୍‌ରେ ଆଗୁଆ ଥିବା ବେଳେ ତାଙ୍କ ପ୍ରତିପକ୍ଷ ଖେଳାଳି ଟାଲନ ଗ୍ରୀକ୍ସପୁର ଇଞ୍ଜୁରି କାରଣରୁ ମ୍ୟାଚ୍‌ରୁ ଓହରି ଯାଇଥିଲେ।

## ସେପ୍ଟେମ୍ବର ୩୦ରୁ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

**ଦୁବାଇ,୨।୬(ପି.ଟି.)**

ଭାରତରେ ହେବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ହେବ। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ଏହି ବିଶ୍ୱକପ୍‌ର ଆୟୋଜନ ଅଧିକାର ଭାରତ ପାଖରେ ରହିଛି। କିନ୍ତୁ ପାକିସ୍ତାନ ଆଇସିସି ଇଭେଣ୍ଟ ଲାଗି ଭାରତ ଗସ୍ତ କରିବାକୁ ରାଜି ନ ଥିବାରୁ ଚାମ୍ପିୟନ୍ସ ଟ୍ରଫି ଭଳି ଏହି ଟୁର୍ନାମେଣ୍ଟ ମଧ୍ୟ ହାଇବ୍ରିଡ ମଡେଲରେ ଖେଳାଯିବ। ଏଥିଯୋଗୁ କଲମ୍ବୋକୁ ବିକଳ୍ପରେ ଅତିରିକ୍ତ ନ୍ୟୁଟ୍ରାଲ ଭେନ୍ୟୁ

### କଲମ୍ବୋ ନ୍ୟୁଟ୍ରାଲ ଭେନ୍ୟୁ

ଭାବେ ସାମିଲ କରାଯାଇଛି। ୮ ଦଳ ବିଶିଷ୍ଟ ଏହି ଇଭେଣ୍ଟ ବେଙ୍ଗାଲୁରୁ, ଗୁଆହାଟି, ଇନ୍ଦୋର, ବିଶାଖାପାଟଣାରେ ଖେଳାଯିବ।

୧୨ ବର୍ଷ ପରେ ଭାରତକୁ ଫେରିବାକୁ ଯାଉଥିବା ମହିଳା ଦିନିକିଆ ବିଶ୍ୱକପ୍ ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଭାରତ ଖେଳିବ। ପ୍ରଥମ ସେମିଫାଇନାଲ ଅକ୍ଟୋବର ୨୯ ତାରିଖରେ ଗୁଆହାଟି କିମ୍ବା କଲମ୍ବୋରେ ହେବ। ଦ୍ୱିତୀୟ ସେମିଫାଇନାଲ ଅକ୍ଟୋବର ୩୦ରେ ବେଙ୍ଗାଲୁରୁରେ ହେବ। ଫାଇନାଲ ମ୍ୟାଚ୍ ପୂର୍ବରୁ ଦୁଇ ଫାଇନାଲିଷ୍ଟଙ୍କୁ ଦୁଇ ଦିନର ସମୟ ମିଳିବ। ଫାଇନାଲ ମ୍ୟାଚ୍ ବେଙ୍ଗାଲୁରୁ କିମ୍ବା କଲମ୍ବୋରେ ନଭେମ୍ବର ୨ ତାରିଖରେ ଖେଳାଯିବ। ଆୟୋଜକ ଭାରତ ବ୍ୟତୀତ ଏହି ଟୁର୍ନାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ, ବାଂଲାଦେଶ, ପାକିସ୍ତାନ, ଇଂଲଣ୍ଡ, ଶ୍ରୀଲଙ୍କା, ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭାଗନେବେ। ଗତ ଏପ୍ରିଲରେ ଅନୁଷ୍ଠିତ ୬ ଦଳ ବିଶିଷ୍ଟ କ୍ୱାଲିଫାୟରରେ ପାକିସ୍ତାନ ଓ ବାଂଲାଦେଶ ଶ୍ରେଷ୍ଠ ଦୁଇ ଦଳ ବିବେଚିତ ହୋଇ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିଥିଲେ।

## ଗୁକେଶଙ୍କଠାରୁ ହାରି ଟେବଲକୁ ମୁଥମାରିଲେ କାର୍ଲସେନ

**ଷ୍ଟାଭାଙ୍ଗର,୨।୬(ପି.ଟି.)**

ୱାର୍ଲ୍ଡ ଚାମ୍ପିୟନ ଡି ଗୁକେଶ ନରୱେ ଚେସ୍ ଟୁର୍ନାମେଣ୍ଟର ଷଷ୍ଠ ରାଉଣ୍ଡରେ ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନଙ୍କୁ ହରାଇଛନ୍ତି। କ୍ଲାସିକ ଫର୍ମାଟରେ କାର୍ଲସେନଙ୍କ ବିପକ୍ଷରେ ଗୁକେଶଙ୍କ ଲାଗି ଏହା ପ୍ରଥମ ବିଜୟ। ପରାଜୟ ପରେ କାର୍ଲସେନ ବିରକ୍ତ ହୋଇ ଟେବୁଲକୁ ମୁଥ ମାରିଥିଲେ। ଏହି ବିଜୟ ଯୋଗୁ ୧୯ ବର୍ଷୀୟ ଗୁକେଶ ୮.୫ ପଏଣ୍ଟ ସହ ପଏଣ୍ଟ ଟେବଲର ତୃତୀୟ ସ୍ଥାନକୁ ଉଠିଛନ୍ତି। ସେ ଏବେ ଶୀର୍ଷରେ ଥିବା କାର୍ଲସେନ ଓ ଆମେରିକୀୟ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନଙ୍କଠାରୁ ୧ ପଏଣ୍ଟ ପଛରେ ରହିଛନ୍ତି।

ମାଗ୍ନସଙ୍କ ବିପକ୍ଷରେ ଏହା ମୋର କ୍ଲାସିକାଲ ଫର୍ମାଟରେ ପ୍ରଥମ ବିଜୟ।

### ନରୱେ ଚେସ୍ ଟୁର୍ନାମେଣ୍ଟ

ମୁଁ ଯେଉଁ ଭଳି ବିଜୟ ଚାହୁଁଥିଲି, ଏହା ସେଭଳି ନ ଥିଲା। କିନ୍ତୁ ମୁଁ ଏହି ବିଜୟରେ ଖୁସି। ଆଜି କାର୍ଲସେନଙ୍କ ଲାଗି ଟ୍ରିକି ଗୋଟି ଚାଳନା କରିବାକୁ ଉଦ୍ୟମ କରିଥିଲି। ଏଭଳି ଖେଳିଲେ ମୁଁ ୧୦୦ରୁ ୯୯ ଥର ପରାଜିତ ହେବି। ଏହା ମୋ ପାଇଁ ଆଜି କେବଳ ଏକ ଶୁଭ ଦିନ ଥିଲା ବୋଲି ଗୁକେଶ କହିଛନ୍ତି। ପ୍ରାୟ ସାଢ଼େ ୪ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ପାଞ୍ଚ ଥରର ୱାର୍ଲ୍ଡ ଚାମ୍ପିୟନ କାର୍ଲସେନ ପୂରା ମ୍ୟାଚ୍‌ରେ ଆଗୁଆ ରହିଥିଲେ। ହେଲେ ତାଙ୍କର ଏକ ତ୍ରୁଟି ଗୁକେଶଙ୍କୁ ମ୍ୟାଚର ଭାଗ୍ୟ ବଦଳାଇବାକୁ ସୁଯୋଗ ଦେଇଥିଲା। କାର୍ଲସେନ ନିଜ ଭୁଲ୍ ବୁଝିପାରିଥିଲେ। କିନ୍ତୁ ସେତେବେଳକୁ ବିଳମ୍ବ ହୋଇଯାଇଥିଲା। ଫଳରେ କାର୍ଲସେନ ବିରକ୍ତ ହୋଇ ଟେବଲକୁ ମୁଥ ମାରିଥିଲେ। ତାଙ୍କ ମୁଥ ଯୋଗୁ ବୋର୍ଡର ସବୁ ଗୋଟି ପଡ଼ିଯାଇଥିଲା। ଶେଷରେ ଗୁକେଶଙ୍କ ସହ ହାତ ମିଳାଇଥିଲେ ପାଞ୍ଚ ଥରର ଚାମ୍ପିୟନ କାର୍ଲସେନ। ଏହି ବିଜୟ ଗୁକେଶ ପ୍ରଥମ ରାଉଣ୍ଡରେ କ୍ଲାସେନଙ୍କଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛନ୍ତି। ଅନ୍ୟ ଭାରତୀୟ ଜିଏମ୍ ଅର୍ଜୁନ ଇରିଗାସି ଆର୍ମାଗେଡନ ଟାଇ-ବ୍ରେକରେ ଚାଇନାର ୱେଇ ୟିଙ୍କୁ ପରାସ୍ତ କରିଛନ୍ତି। ୭.୫ ଲେଖାଏ ପଏଣ୍ଟ ସହ ସେ ଓ ହିକାରୁ ନାକାମୁରା ମିଳିତ ଚତୁର୍ଥ ସ୍ଥାନରେ ଅଛନ୍ତି।




ଗିରୋ ଡି' ଇଟାଲିଆ ସାଇକେଲ ରେସ୍ ଜିତିବାପରେ ଟ୍ରଫି ସହ ବ୍ରିଟେନର ସିମନ ୟେଟ୍ସ।

## ଭାରତ ଦ୍ୱିତୀୟ ସ୍ଥାନରେ

**ନୂଆଦିଲ୍ଲୀ, ୨।୬ (ପି.ଟି.)**

ଡୋପିଂ ଅପରାଧ ପାଇଁ ଯେଉଁ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍ଲେଟମାନେ ପ୍ରତିଯୋଗିତାରେ ଭାଗନେବା ଲାଗି ଅଯୋଗ୍ୟ ସେମାନଙ୍କର ଏକ ତାଲିକା ପ୍ରକାଶ ପାଇଛି। ଏଥିରେ ଭାରତ ଦ୍ୱିତୀୟ ସ୍ଥାନ ବଜାୟ ରଖିଥିବା ଆଥ୍ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପ୍ରକାଶ କରିଛି। ଏଆଇୟୁ ତରଫରୁ ମେ ୩୧ରେ

### ଡୋପିଂ ଅପରାଧ

ପ୍ରକାଶିତ ତାଲିକାରେ ଭାରତର ୧୨୮ଜଣ ଆଥ୍ଲେଟଙ୍କ ନାମ ରହିଛି। ଏଥିରେ କେନିଆ (୧୩୪) ପ୍ରଥମ ସ୍ଥାନରେ ରହିଛି। ଏଆଇୟୁ ମେ ମାସରେ ଯେଉଁ ୧୪ ଜଣ ଆଥଲେଟଙ୍କୁ ଦଣ୍ଡିତ କରିଛି ସେମାନଙ୍କ ମଧ୍ୟରେ କେନିଆର ୫ଜଣ ଓ ଭାରତର ୩ଜଣ ରହିଛନ୍ତି। ଭାରତୀୟ ଟ୍ରାକ୍ ଆଣ୍ଡ୍ ଫିଲ୍ଡ ଆଥ୍ଲେଟମାନଙ୍କ ମଧ୍ୟରେ ଡୋପିଂ ମାମଲା ବୃଦ୍ଧି ପାଉଥିବା ଉଦ୍‌ବେଗର ବିଷୟ। ଏହି ପରିସ୍ଥିତି ଯଦି ଜାରି ରୁହେ ତେବେ ଦେଶ ବାସନ୍ଦର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଡୋପିଂ ମାମଲାର ଦେଖାଚାହାଁ କରିବା ଲାଗି ଆଥ୍ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଗତବର୍ଷ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲା। ଦିଲ୍ଲୀ ସ୍ପେଶାଲ ସେଲ୍ କମିଶନର ସାଗରପ୍ରୀତ୍ ହୁଦା ଏହାର ମୁଖ୍ୟ ରହିଥିଲେ। କମିଟିର ସୁପାରିସ କ୍ରମେ ଡୋପିଂରେ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଥିବା କୋଚ୍ ଓ ତାଲିମ କେନ୍ଦ୍ରଗୁଡ଼ିକୁ ଠାବ କରିବା ଲାଗି ଏକ ଆଣ୍ଟି-ଡୋପିଂ ସେଲ୍ ଗଠନ କରିବା ଏଏଫ୍‌ଆଇ ନିଷ୍ପତ୍ତି ନେଇଥିଲା।




ଡି. ଗୁକେଶଙ୍କଠାରୁ ହାରିବା ପରେ ପ୍ରତିକ୍ରିୟାଶୀଳ ମ୍ୟାଗ୍ନସ କାର୍ଲସେନ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ